ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୮/୨୦୨୩ (୧୬ ପୃଷ୍ଠା) Bhubaneswar, Monday, August 28/2023 Page 16 ₹ 7.00 | BALASORE
୪୯ଶ ଭାଗ ୨୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 273 ମୂଲ୍ୟ ₹୭/-



**୧୭ ବର୍ଷ ପରେ ଅମିତାଭଙ୍କ ସହ ନଜର ଆସିବେ**
ଦୀର୍ଘ ୧୭ ବର୍ଷ ପରେ ବଲିଉଡ୍ ବାଦଶାହା ଶାହାରୁଖ୍ ଖାନ୍‌ଙ୍କୁ ବିଗ୍ ବି ଅମିତାଭ ବଚ୍ଚନଙ୍କ ସହ ଆଗକୁ ଏକ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ।

୧୧

୧୪


**ଦେବାଶିଷଙ୍କୁ ଏକଲବ୍ୟ ପୁରସ୍କାର**
ଟେନିସ ଖେଳାଳି ଦେବାଶିଷ ସାହୁ ଏକଲବ୍ୟ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି।



# ପରଲୋକରେ ଜୟନ୍ତ ମହାପାତ୍ର

ଭୁବନେଶ୍ୱର,୨୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କର ରବିବାର ରାତି ୯ଟାରେ କଟକସ୍ଥିତ ଏସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଜୟନ୍ତ ଉଭୟ ଇଂଲିଶ ଏବଂ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। କଟକର ତିନିକୋଣିଆ ବଗିଚାରେ ଏକ ଖ୍ରିଷ୍ଟିଆନ ପରିବାରରେ ସେ ୨୨ ଅକ୍ଟୋବର ୧୯୨୮ରେ ଜନ୍ମ ଗ୍ରହଣ କରିଥିଲେ। କବି ମହାପାତ୍ର ୧୯୮୧ ମସିହାରେ ତାଙ୍କ କବିତା ପୁସ୍ତକ 'ରିଲେଶନ୍‌ସିପ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଇଂରାଜୀ ଭାଷାରେ ସେ ପ୍ରଥମ ଲେଖକ ଭାବେ ଏହି ପୁରସ୍କାର ଅର୍ଜନ କରିଥିଲେ। କବିତା ପୁସ୍ତକ 'ଇଣ୍ଡିଆନ ସମର୍' ଓ 'ହଙ୍ଗର' ପାଇଁ ସେ ସମଗ୍ର ଦେଶରେ ଚର୍ଚ୍ଚିତ କବି ଭାବେ ପରିଚୟ ହାସଲ କରିଥିଲେ। ସମାଗ୍ରିକ ସାହିତ୍ୟ ସାଧନା ପାଇଁ ତାଙ୍କୁ ୨୦୦୯ରେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ** ଆମ ପିଲା ହୋଇଥିଲେ

# କୁଟୁରା ଇଂଲିଶ ନାମ ପରିବର୍ତ୍ତନରୁ ଦ୍ୱନ୍ଦ୍ୱ

**ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ-୧୯୭୨ରେ କୁଟୁରାକୁ ଇଂଲିଶରେ ବାର୍କିଂ ଡିଅର କୁହାଯାଉଥିଲା। ଏପ୍ରିଲ ୨୦୨୩ରେ ବନ୍ୟପ୍ରାଣୀ ସଂଶୋଧିତ ଆଇନରେ ଏହାର ନାମ ପରିବର୍ତ୍ତନ କରାଯାଇ ମୁଣ୍ଟଜାକ୍ ଡିଅର କରାଯାଇଛି। ତେବେ ଏହାକୁ ୩ଟି ପ୍ରଜାତିରେ ବିଭକ୍ତ କରାଯାଇଥିବାରୁ ଏହି ଆଇନ ଏବେ ଶିକାରୀଙ୍କୁ ସୁହାଇଲା ଭଳି ମନେହେଉଛି।**

ଭୁବନେଶ୍ୱର, ୨୭।୮
(ଅସମାପିକା ସାହୁ)

ସଂଶୋଧିତ ବନ୍ୟପ୍ରାଣୀ ଆଇନ୍‌ରେ କୁଟୁରାର ଇଂଲିଶ ନାମ ପରିବର୍ତ୍ତନକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ନୂଆ ଆଇନ ଅନୁଯାୟୀ ଶିକାରୀଙ୍କୁ ଜାମିନ ମିଳିବା ସହଜ ହୋଇଯିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। କୁଟୁରା ଏକ ବନ୍ୟପ୍ରାଣୀ, ଯାହା ଓଡ଼ିଶାର ପ୍ରାୟ ସବୁ ଜିଲାରେ ଦେଖାଯାଆନ୍ତି। କୁଟୁରାକୁ ଇଂଲିଶରେ ବାର୍କିଂ ଡିଅର(Barking Deer) କୁହାଯାଉଥିଲା ଏବଂ ୨୦୨୩ ଏପ୍ରିଲ ପୂର୍ବରୁ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ଏହା ସିଡ୍ୟୁଲ-୩ ଅନ୍ତର୍ଭୁକ୍ତ ପ୍ରାଣୀ ଥିଲା। ଫଳରେ କୁଟୁରା ଶୀକାର କରି ମାଂସ ଖାଇଲେ ୩ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୨୫ ହଜାର ଟଙ୍କା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ଥିଲା। ହେଲେ ବର୍ତ୍ତମାନ କୁଟୁରାକୁ ଇଂଲିଶ୍‌ରେ ମୁଣ୍ଟଜାକ୍(Muntjac) କୁହାଯାଉଛି। ଗତ ଏପ୍ରିଲ ୧ରେ ସଂଶୋଧିତ ବନ୍ୟପ୍ରାଣୀ ଆଇନ ୧୯୭୨ ଲାଗୁ ହେବା ପରେ ଏବେ କୁଟୁରା ଶିକାର ଏବଂ ମାଂସ ଜବତ ହେଲେ ବନ ବିଭାଗ କିପରି ମାମଲା ରୁଜୁ କରିବ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବାନୁସାରେ, ସଂଶୋଧିତ ଆଇନରେ ଯଦିଓ କୁଟୁରାକୁ ସିଡ୍ୟୁଲ-୧ ତାଲିକାରେ ସ୍ଥାନ ଦିଆଯାଇଛି, କିନ୍ତୁ ଆଗରୁ ଯେଉଁ ଗୋଟିଏ ପ୍ରଜାତି ଭାବରେ ମାମଲା ରୁଜୁ ହେଉଥିଲା, ଏବେ ସେଥିରେ ଅଡୁଆ ରହିଯାଇଛି। କୁଟୁରାକୁ ୩ଟି ପ୍ରଜାତିରେ ବିଭକ୍ତ କରି ନର୍ଦନ ରେଡ୍ ମୁଣ୍ଟଜାକ୍(Northern Red Muntjak), ଲିଫ୍ ମୁଣ୍ଟଜାକ୍(Leaf Muntjak) ଏବଂ ମାଲବାର ରେଡ୍ ମୁଣ୍ଟଜାକ୍(Malabar Red Muntjak) କରାଯାଇଛି। ସଂଶୋଧିତ ତାଲିକାରେ ଏହାକୁ ଯଥାକ୍ରମେ ୬୭, ୬୮ ଓ ୬୯ରେ ରଖାଯାଇଛି। ତେବେ ସମସ୍ୟାଟି ହେଲା କ୍ଷେତ୍ର ବିଶେଷରେ ଏମାନଙ୍କ ଭିତରେ ପ୍ରଭେଦ କରିବା କଷ୍ଟସାଧ ହୋଇପଡ଼ିବ। ଲିଫ୍ ମୁଣ୍ଟଜାକ୍ ସାଧାରଣତଃ ଉତ୍ତର-ପୂର୍ବ ଭାରତରେ ଦେଖାଯାଉଥିବା ବେଳେ ଓଡ଼ିଶାରେ କିନ୍ତୁ ବାକି ଦୁଇଟି ପ୍ରଜାତି ମିଳିବାର ସମ୍ଭାବନା ଅଛି। ଏଠାରେ ଶିକାର ପରେ ବନ କର୍ମଚାରୀମାନେ ତତ୍‌କ୍ଷଣାତ୍ ନର୍ଦନ ରେଡ୍ ମୁଣ୍ଟଜାକ୍ କିମ୍ବା ମାଲବାର ରେଡ୍ ମୁଣ୍ଟଜାକ୍‌କୁ ଚିହ୍ନି ୬୭ ବା ୬୯ ନମ୍ବର ଲେଖି କୋର୍ଟକୁ ପଠେଇବା ଅସମ୍ଭବ ହୋଇପଡ଼ିବ। ଏହାର ନାମକୁ ସନ୍ଦିଗ୍ଧ ବା suspected ବୋଲି ଲେଖି କୋର୍ଟକୁ ପଠେଇଲେ ଅଭିଯୁକ୍ତଙ୍କୁ ତୁରନ୍ତ ଜାମିନ ମିଳିଯିବାର ସମ୍ଭାବନା ଅଧିକ ରହିବ। ଏନେଇ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ବାଲେଶ୍ୱରରେ ଆମେ ବନ ବିଭାଗ ସହିତ ୨୯ଟି ସିଡ୍ୟୁଲ-୧ ତାଲିକାଭୁକ୍ତ ସାପ ଜବତ କରିଥିଲୁ, ହେଲେ ଦୁର୍ବଳ ମାମଲା ପରିଚାଳନା ହେତୁ ଅଭିଯୁକ୍ତମାନଙ୍କୁ ସଙ୍ଗେ ସଙ୍ଗେ ଜାମିନ ମିଳିଗଲା। ସେଭଳି ସ୍ଥିତିରେ ଯଦି ଓଡ଼ିଶାରେ କୁଟୁରା ଶିକାର କରାଯାଏ, ତେବେ ବନ ବିଭାଗ ନିର୍ଦ୍ଦିଷ୍ଟ ପ୍ରଜାତି ଚିହ୍ନଟ କରି ମାମଲା କୋର୍ଟକୁ ପଠାଇବା କାଠିକର ପାଠ ହୋଇଯିବ। ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଡିଏନ୍‌ଏ ପରୀକ୍ଷା ହୋଇ ଆସିବା ପରେ ହୁଏତ ମାମଲାରେ ଦଣ୍ଡବିଧାନ ହୋଇପାରେ। ପୂର୍ବରୁ ସମାନ ଅପରାଧରେ ନିମ୍ନ କୋର୍ଟରେ ଜାମିନ ନାମଞ୍ଜୁର ହୋଇ କିଛି ଦିନ ଅଭିଯୁକ୍ତମାନଙ୍କୁ ଜେଲ ଯିବାକୁ ପଡୁଥିଲା। କିନ୍ତୁ ସଂଶୋଧିତ ଆଇନରେ କୁଟୁରାର ଠିକ୍ ପ୍ରଜାତି ଚିହ୍ନଟ କରି ନ ପାରି କୋର୍ଟକୁ ମାମଲା ପଠେଇଲେ ସେମାନଙ୍କୁ ଜାମିନ ମିଳିବା ସହଜ ହୋଇପଡ଼ିବ ବୋଲି ମଲ୍ଲିକ କହିଛନ୍ତି।

## ସଂଶୋଧିତ ବନ୍ୟପ୍ରାଣୀ ଆଇନ

ଉଲ୍ଲେଖଯୋଗ୍ୟ, ଓଡ଼ିଶାର ପ୍ରାୟ ଜଙ୍ଗଲରେ କୁଟୁରା ଦେଖାଯାଆନ୍ତି ଏବଂ ଏହାର ଶିକାର ପାଇଁ ପ୍ରାୟ ପ୍ରତି ରେଞ୍ଜ ଅଫିସ ତରଫରୁ ମାମଲା ରୁଜୁ କରାଯାଇଥାଏ, ରାଜ୍ୟରେ ଯେତେ ବନ୍ୟପ୍ରାଣୀ ମାଂସ ଜବତ ମାମଲା ରୁଜୁ ହୋଇଥାଏ ତନ୍ମଧ୍ୟରୁ କୁଟୁରା ସବୁଠାରୁ ଅଧିକ ଥାଏ। ଖାଲି ସେତିକି ନୁହେଁ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଦକ୍ଷିଣ ଭାରତରେ ପ୍ରାୟ ସବୁ ରାଜ୍ୟ ବର୍ଷକୁ ଯେତିକି ବନ୍ୟପ୍ରାଣୀ ଶିକାର ମାମଲା ରୁଜୁ କରିଥାନ୍ତି, ସେଥିରେ ମଧ୍ୟ କୁଟୁରା ଶିକାର ସର୍ବାଧିକ। ଏ ସମ୍ପର୍କରେ ଜଣେ ବନ ଅଧିକାରୀ ନିଜର ନାମ ଗୋପନ ରଖି କହିଛନ୍ତି, ଏଣିକି ଆମକୁ ବହୁତ ଅସୁବିଧା ହେବ। ଆମେ ଠିକ୍ ପ୍ରଜାତି ଚିହ୍ନଟ ନ କଲେ କୋର୍ଟରେ ହଇରାଣ ହେବୁ, ଅଭିଯୁକ୍ତଙ୍କ ଓକିଲ ଫାଇଦା ନେବେ ଏବଂ ଧାରା ୫୩ରେ ଆମେ ତ୍ରୁଟିପୂର୍ଣ୍ଣ ଜବତ ☞ପୃଷ୍ଠା-୨



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଅଗଷ୍ଟ, ୨୦୨୩



ଘରୋଇ ସୈନ୍ୟବାହିନୀ ୱାଗ୍‌ନରର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କର ଗତ ୨୩ ତାରିଖ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ରୁଷିଆର ତଦନ୍ତକାରୀ କମିଟି ରବିବାର ସ୍ପଷ୍ଟ କରିଛି। ଦୁର୍ଘଟଣାର ମଲିକ୍ୟୁଲାର-ଜେନେଟିକ୍ ପରୀକ୍ଷାରୁ ସମସ୍ତ ୧୦ ମୃତକଙ୍କ ପରିଚୟ ଜଣାପଡ଼ିଛି। ବିମାନରେ ପ୍ରିଗୋଝିନ୍‌ଙ୍କ ସମେତ ତାଙ୍କ ସୈନ୍ୟ ବାହିନୀର କେତେଜଣ ଶୀର୍ଷ ଲ୍ୟୁଟ୍‌ନାଣ୍ଟ ଥିଲେ ବୋଲି ରୁଷିଆର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ପୂର୍ବରୁ ସୂଚନା ଦେଇଥିଲେ। ୬୨ ବର୍ଷୀୟ ପ୍ରିଗୋଝିନ୍ ଦୁଇମାସ ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ସାମରିକ ବିଦ୍ରୋହ କରିଥିଲେ।



## ସଂକ୍ଷେପରେ

### ଦଳିତଙ୍କୁ ପିଟି ହତ୍ୟା, ମାଆଙ୍କୁ ଉଲଗ୍ନ କଲେ

**ଭୋପାଳ,୨୭।୮:** ମଧ୍ୟପ୍ରଦେଶର ସାଗର ଜିଲାରେ ଗୁରୁବାର ଜଣେ ଦଳିତ ବ୍ୟକ୍ତିଙ୍କୁ ଅଭିଯୁକ୍ତମାନେ ପିଟି ମାରିଦେବା ସହ ତାଙ୍କ ମାଆଙ୍କୁ ଉଲଗ୍ନ କରିଥିବା ଅଭିଯୋଗ ହୋଇଛି। ମୃତକ ୧୮ ବର୍ଷୀୟ ନୀତିନ ଅହରିୱାରଙ୍କ ଭଉଣୀ ଅଭିଯୁକ୍ତ ବିକ୍ରମ ସିଂ ଠାକୁରଙ୍କ ବିରୋଧରେ ୨୦୧୯ରେ ଯୌନ ନିର୍ଯାତନା ମାମଲା ଦାଏର କରିଥିଲେ। ଏହାକୁ ପ୍ରତ୍ୟାହାର କରିନେବା ଲାଗି ବିକ୍ରମ ନୀତିନଙ୍କୁ ବାଧ କରିଥିଲେ। ସେ ମନା କରିବାରୁ ବିକ୍ରମ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ପିଟି ହତ୍ୟା କରିଛନ୍ତି। ହତ୍ୟା କରିବା ପୂର୍ବରୁ ଅଭିଯୁକ୍ତ ତାଙ୍କ ଘର ଭାଙ୍ଗିଥିଲେ। ନୀତିନଙ୍କ ମାଆ ସେଥିରେ ହସ୍ତକ୍ଷେପ କରିବାରୁ ତାଙ୍କୁ ବିକ୍ରମଙ୍କ ଲୋକମାନେ ଉଲଗ୍ନ କରିଥିଲେ। ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଗାଁ ମୁଖିଆଙ୍କ ସ୍ୱାମୀ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

### ବାଣ ବିସ୍ଫୋରଣରେ ଉଡ଼ିଗଲା ଛାତ : ୭ ମୃତ

**କୋଲକାତା,୨୭।୮:** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ଦୁତ୍ତପୁକୁର ଅଞ୍ଚଳରେ ଥିବା ଏକ ବାଣ କାରଖାନାରେ ରବିବାର ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଫଳରେ କାରଖାନାର ଛାତ ଉଡ଼ିଯିବା ସହ ୭ ଜଣଙ୍କ ମୃତ୍ୟୁ ଘଟିଛି। ଯଦିଓ ସ୍ଥାନୀୟ ଲୋକେ ଏହି ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି, ତେବେ ପୋଲିସ ମୃତାହତଙ୍କ ବିଷୟରେ କୌଣସି ସୂଚନା ଦେଇନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଦୁତ୍ତପୁକୁରରେ ଥିବା ଏକ ଘରେ ବାଣ ପ୍ରସ୍ତୁତ କରିବା ଲାଗି କଞ୍ଚାମାଲ ସବୁ ଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ଅନୁମତି ନିଆଯାଇ ନ ଥିଲା। ସେହିପରି ଏହି ବିସ୍ଫୋରଣରେ ସେଠାରେ ଥିବା ଅନ୍ୟ କିଛି ଲୋକ ମଧ୍ୟ ଆହତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ଆହତ ମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ପହଞ୍ଚାଇଛନ୍ତି। ସେହିପରି ଏହି ବାଣ କାରଖାନା ସ୍ଥାନୀୟ ଟିଏମ୍‌ସି ନେତାଙ୍କ ସହାୟତାରେ ଚାଲୁଥିଲା ଏବଂ ଏଥିପାଇଁ ପୋଲିସକୁ ହାତଗୁଞ୍ଜା ମଧ୍ୟ ଦିଆଯାଉଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଘଟଣା ପରେ ଲୋକେ ସ୍ଥାନୀୟ ଅଞ୍ଚଳରେ ଥିବା ଅନ୍ୟ ଏକ ବାଣ କାରଖାନାରେ ଭଙ୍ଗାରୁଜା କରିଛନ୍ତି।

### ବୋକାରୋ ଇସ୍ପାତ କାରଖାନାରେ ଅଗ୍ନିକାଣ୍ଡ

**ବୋକାରୋ,୨୭।୮:** ଝାଡ଼ଖଣ୍ଡର ବୋକାରୋ ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ନେସ୍-୧ରେ ରବିବାର ସକାଳେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। କାରଖାନାର ଉତ୍ପାଦନ ସଙ୍ଗେ ସଙ୍ଗେ ବନ୍ଦ ରଖାଯାଇଥିଲା। ତେବେ ଅଗ୍ନି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଗତ ଦୁଇମାସ ମଧ୍ୟରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟରେ ଏହା ଦ୍ୱିତୀୟ ଦୁର୍ଘଟଣା। ସକାଳ ୧୦ଟା ୩୦ରେ ୧ ନମ୍ବର ବ୍ଲାଷ୍ଟ ଫର୍ନେସ୍‌ର ୟୁୟେରେ ନମ୍ବର ୧୭ରୁ ପ୍ରଥମେ ନିଆଁ ବାହାରିଥିଲା। ଖବର ପାଇ ସିଆଇଏସ୍‌ଏଫ୍‌ର ଅଗ୍ନିକ ବିଭାଗ ନିଆଁ ଲିଭାଇବା ପାଇଁ ତୁରନ୍ତ ଏକ ଟିମ୍ ପଠାଇଥିଲା।

### ସ୍ୱର୍ଣ୍ଣମୁଦ୍ରା ଚୋରିକରି ୪ ପୋଲିସ ଗିରଫ

**ଇନ୍ଦୋର,୨୭।୮:** ମଧ୍ୟପ୍ରଦେଶର ଆଲିରାଜପୁର ଜିଲାରେ ବ୍ରିଟିଶ ଶାସନ ସମୟର ୨୪୦ଟି ସ୍ୱର୍ଣ୍ଣମୁଦ୍ରା ଚୋରି ଅଭିଯୋଗରେ ଜଣେ ଇନ୍ସପେକ୍ଟରଙ୍କ ସମେତ ୪ ଜଣ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗୁଜରାଟରେ ଘର ନିର୍ମାଣ ଲାଗି ଖନନ କାର୍ଯ୍ୟବେଳେ କେତେଜଣ ଆଦିବାସୀ ଶ୍ରମିକ ଏହି ସ୍ୱର୍ଣ୍ଣମୁଦ୍ରା ପାଇଥିଲେ। ସେମାନେ କାହାକୁ ନ ଜଣାଇ ଉକ୍ତ ସ୍ୱର୍ଣ୍ଣମୁଦ୍ରାକୁ ଘରକୁ ନେଇଆସିଥିଲେ। ସେମାନେ ପାଖରେ ୨୦ଟି ମୁଦ୍ରା ରଖି ଅବଶିଷ୍ଟ ୨୪୦ଟିକୁ ରାମକୁ ନାମକ ଶ୍ରମିକଙ୍କ ଘରେ ପୋତିଦେଇଥିଲେ। ତେବେ ସେମାନେ ସ୍ୱର୍ଣ୍ଣମୁଦ୍ରା ରଖିଥିବା ଖବର କୌଣସି ପ୍ରକାରେ ପ୍ରଘଟ ହୋଇଯାଇଥିଲା। ଗତ ମାସ ୧୯ରେ ୪ ଜଣ ପୋଲିସ ସାଦା ପୋଷାକରେ ରାମକୁଙ୍କ ଘରେ ପଶି ୨୩୯ଟି ସ୍ୱର୍ଣ୍ଣମୁଦ୍ରା ନେଇଯାଇଥିଲେ। ଥାନାରେ ଏତଲା ପରେ ଅଭିଯୁକ୍ତ ପୋଲିସ୍‌ଙ୍କୁ ନିଲମ୍ବନ କରାଯାଇଥିଲା।

# କଶ୍ମୀରରେ ବିଶ୍ୱ ସୁନ୍ଦରୀ


କାରୋଲିନା ବେଲାୱ୍ସ୍କା

ବିଶ୍ୱ ସୁନ୍ଦରୀ କାରୋଲିନା ବେଲାୱ୍ସ୍କା ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦିନିକିଆ କଶ୍ମୀର ଗସ୍ତରେ ଆସୁଛନ୍ତି। ଏହା ହେଉଛି ଉପତ୍ୟକାକୁ କୌଣସି ମିସ୍ ୱାର୍ଲ୍ଡ ମୁକୁଟ ବିଜୟିନୀ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟୁଟି ପିଜେଣ୍ଟ ୱିନରଙ୍କ ପ୍ରଥମ ଗସ୍ତ। ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟରତ ମୁମ୍ବାଇଭିତ୍ତିକ ଏକ ସଙ୍ଗଠନର ଅଧ୍ୟକ୍ଷା ରୁବଲ୍ ନାଗି କହିଛନ୍ତି, କାରୋଲିନାଙ୍କ ସହ ମିସ୍ ୱାର୍ଲ୍ଡସିନି ସେଟ୍ଟୀ ଓ ମିସ୍ ୱାର୍ଲ୍ଡକାରିବିଆନ୍ ଏମି ପେନାଙ୍କ ସମେତ ଅନେକ ସୁନ୍ଦରୀ କଶ୍ମୀର ଆସୁଛନ୍ତି। ପୃଥିବୀର କେଉଁଠି ଯଦି ସ୍ୱର୍ଗ ଥାଏ, ତାହା ହେଉଛି କଶ୍ମୀର। ମିସ୍ ୱାର୍ଲ୍ଡ ଏହି ଭୂସ୍ୱର୍ଗକୁ କିପରି ମିସ୍ କରିପାରିବେ? ୧୯୯୬ ପରେ ଚଳିତବର୍ଷ ଭାରତରେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାର ୭୧ତମ ସଂସ୍କରଣ ଆୟୋଜିତ ହେବାକୁ ଥିବାବେଳେ ଏହି ସୁନ୍ଦରୀମାନେ ଆସୁଛନ୍ତି। ପିଏମ୍‌ଇ ଏଣ୍ଟରଟେନ୍‌ମେଣ୍ଟ ଅଧ୍ୟକ୍ଷ ଜମିଲ ସାଇଦି ଏବଂ ଜମ୍ମୁ-କଶ୍ମୀର ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ଆସୁଥିବା ରୁବଲ ନେଗି ଆର୍ଟ ଫାଉଣ୍ଡେଶନ ଆଣ୍ଡ ଷ୍ଟୁଡିଓ ସକ୍‌ଶାମ୍ ମୁଖ୍ୟ ରୁବଲ୍ ସୂଚନା ଦେଇଛନ୍ତି। ପୋଲାଣ୍ଡର ୨୪ ବର୍ଷୀୟା ମଡେଲ, ଟିଭି ଉପସ୍ଥାପିକା, ସାମାଜିକ କର୍ମୀ, ଜାତିସଂଘର ଗୁଡ୍‌ୱିଲ ଅମ୍ବାସାଡର କାରୋଲିନା ୨୦୨୧ରେ ବିଶ୍ୱ ସୁନ୍ଦରୀ ଟାଇଟଲ ଜିତିଥିଲେ।

# ଶାହରୁଖ୍‌ଙ୍କ ଘର ଆଗରେ ବିକ୍ଷୋଭ

## ଗେମିଂ ବିଜ୍ଞାପନକୁ ବିରୋଧ



ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଯୱାନ'ର ମୁକ୍ତିଲାଭ ଅପେକ୍ଷାରେ ଥିବାବେଳେ, ତାଙ୍କ ପ୍ରଶଂସକମାନେ ପୁଣିଥରେ ତାଙ୍କୁ ବଡ଼ ପରଦାରେ ଦେଖିବା ପାଇଁ ଚାହିଁ ରହିଛନ୍ତି। ଏଭଳି ସମୟରେ ଶାହରୁଖ୍ ଅନ୍‌ଲାଇନ ଗେମିଂ ଆପ୍ ଉପରେ ଏକ ବିଜ୍ଞାପନ ଦେଇ ବିବାଦ ଘେରକୁ ଆସିଛନ୍ତି। ଏହାକୁ ବିରୋଧ କରି ବହୁସଂଖ୍ୟାରେ ଲୋକେ ଶନିବାର ଅପରାହ୍ଣରେ ଶାହରୁଖ୍‌ଙ୍କ ମୁମ୍ବାଇସ୍ଥିତ ବାସଭବନ ମନ୍ନତ୍ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍‌ଲାଇନ ରୁମି ପୋର୍ଟାଲ ଶାହରୁଖ୍‌ଙ୍କୁ ଏ୨୩ ଗେମ୍ସ ପ୍ଲାଟଫର୍ମର ବ୍ରାଣ୍ଡ ଆମ୍ବାସଡର କରିଛି। ଉକ୍ତ ଆପ୍ ପାଇଁ ପ୍ରମୋ ଶୁଟିଂ ବେଳେ ଶାହରୁଖ୍ 'ଚଲୋ ସାଥ୍ ଖେଲେଁ' କହୁଥିବା ଶୁଣିବାକୁ ମିଳିଛି।

# ଦିଲ୍ଲୀ ମେଟ୍ରୋରେ ଖଲିସ୍ତାନୀ ସ୍ଲୋଗାନ

## ଜି୨୦ ସମ୍ମିଳନୀ ପୂର୍ବରୁ ବଢ଼ିଲା ବିଦେଶୀ ଅତିଥିଙ୍କ ସୁରକ୍ଷା ଚିନ୍ତା

**ଦିଲ୍ଲୀରେ ଜି୨୦ ସମ୍ମିଳନୀ ଆୟୋଜନର ପ୍ରାୟ ୨ ସପ୍ତାହ ପୂର୍ବରୁ ଖଲିସ୍ତାନୀଙ୍କ ଗତିବିଧି ବଢ଼ିବାରେ ଲାଗିଛି। ନିଷିଦ୍ଧ ଘୋଷିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ସମର୍ଥକମାନେ ଜାତୀୟ ରାଜଧାନୀର ଅନ୍ୟୁନ ୫ ମେଟ୍ରୋ ଷ୍ଟେଶନରେ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଲେଖିଛନ୍ତି। ସେଗୁଡ଼ିକରେ ଉଲ୍ଲେଖ କରାଯାଇଛି, 'ଦିଲ୍ଲୀ ବନେଗା ଖଲିସ୍ତାନ', 'ଖଲିସ୍ତାନ ଜିନ୍ଦାବାଦ' ଏବଂ 'ମୋଦିଙ୍କ ଭାରତରେ ଶିଖ୍‌ଙ୍କ ଗଣହତ୍ୟା ଚାଲିଛି'। ସେପ୍ଟେମ୍ବର ୯ ଓ ୧୦ରେ ଆୟୋଜିତ ହେବାକୁ ଥିବା ଜି୨୦ ସମିଟ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମେତ ୩୦ ରାଷ୍ଟ୍ରମୁଖ୍ୟ, ୟୁରୋପୀୟ ସଂଘ(ଇୟୁ)ର ବରିଷ୍ଠ ଅଧିକାରୀ, ନିମନ୍ତ୍ରିତ ଅତିଥି ରାଷ୍ଟ୍ର ଓ ୧୪ ଅନ୍ତର୍ଜାତୀୟ ସଙ୍ଗଠନର ଅଧ୍ୟକ୍ଷ ଯୋଗଦେବାକୁ ଥିବାବେଳେ ଖଲିସ୍ତାନୀଙ୍କ ଧମକପୂର୍ଣ୍ଣ ଲେଖା ସୁରକ୍ଷା ଚିନ୍ତା ବଢ଼ାଇଦେଇଛି।**

**ନୂଆଦିଲ୍ଲୀ,୨୭।୮**

ଶିବାଜୀ ପାର୍କରୁ ପଞ୍ଜାବୀ ବାଗ୍ ମେଟ୍ରୋ ଷ୍ଟେଶନଗୁଡ଼ିକର କାନ୍ଥବାଡ଼ ଛାଇ ହୋଇଯାଇଛି ଖଲିସ୍ତାନୀଙ୍କ ଧମକରେ। ରବିବାର ସକାଳେ ଶିବାଜୀ ପାର୍କ, ଉଦ୍ୟୋଗ ନଗର, ପଶ୍ଚିମ ବିହାର, ନାଙ୍ଗଲୋଇ ଓ ପଞ୍ଜାବୀ ବାଗ୍ ମେଟ୍ରୋ ଷ୍ଟେଶନରେ ଖଲିସ୍ତାନ ସମର୍ଥନରେ ସ୍ଲୋଗାନ ଲେଖାଯାଇଥିବା ଦେଖିବାକୁ ମିଳିଛି। ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ମଧ୍ୟ ଦିଲ୍ଲୀ ମେଟ୍ରୋ ଷ୍ଟେଶନଗୁଡ଼ିକର ଫୁଟେଜ୍ ଜାରି କରିଛି, ଯହିଁରେ ଖଲିସ୍ତାନୀ ସ୍ଲୋଗାନ ଉଲ୍ଲେଖ ସହ କାନ୍ଥଗୁଡ଼ିକୁ ବିକୃତ କରାଯାଇଥିବା ଦେଖିବାକୁ ମିଳିଛି। ଦିଲ୍ଲୀରେ ଏହା ହେଉଛି ଚଳିତବର୍ଷ ଖଲିସ୍ତାନ ସପକ୍ଷରେ ପ୍ରାଚୀରଚିତ୍ର କରାଯିବା ନେଇ ଦ୍ୱିତୀୟ ଘଟଣା। ଏହି ଘଟଣାରେ ଦିଲ୍ଲୀ ପୋଲିସ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ସ୍ପେଶାଲ ସେଲ୍ ପକ୍ଷରୁ ୨ ଜଣଙ୍କୁ ଗିରଫ କରାଯାଇଛି। ଉଭୟେ ଏସ୍‌ଏଫ୍‌ଜେଠାରୁ ୨ ଲକ୍ଷ ଟଙ୍କା ପାଇ ଏପରି କରିଥିବା ପୋଲିସ ଆଗରେ ମାନିଛନ୍ତି।

ଭାରତ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଦିଆଯାଇଥିବା ଧମକର ଲେଖାକୁ ଲିଭାଇବା ପାଇଁ ଦିଲ୍ଲୀ ପୋଲିସ ପାଣି ଓ କାଦୁଅ ବ୍ୟବହାର କରିଛି। ଅଧିକ ତଥ୍ୟ ହାସଲ ସକାଶେ ସିସିଟିଭି ଫୁଟେଜ୍ ଅଣ୍ଡାଳୁଛି।



ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍‌ଆର୍‌ସି)ର ଶିବାଜୀ ପାର୍କ ଷ୍ଟେଶନରେ ରବିବାର ଖଲିସ୍ତାନୀଙ୍କ ଧମକପୂର୍ଣ୍ଣ ସ୍ଲୋଗାନ।

ଏହା ବ୍ୟତୀତ ଜି୨୦ ସମ୍ମିଳନୀ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଗୁଜବ ଓ ଉତ୍ତେଜନାପୂର୍ଣ୍ଣ କଣ୍ଟେଣ୍ଟ ବିସ୍ତାରରେ ରୋକ ଲଗାଇବା, ଆପରାଧିକ ତତ୍ତ୍ୱଙ୍କୁ ଚିହ୍ନଟ କରିବା ଏବଂ ମଲ୍, ମାର୍କେଟ ତଥା ଧର୍ମୀୟସ୍ଥଳଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରିବା ଭଳି ପଦକ୍ଷେପ ନେଇଛି। କୌଣସି ପ୍ରକାର ବେଆଇନ ଅନୁପ୍ରବେଶ ଏଡ଼ାଇବା ପାଇଁ ଜାତୀୟ ରାଜଧାନୀର ସମସ୍ତ ସୀମାକୁ ସିଲ୍ କରାଯିବ। ତେବେ ଯାନବାହନ ଓ ଜନସାଧାରଣଙ୍କ ସ୍ୱାଭାବିକ ଯାତାୟାତକୁ ଅନୁମତି ପ୍ରଦାନ କରାଯିବ ବୋଲି ଦିଲ୍ଲୀ ପୋଲିସ ସୂଚନା ଦେଇଛି। ସମିଟ୍ ସମୟରେ ମେଡିକାଲ ଜରୁରୀ ସ୍ଥିତି ଉପୁଜିଲେ ମୁକାବିଲା ଲାଗି ମୋଟ ୮୦ ଡାକ୍ତରୀ ଦଳ ଏବଂ ୧୩୦ ଆମ୍ବୁଲାନ୍ସକୁ ପ୍ରସ୍ତୁତ କରି ରଖାଯାଇଛି। ୬୦ ଜଣ ପୋଲିସ ଡେପୁଟି କମିଶନରଙ୍କୁ ସମିଟ୍ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଥିବା ବିଷୟ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଅବଗତ କରାଯାଇଛି। ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍‌ଆର୍‌ସି)ର ଜଣେ ଅଧିକାରୀ କହିଛନ୍ତି, ଏହା ଏକ ଆଇନ ଶୃଙ୍ଖଳା ପରିସ୍ଥିତି। ଦିଲ୍ଲୀ ପୋଲିସକୁ ଆମେ ସହଯୋଗ କରିବୁ। ସେହିପରି ଏହି କାଣ୍ଡ ଭିଆଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି (ମେଟ୍ରୋ) ଜି. ରାମଗୋପାଳ ନାଏକ କହିଛନ୍ତି।

# ମଣିପୁରରେ ୩ ଘର ଜାଳିଦେଲେ


## ପୋଲିସଠାରୁ ବନ୍ଧୁକ ଛଡ଼ାଇନେଲେ



**ଇମ୍ଫାଲ,୨୭।୮**

କିଛି ଦିନର ଅନ୍ତରାଳ ପରେ ମଣିପୁରରେ ରବିବାର ପୁଣି ହିଂସାକାଣ୍ଡ ଘଟିଛି। ନୂଆ ଲମ୍ଫୁଲେନ୍ ଅଞ୍ଚଳରେ ଥିବା ୩ ଘରକୁ ଅଜ୍ଞାତ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ସେଠାରେ ରାଜ୍ୟ ଓ କେନ୍ଦ୍ରୀୟ ଫୋର୍ସ ମୁତୟନ କରିବାକୁ ଦାବି କରିଥିଲେ। ଅପରପକ୍ଷେ ଭିଡ଼ ହଟାଇବାକୁ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିବା ଜଣାପଡ଼ିଛି। ଅନ୍ୟଏକ ଘଟଣାକ୍ରମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ କେ. ରଜୋଙ୍କ ବାସଭବନ ଆଗରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କଠାରୁ ଦୁର୍ବୃତ୍ତମାନେ ୩ଟି ବନ୍ଧୁକ ଛଡ଼ାଇ ନେଇଥିବା ଜଣାପଡ଼ିଛି। ଇମ୍ଫାଲ ଥାନା ଅନ୍ତର୍ଗତ ସଗୋଲବନ୍ଦ ବିଜୋୟ ଗୋବିନ୍ଦା ଅଞ୍ଚଳରେ ଏହି ଘଟଣା ଘଟିଥିବା ପୋଲିସ କହିଛି।

# ଚନ୍ଦ୍ରର ତାପମାତ୍ରା ପ୍ରୋଫାଇଲ ପଠାଇଲା ଲ୍ୟାଣ୍ଡର




**ବେଙ୍ଗାଲୁରୁ,୨୭।୮**

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମରେ ଥିବା ସର୍ଫେସ୍ ଥର୍ମୋଫିଜିକାଲ ଏକ୍ସପେରିମେଣ୍ଟ ପେଲୋଡ୍ (ଚାଷ୍ଟେ) ଚନ୍ଦ୍ର ଦକ୍ଷିଣ ମେରୁ ଚତୁଃପାର୍ଶ୍ୱରେ ଥିବା ଉପର ମୃତ୍ତିକାର ତାପମାତ୍ରା ପ୍ରୋଫାଇଲ ପଠାଇଛି। ଚନ୍ଦ୍ରପୃଷ୍ଠର ତାପମାତ୍ରା ସମ୍ପର୍କରେ ଜାଣିବାରେ ଏହା ସହାୟକ ହେବ ବୋଲି ଇସ୍ରୋ ପକ୍ଷରୁ ରବିବାର କୁହାଯାଇଛି। ଇସ୍ରୋ ଉକ୍ତ ତାପମାତ୍ରା ପ୍ରୋଫାଇଲ ଗ୍ରାଫ୍‌କୁ ଶେୟାର କରିଛି। ଚନ୍ଦ୍ରପୃଷ୍ଠ ଏବଂ ପାର୍ଶ୍ୱ ନିକଟବର୍ତ୍ତୀ ବିଭିନ୍ନ ଗଭୀରତାରେ ତାପମାତ୍ରାରେ ରହିଥିବା ଭିନ୍ନତା ଉକ୍ତ ଗ୍ରାଫ୍‌ରେ ପ୍ରଦର୍ଶିତ ହୋଇଛି। ଚନ୍ଦ୍ର ଦକ୍ଷିଣ ମେରୁରୁ ଏହା ପ୍ରଥମ ପ୍ରୋଫାଇଲ। ଏହା ଉପରେ ସବିଶେଷ ଅନୁଧ୍ୟାନ ଜାରି ରହିଛି। ଗଭୀରତା ଅନୁଯାୟୀ ତାପମାତ୍ରା ବିଯୁକ୍ତ ୧୦ ଡିଗ୍ରୀରୁ ୬୦ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରହିଥିବା ଗ୍ରାଫ୍‌ରୁ ଜଣାପଡ଼ୁଛି ବୋଲି ଇସ୍ରୋର ଜଣେ ବୈଜ୍ଞାନିକ କହିଛନ୍ତି। ଚାଷ୍ଟେ ପେଲୋଡ୍‌ରେ ତାପମାତ୍ରା ଅନୁଧ୍ୟାନ ଉପକରଣ ଏବଂ ନିୟନ୍ତ୍ରିତ ପ୍ରବେଶ ଯନ୍ତ୍ର ରହିଛି, ଯାହା ପୃଷ୍ଠଠାରୁ ୧୦ ସେଣ୍ଟିମିଟର ତଳକୁ ଯାଇପାରିବ। ସେଥିରେ ୧୦ଟି ଅଲଗା ଅଲଗା ତାପମାତ୍ରା ସେନ୍‌ସର ଫିଟିଂ ହୋଇଛି।

### ଲ୍ୟାଣ୍ଡିଂ ସ୍ଥାନର ନାଁ 'ଶିବଶକ୍ତି' ରଖିବାରେ କିଛି ଭୁଲ୍ ନାହିଁ: ଇସ୍ରୋ ମୁଖ୍ୟ

ଚନ୍ଦ୍ରୟାନ-୩ ଲ୍ୟାଣ୍ଡରର ଅବତରଣ ସ୍ଥାନ ନାଁ 'ଶିବଶକ୍ତି'କୁ ନେଇ କୌଣସି ବିବାଦ ନାହିଁ ବୋଲି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଅଧ୍ୟକ୍ଷ ଏସ୍. ସୋମନାଥ ରବିବାର କହିଛନ୍ତି। ନାଁ ଶିବଶକ୍ତି ରଖିବାରେ କିଛି ଭୁଲ୍ ନାହିଁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇସ୍ରୋ କାର୍ଯ୍ୟାଳୟକୁ ଯାଇ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡିଂ ସ୍ଥାନର ନାଁ ଶିବଶକ୍ତି ରଖିଥିଲେ। ସେହିପରି ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ଖସିଥିବା ସ୍ଥାନକୁ ପ୍ରଧାନମନ୍ତ୍ରୀ 'ତ୍ରିରଙ୍ଗା' ନାମିତ କରିଥିଲେ। ଉଭୟ ଭାରତୀୟ ନାମ। ଦେଶର ପ୍ରଧାନମନ୍ତ୍ରୀ ଭାବେ ନାମକରଣ କରିବାର ପୂରା ଅଧିକାର ମୋଦିଙ୍କର ରହିଥିବା ସୋମନାଥ କହିଛନ୍ତି। କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ପୌର୍ଣ୍ଣମିକାଭୁ-ଭଦ୍ରକାଳୀ ମନ୍ଦିରରେ ପୂଜା କରିବା ଅବସରରେ ସୋମନାଥ କହିଛନ୍ତି, ବିଜ୍ଞାନ ଓ ବିଶ୍ୱାସ ଦୁଇଟି ଭିନ୍ନ ଘଟଣା। ଏହାକୁ ଏକାଠି କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଚନ୍ଦ୍ରୟାନ-୩ର ଲ୍ୟାଣ୍ଡିଂ ସ୍ଥାନର ନାମକରଣକୁ ନେଇ ଭାଜପା ଏବଂ କଂଗ୍ରେସ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା।

# ଚନ୍ଦ୍ରୟାନ 'ନୂଆ ଭାରତ' ଭାବନାର ପ୍ରତୀକ

**ନୂଆଦିଲ୍ଲୀ,୨୭।୮(ପି.ଟି.)**

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ଚନ୍ଦ୍ରୟାନ ମିଶନ ନୂଆ ଭାରତ ଭାବନାର ପ୍ରତୀକ ପାଲଟିଛି, ବିଜୟକୁ ସୁନିଶ୍ଚିତ କରିବା ସହ ଯେକୌଣସି ସ୍ଥିତିରେ କିପରି ଜିତିବାକୁ ହେବ ତାହା ଜାଣେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ଲୁନାର କାର୍ଯ୍ୟକ୍ରମ ନାରୀ ଶକ୍ତିର ଏକ ଜୀବନ୍ତ ଦୃଷ୍ଟାନ୍ତ ବୋଲି ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏପରିକି ଏବେ ଭାରତର ଝିଅମାନେ ଅନନ୍ତ ଭାବେ ବିବେଚିତ ହେଉଥିବା ମହାକାଶକୁ ଚ୍ୟାଲେଞ୍ଜ କରୁଛନ୍ତି। ଯେତେବେଳେ କୌଣସି ଦେଶର ଝିଅମାନେ ଏଭଳି ମହତ୍ତ୍ୱାକାଂକ୍ଷୀ ହେବେ, ଉକ୍ତ ଦେଶକୁ ବିକଶିତ ହେବାରୁ କିଏ ଅଟକାଇପାରିବ ବୋଲି ମୋଦି କହିଛନ୍ତି। ଚନ୍ଦ୍ରୟାନ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ସଫଳତା ଏତେ ବିଶାଳ ଯେ, ଏହା ଉପରେ ଯେତେ ଆଲୋଚନା କଲେ ମଧ୍ୟ ଯଥେଷ୍ଟ ହେବ ନାହିଁ। ମହିଳା ନେତୃତ୍ୱର ବିକାଶକୁ ଏକ ଜାତୀୟ ଆଚରଣ ଭାବେ ସୁଦୃଢ଼ କରିବାକୁ ହେବ ବୋଲି ଲାଲ୍ କିଲ୍ଲାରେ ପ୍ରଧାନମନ୍ତ୍ରୀ କହିଥିବା କଥାକୁ ମନେପକାଇଥିଲେ। ନାରୀ ଶକ୍ତି ଯେତେବେଳେ ସାମିଲ ହେବ, ସେତେବେଳେ ଅସମ୍ଭବ ସମ୍ଭବ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଇସ୍ରୋର ବହୁ ମହିଳା ବୈଜ୍ଞାନିକ ଓ ଇଞ୍ଜିନିୟର ମିଶନ ଚନ୍ଦ୍ରୟାନରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକଙ୍କ ଉଦ୍ୟମରୁ ସଫଳତା ମିଳିଥାଏ। ଏହା ଚନ୍ଦ୍ରୟାନ-୩ର ସବୁଠୁ ବଡ଼ ସଫଳତା। ଭବିଷ୍ୟତରେ ମଧ୍ୟ ଆମ ମହାକାଶ ସେକ୍ଟର ସାମୂହିକ ଉଦ୍ୟମ ଦ୍ୱାରା ଅନେକ ସଫଳତା ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

# ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲ୍ ବନ୍ଦ

## ମୁସଲମାନ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ମାଡ଼ ମରାଇବା ଘଟଣା

**ଲକ୍ଷ୍ନୌ,୨୭।୮**

ଉତ୍ତରପ୍ରଦେଶ ମୁଜାଫରପୁରର ଯେଉଁ ସ୍କୁଲ୍‌ର ଶିକ୍ଷୟିତ୍ରୀ ଜଣେ ମୁସଲମାନ ଛାତ୍ରଙ୍କୁ ତାଙ୍କ ସହପାଠୀମାନଙ୍କ ଦ୍ୱାରା ମାଡ଼ ମରାଇଥିଲେ, ତାହାକୁ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଶିକ୍ଷା ବିଭାଗ ଏନେଇ ସ୍କୁଲ୍ ପରିଚାଳନା କମିଟିକୁ ନୋଟିସ୍ ପଠାଇଛି। ଇତିମଧ୍ୟରେ ଉକ୍ତ ସ୍କୁଲ୍‌ର ପିଲାମାନଙ୍କ ପାଠପଢ଼ା ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ସେମାନଙ୍କୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ପାଖ ସ୍କୁଲ୍‌ରେ ନାମ ଲେଖାଇଛନ୍ତି। ନେହା ପବ୍ଲିକ୍ ସ୍କୁଲ୍‌ର ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀ ଜଣେ ୭ ବର୍ଷର ମୁସଲମାନ ଛାତ୍ରଙ୍କୁ ମାଡ଼ ମାରିବା ପାଇଁ ଅନ୍ୟ ପିଲାମାନଙ୍କୁ କହୁଥିବାର ଭିଡିଓ ଭାଇରାଲ ପରେ ଉତ୍ତେଜନା ଦେଖାଦେଇଥିଲା। ଦ୍ୱିତୀୟ ଶ୍ରେଣୀର ଉକ୍ତ ଛାତ୍ରଙ୍କୁ ସହପାଠୀମାନେ ପାଳି କରି ଚାପୁଡ଼ା ମାରି ଚାଲିଥିବାବେଳେ ଶିକ୍ଷୟିତ୍ରୀ ସେମାନଙ୍କୁ ଜୋର୍‌ରେ ମାରିବା ପାଇଁ କହୁଥିବା ଭିଡିଓରୁ ଶୁଣିବାକୁ ମିଳିଥିଲା। ଶିକ୍ଷୟିତ୍ରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ଖାଦ୍ୟରେ ଅଳ୍ପ ଲୁଣ ହୃଦ୍‌ରୋଗ ଆଶଙ୍କା ୨୦% କମାଏ

**ଲଣ୍ଡନ,୨୭।୮**



ଖାଦ୍ୟରେ ଲୁଣର ମାତ୍ରା କମ୍ କରିବା ବା କମ୍ ଲୁଣଯୁକ୍ତ ଖାଦ୍ୟ ଖାଇବା ହୃଦରୋଗ ସମସ୍ୟାକୁ ୨୦% କମାଇଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଦି ଗାର୍ଡିୟାନ୍ ଆର୍ଲି ସଣ୍ଡେର ରିପୋର୍ଟ ଅନୁସାରେ ଅଧିକ ଲୁଣ ଖାଉଥିବା ଲୋକଙ୍କ ତୁଳନାରେ ଆଦୌ ଲୁଣ ଖାଉନଥିବା ଲୋକଙ୍କ ହୃଦ୍‌ରୋଗ ଆଶଙ୍କା ପ୍ରାୟ ୧୮% କମ୍ ହୋଇଥାଏ। ଏହି ରିପୋର୍ଟରେ ଏକଥା ମଧ୍ୟ ପ୍ରକାଶ ହୋଇଛି, ଗତ ଦଶନ୍ଧି ଠାରୁ ଏହି ରୋଗ ସମସ୍ୟାରେ ପ୍ରାୟ ୫୦% ବୃଦ୍ଧି ଘଟିଛି, ଯାହା ବର୍ତ୍ତମାନ ୧.୫ ନିୟୁତରେ ପହଞ୍ଚିଛି। ଅଧିକ ଲୁଣଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ହୃଦ୍‌ସ୍ପନ୍ଦନ ଅନିୟମିତ ଭାବେ ବଢ଼ିଥାଏ। ଏଭଳି ଲୋକଙ୍କୁ ଅନ୍ୟମାନଙ୍କ ତୁଳନାରେ ହୃଦ୍‌ରୋଗ ହେବାର ଆଶଙ୍କା ୫ ଗୁଣ ବୃଦ୍ଧି ଘଟିଥାଏ। ସେହିପରି କମ୍ ଲୁଣ ଖାଉଥିବା ଲୋକଙ୍କ ମଧ୍ୟରେ ହୃଦ୍‌ରୋଗ ସମସ୍ୟା ଆଶଙ୍କା ମଧ୍ୟ କମ୍ ହୋଇଥାଏ ବୋଲି ଏହି ରିପୋର୍ଟରେ କୁହାଯାଇଛି। ବ୍ରିଟେନ୍‌ର ବାଇଓବ୍ୟାଙ୍କ ନାମକ ଏକ ସଂସ୍ଥା ପକ୍ଷରୁ ୨୦୦୬ ରୁ ୨୦୧୦ ମଧ୍ୟରେ ଏନେଇ ଏକ ଅଧ୍ୟୟନ କରାଯାଇଥିଲା। ଏଥିରେ ୪୦ରୁ ୭୦ ବର୍ଷର ପ୍ରାୟ ୫ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଥିଲା। ଏଥିରେ ସାମିଲ ହୋଇଥିବା ଲୋକେ ଆଦୌ ଲୁଣ ବ୍ୟବହାର ନ କରିବା, ବେଳେବେଳେ ତଥା ସବୁବେଳେ ବ୍ୟବହାର କରୁଥିବା ନେଇ ନିଜ ମତ ରଖିଥିଲେ। ଗତ ୧୧ବର୍ଷ ମଧ୍ୟରେ ଲୁଣ ବ୍ୟବହାର କରିବା ପରେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଇଛି ସେନେଇ ଅଧ୍ୟୟନ କରାଯାଇଥିଲା। ଏଥିରୁ ଏକଥା ଜଣାପଡ଼ିଥିଲା, ଯେଉଁମାନେ ଖାଦ୍ୟରେ ଆଦୌ ଲୁଣ ବ୍ୟବହାର କରୁନାହାନ୍ତି ସେମାନଙ୍କୁ ହୃଦରୋଗ ହେବାର ଆଶଙ୍କା ପ୍ରାୟ ୨୦% କମ୍ ରହୁଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୮/୨୦୨୩ Bhubaneswar, Monday, August 28/2023 | ପୃଷ୍ଠା-୧

# ତଥ୍ୟ, ପ୍ରମାଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ଶିଥିଳତା

## ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ନାମ ଲେଖା ପ୍ରସଙ୍ଗ

ଖୋର୍ଦ୍ଧା,୨୭।୮ (ପ୍ରଭାତ ପାଣିଗ୍ରାହୀ)

ବଲାଙ୍ଗୀର ନକଲି ସାର୍ଟିଫିକେଟ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ନିକଟରେ ଏହି ଘଟଣାରେ ୫ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଏପରି କି ଜଣେ ନକଲି ଅଧ୍ୟାପକ ମଧ୍ୟ ଗିରଫ ହୋଇଛନ୍ତି। ହେଲେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନକଲି ସାର୍ଟିଫିକେଟରେ ଛାତ୍ରୀଛାତ୍ର ପାଠ ପଢିବା ଏବଂ ପାସ୍ କରିବା ସମ୍ପର୍କରେ ଅଭିଯୋଗ ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏବଂ ଆୟୁଷ ନିର୍ଦ୍ଦେଶକଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉ ନାହିଁ। ଏପରି କି ଆୟୁଷ ନିର୍ଦ୍ଦେଶକଙ୍କ ହାତରେ ଏ ସମ୍ପର୍କିତ ଠୋସ୍ ତଥ୍ୟ ପ୍ରମାଣ ଲାଗିଥିବାବେଳେ,ଏହି କାରବାରରେ ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ।

ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚ୍‌ରେ ବିନା ଯୋଗ୍ୟତାରେ ବାହାର କଲେଜ(କୌଣସି ଆୟୁର୍ବେଦ କଲେଜରେ ନାମଲେଖାଇ ନ ଥିବା) ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ସେମାନଙ୍କୁ ପାଠପଢା ସୁଯୋଗ ଦିଆଯାଇଛି। ବିନା ଏନ୍‌ଇଇଟିରେ ୨୦୧୬ରେ ଜଣେ ଛାତ୍ରୀ ପାସ୍ କରିଥିବାବେଳେ ୨୦୧୭ରେ ଦୁଇଜଣ ୨୦୨୩ ଜୁଲାଇରେ ହାଉସ୍ ସର୍ଜନ କାର୍ଯ୍ୟ ସମାପ୍ତ କରି ସାର୍ଟିଫିକେଟ ହାସଲ କରିଛନ୍ତି। ସେହିପରି ୨୦୨୦-୨୧ରେ ନାମ

### ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

ଲେଖାଇଥିବା ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ ନୋଟିସ ଦେଇ ବାହାର କରିଦେଇଥିବା ଖୋଦ୍ କଲେଜ ଅଧ୍ୟକ୍ଷ ସୁଦର୍ଶନ ବେହେରା ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମସ୍ତ ୫ଜଣ ଛାତ୍ରୀଛାତ୍ର ଟ୍ରାନ୍ସଫର ବେସିସ୍‌ରେ ବରଗଡ଼ ଜିଲା ପାଇକମାଲ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ(ଏସ୍‌ଏସ୍ ଏନ୍ ଏସି ଆଣ୍ଡ ଆର୍‌ଆଇ)ରୁ ବଦଳି ହୋଇ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମ ଲେଖାଇଥିବା ନେଇ ଅଭିଯୋଗ ହୋଇଥିଲା। ଆୟୁଷ ନିର୍ଦ୍ଦେଶକଙ୍କ ଚିଠି (କ୍ରମାଙ୍କ ନଂ. ୪୮୧୩/ଡି.ଆୟୁଷ/୨୭।୬।୨୩) ଉତ୍ତରରେ କଲେଜ କର୍ତ୍ତୃପକ୍ଷ ଚିଠି ନଂ. ୧୧୮୦/୨୮।୬।୨୩ ରେ ଉପରୋକ୍ତ ଛାତ୍ରୀଛାତ୍ର ତାଙ୍କ କଲେଜର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷ ରିପୋର୍ଟ କରିଛନ୍ତି। ସେହିପରି କେ.ଏ.ଟି.ଏସ୍. ଏୱାଇ.କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁର ମଧ୍ୟ ଆୟୁଷ ନିର୍ଦ୍ଦେଶକଙ୍କ ଚିଠି (କ୍ରମାଙ୍କ ୪୮୧୪/ଡି.ଆୟୁଷ/୨୭।୬।୨୩) ଉତ୍ତରରେ କଲେଜ ଚିଠି ନଂ ୧୩୧୫/୨୭.୬.୨୩ ରେ ଏହି ଛାତ୍ରୀଛାତ୍ର ତାଙ୍କ କଲେଜର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷ ରିପୋର୍ଟ କରିଛନ୍ତି। ଆୟୁଷ ନିର୍ଦ୍ଦେଶକ ଗତ ଜୁନ ୨୧ରେ ଚିଠି ନଂ.୪୬୪୮ରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇ ଚେୟାରମ୍ୟାନଙ୍କୁ ସମ୍ପୃକ୍ତ ୫ଜଣ ଛାତ୍ରୀଛାତ୍ରଙ୍କ ଉପଯୁକ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ନୋଟିସ କରିଥିଲେ ସୁଦ୍ଧା ଏନେଇ କୌଣସି ଉତ୍ତର ହସ୍ତଗତ ହୋଇ ନ ଥିବା ଜଣାପଡ଼ିଛି।

ବିନା ଏନ୍‌ଇଇଟି ଆୟୁର୍ବେଦ ଡାକ୍ତରୀ ପାଠ ସମ୍ପର୍କିତ ଏକ ଖବର 'ଧରିତ୍ରୀ'ରେ ଗତ ଜାନୁୟାରୀ ୧୦ରେ ଖବର ପ୍ରକାଶ ପାଇଥିଲା। ୧୧ତାରିଖରେ କଲେଜ ଅଧ୍ୟକ୍ଷ ଚିଠି କ୍ରମାଙ୍କ ନଂ. ୬୭/୨୩ରେ ଏକ ୯ଜଣିଆ କମିଟି ଗଠନ କରିଥିଲେ। ଏହି କମିଟି ୨୦୨୦-୨୧ ବ୍ୟାଚରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଦ୍ୱୟଙ୍କ ସମସ୍ତ ସାର୍ଟିଫିକେଟ ନକଲି ବୋଲି କଲେଜ ଅଧ୍ୟକ୍ଷଙ୍କୁ ରିପୋର୍ଟ କରିଥିଲେ। ପରେ କଲେଜ ଅଧ୍ୟକ୍ଷ ଅତି ଚତୁରତାର ସହ ସେହି ଦୁଇ ଛାତ୍ରୀଛାତ୍ରଙ୍କୁ ବାହାର କରିଦିଆଯାଇଥିବା ନେଇ ନୋଟିସ ବାହାର କରିଥିଲେ। ତତ୍କାଳୀନ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥ ଗତ ମେ' ୩ତାରିଖରେ କଲେଜ ଅଧ୍ୟକ୍ଷଙ୍କୁ ସବିଶେଷ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବଙ୍କୁ ମଧ୍ୟ ଚିଠି ଲେଖିଥିଲେ। ☞ପୃଷ୍ଠା-୨






ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଅଗଷ୍ଟ, ୨୦୨୩

**ଆଜିର ମନ୍ତବ୍ୟ**
ମଧ୍ୟପ୍ରଦେଶର ଶାସକ ଭାଜପା ରାଜ୍ୟକୁ ଦଳିତ ସମ୍ପ୍ରଦାୟ ବିରୋଧରେ ନିର୍ଯାତନାର ପ୍ରୟୋଗଶାଳାରେ ପରିଣତ କରିଛି। ସମାଜର ବଞ୍ଚିତ ଓ ଶୋଷିତ ବର୍ଗ ଆଗାମୀ ନିର୍ବାଚନରେ ଏହାର ଜବାବ ଦେବେ। **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଣେ ପଶିଲେ,
ମାଣେ ଖସେ।**

ଜଣେ ମନୁଷ୍ୟର ଭରଣପୋଷଣ ନିମିତ୍ତ ଅଧିକ ଖର୍ଚ୍ଚର ଆବଶ୍ୟକତା ରହିଥାଏ। ଲୋକସଂଖ୍ୟା ବୃଦ୍ଧିରୁ ଅଧିକ ଖାଦ୍ୟର ଆବଶ୍ୟକତା ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝିଅ ଘିଅ;
ରହିଲେ ଗନ୍ଧାଏ।**

ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇନଥାଏ। କାରଣ ଝିଅକୁ ଘରେ ଅଧିକ ଦିନ ରଖିଲେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ ଏବଂ ବୟସ୍କା ଝିଅର ବାହାଘର କରିବା ମଧ୍ୟ କଷ୍ଟକର ହୋଇପଡ଼ିଥାଏ। ସେହିପରି ଘିଅ ଅଧିକ ଦିନ ଘରେ ସାଇତି ରଖିଲେ ତାହା କଡୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନ୍ୟୁଡ୍ ଭିଡିଓ କଲ୍ କରି ପାର୍ଶ୍ୱ ଅଭିନେତା ଗିରଫ

**ଓଲିଉଡ୍ ଅଭିନେତ୍ରୀଙ୍କୁ ବ୍ଲାକ୍‌ମେଲ୍**

- **ପ୍ରତିଷ୍ଠିତ ନିର୍ଦ୍ଦେଶକଙ୍କ ନାଁରେ ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟ**
- **ପ୍ରଥମେ ଚାର୍ଟିଂରେ ବଢ଼ାଉଥିଲେ ସମ୍ପର୍କ**

କଟକ,୨୭।୮ (କାର୍ତ୍ତିକ ସାହୁ)

ଓଲିଉଡ୍‌ରେ ନୂଆକରି ପାଦ ଥାପୁଥିବା ଅଭିନେତ୍ରୀମାନଙ୍କୁ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ ଜରିଆରେ ନ୍ୟୁଡ୍ ଭିଡିଓ କଲ୍ କରିବା ଓ ମେସେଜ ପଠାଇ ବ୍ଲାକ୍ ମେଲ୍ କରିବା ସମ୍ପର୍କରେ କଟକ ସାଇବର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଓଲିଉଡ୍ ଇଣ୍ଡଷ୍ଟ୍ରିରେ ପାର୍ଶ୍ୱ ଅଭିନେତା ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ମିଥୁନ୍ କୁମାର ଭୋଇ।

ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ସୂଚନା ଅନୁସାରେ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାରର ବାସିନ୍ଦା ସୁଧାଂଶୁ ମୋହନ ସାହୁ ଓଲିଉଡ୍‌ର ଜଣେ ପ୍ରତିଷ୍ଠିତ ନିର୍ଦ୍ଦେଶକ। ତାଙ୍କ ଫଟୋକୁ ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟରେ ବ୍ୟବହାର କରାଯାଇ ଓଲିଉଡ୍‌ର ଅଭିନେତ୍ରୀମାନଙ୍କୁ ନ୍ୟୁଡ୍ କଲ୍ କରାଯାଉଥିବା ନେଇ ସେ ଗତ ଜୁଲାଇ ୨୨ ତାରିଖରେ ସାଇବର ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୨୯/୨୩) ରୁଜୁ କରିଥିଲା। ପରେ ତଦନ୍ତ କରି ଅଭିଯୁକ୍ତ ମିଥୁନ୍‌ଙ୍କୁ ଥାନାକୁ ଡାକି ନୋଟିସ ଦେଇଥିଲା। ଅଧିକ ତଦନ୍ତ ପରେ ପୋଲିସ ପୂରା ଘଟଣାର ପର୍ଦ୍ଦାଫାସ କରିଥିଲା। ମିଥୁନ୍ ତାଙ୍କ ପଡ଼ୋଶୀମାନଙ୍କ କି'ପ୍ୟାଡ୍ ମୋବାଇଲ୍ ଫୋନ୍ ମାଗି ଆଣି ଚତୁରତାର ସହ ସ୍ମାର୍ଟଫୋନ୍‌ରେ ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲୁଥିଲେ। ଓଟିପି ଭେରିଫିକେଶନ ହୋଇଯିବା ପରେ ସେ ପଡ଼ୋଶୀଙ୍କୁ ତାଙ୍କ ମୋବାଇଲ୍ ଫୋନ୍ ଫେରାଇ ଦେଉଥିଲେ। ପରେ ସେ ତାଙ୍କର କାରସାଦି ଆରମ୍ଭ କରିଦେଉଥିଲେ। ଏ ବାବଦରେ ମୋବାଇଲ୍ ଦେଇଥିବା ପଡ଼ୋଶୀ କିଛି ଜାଣିପାରୁ ନ ଥିଲେ। ମିଥୁନ୍ ଓଡ଼ିଆ ଚଳଚ୍ଚିତ୍ରରେ


ମିଥୁନ୍ କୁମାର ଭୋଇ

ପାର୍ଶ୍ୱ ଅଭିନେତା ଭାବେ କାର୍ଯ୍ୟ କରୁଥିବାରୁ ନୂଆ କରି ଇଣ୍ଡଷ୍ଟ୍ରିକୁ ଆସୁଥିବା ଚଳଚ୍ଚିତ୍ର ବା ଟେଲି ସିରିଏଲ୍ ଅଭିନେତ୍ରୀମାନଙ୍କ ଫୋନ୍ ନମ୍ବର ସହଜରେ ପାଇ ଯାଉଥିଲେ। ତା'ପରେ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରତିଷ୍ଠିତ ନିର୍ଦ୍ଦେଶକ, ପ୍ରଯୋଜକଙ୍କ ଫଟୋ ମିଥ୍ୟା ହ୍ୱାଟ୍ସଆପ୍ ଡିପିରେ ରଖୁଥିଲେ। ସେହି ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟରୁ ପ୍ରଥମେ ମେସେଜ ପଠାଇ ଚାର୍ଟିଂ କରୁଥିଲେ। ତା'ପରେ ନ୍ୟୁଡ୍ ଭିଡିଓ କଲ୍ କରୁଥିଲେ। ଏନେଇ ଅଭିନେତ୍ରୀଙ୍କ ସମେତ ଅନ୍ୟ କଳାକାରମାନେ ଜାଣିବା ପରେ ସହଜରେ ବିଶ୍ୱାସ କରି ନ ଥିଲେ। ଏହା ନିଶ୍ଚୟ ଅନ୍ୟ କାହାର କାର୍ଯ୍ୟ ବୋଲି ସେମାନଙ୍କର ଧାରଣା ହୋଇଥିଲା। ଏ ବାବଦରେ ସେମାନେ ସମ୍ପୃକ୍ତ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଜଣାଇବା ପରେ ଘଟଣା ପୋଲିସ ନିକଟକୁ ଆସିଥିଲା। ଅଭିନେତ୍ରୀମାନଙ୍କୁ ବ୍ଲାକ୍ ମେଲ୍ କରି କୌଣସି ଅର୍ଥ ଆଦାୟ କରିବା ସୁରାକ ମିଳିନାହିଁ। ହେଲେ ଅଭିଯୁକ୍ତ କୌଣସି ବ୍ୟକ୍ତିଗତ ଇଚ୍ଛା ହାସଲ ପାଇଁ ଏପରି କରୁଥାଇପାରନ୍ତି ବୋଲି ଅତିରିକ୍ତ ଡିସିପି ମିଶ୍ର କହିଛନ୍ତି। ତେବେ ଏନେଇ ତଦନ୍ତ ଜାରି ରହିଛି। ପରବର୍ତ୍ତୀ ସମୟରେ ଏ ବାବଦରେ ଅଧିକ ତଥ୍ୟ ମିଳିପାରିବ ବୋଲି ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

# ନିଲମ୍ବିତ ହେଲେ ଭିଜିଲାନ୍ସ ମହିଳା କର୍ମଚାରୀ

**ଅଭିଯୁକ୍ତ-ଭିଜିଲାନ୍ସ ବିଭାଗ କର୍ମଚାରୀଙ୍କ ଅଡିଓ ଭାଇରାଲ ଘଟଣା**

କେନ୍ଦୁଝର,୨୭।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପବ୍ଲିକ ପ୍ରସିକ୍ୟୁଟର କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀ ଓ ଅଭିଯୁକ୍ତଙ୍କ ଅଡିଓ ଭାଇରାଲ ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏସ୍‌ପି ନରହରି ନାୟକ ମହିଳା କନଷ୍ଟେବଲ ସାଗରିକା ବାରିକଙ୍କୁ ରବିବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

ପ୍ରକାଶ ଯେ, ସାଗରିକା ଓ ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ିଥିବା ଜଣେ ଅଭିଯୁକ୍ତଙ୍କ ସହ କଥାବାର୍ତ୍ତାର ଏକ ଅଡ଼ିଓ ଭାଇରାଲ ହୋଇଥିଲା; ଯେଉଁଥିରେ ସେ ମାମଲାକୁ ଦୁର୍ବଳ କରିବାର ଉପାୟ ବତାଉଥିଲେ। ପିପି ଓ ଅନ୍ୟମାନଙ୍କୁ ଟଙ୍କା ଦିଆଯିବ ବୋଲି କହି ଲାଞ୍ଚ ମାଗୁଥିଲେ। ଘଟଣାକୁ ଭିଜିଲାନ୍ସ ଏସ୍‌ପି ଗୁରୁତର ସହ ନେଇ ଉକ୍ତ କର୍ମଚାରୀଙ୍କୁ ଶନିବାର ବାଲେଶ୍ୱର ଜିଲା ମୁଖ୍ୟାଳୟକୁ ବଦଳି କରିଥିଲେ। ଘଟଣାର ତଦନ୍ତ କରି ରବିବାର ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦେଇଛନ୍ତି। ପବ୍ଲିକ୍ ପ୍ରସିକ୍ୟୁଟର ଦେବଦତ୍ତ ବିଶ୍ୱାଳ କହିଛନ୍ତି, ତାଙ୍କ ନାମକୁ ନେଇ କଥାବାର୍ତ୍ତା ହେଉଥିବା ଅଡିଓ ଭାଇରାଲ ହୋଇଥିଲା। ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ।

# ୫ଦିନ ପାଗ ଶୁଖିଲା, ୩୧ରୁ ଝଡ଼ବର୍ଷା

ଭୁବନେଶ୍ୱର,୨୭।୮
(ଅନୁରାଧା ମହାରଣା)

ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ନ ଥିବାବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ। ତେବେ ଏହାପରେ ରାଜ୍ୟର କେତେକ ଜିଲାରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୮ରୁ ୩୦ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ମାତ୍ର ଏହି ୩ଦିନ ମଧ୍ୟମରେ କୌଣସି ସ୍ଥାନରେ ବଡ଼ବର୍ଷା ହେବାର ସମ୍ଭାବନା ନାହିଁ। ତେବେ ୩୧ ତାରିଖ ବେଳକୁ ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୁଭଞ୍ଜ ଆଦି ଜିଲାର କେତକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେପ୍ଟେମ୍ବର ୧ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, କଟକ, ଖୋର୍ଦ୍ଧା, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏହାପରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ତେବେ ରାଜ୍ୟରେ ରବିବାର ପାଗ ଶୁଖିଲା ରହିବା ସହ ଅନେକାଂଶରେ ତାପମାତ୍ରା ୩୫ ଡିଗ୍ରୀ ଅଧିକ ରହିଥିଲା। ଏହାସହ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଥିଲା।

# ଆନ୍ଦୋଳନରୁ ଓହରିବେନି ଅଧ୍ୟାପକ, କର୍ମଚାରୀ





ଭୁବନେଶ୍ୱର,୨୭।୮
(ଅନୁରାଧା ମହାରଣା)

ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି। ଦୀର୍ଘ ୪୨ଦିନ ଧରି ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିଥିବା ଏହି ଅଧ୍ୟାପକ ଓ କର୍ମଚାରୀ ଆନ୍ଦୋଳନରୁ ଓହରିବେନି ବୋଲି ନିଷ୍ପତ୍ତି ନେଇଛନ୍ତି। ଏକମାତ୍ର ଦାବି ସରକାରୀ ଅନୁଦାନ ପାଇଁ ଇତିମଧ୍ୟରେ ୩ଥର ମହାସମାବେଶ ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷା ବିଭାଗର ସଚିବ ଓ ମନ୍ତ୍ରୀଙ୍କ ସହିତ ୨ଥର ଆଲୋଚନା ମଧ୍ୟ ସରିଛି। ମାତ୍ର ସେମାନଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି ବୋଲି ସଂଘ ଉପସଭାପତି ରବି ନାରାୟଣ କରଣ କହିଛନ୍ତି। ରବିବାର ସଂଘ ସଭାପତି ଡ. ଦେବବିଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଧାରଣା ସ୍ଥଳରେ ଏକ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହୋଇଥିଲା। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ସଂଘ ତା'ର ପ୍ରତିବାଦକୁ ତୀବ୍ରତର କରିବା ସହ ଆମରଣ ଅନଶନରେ ଧାରଣା ଦେବାପାଇଁ ସଭାରେ ନିଷ୍ପତ୍ତି ନିଆଯାଇଛି। କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଧନଞ୍ଜୟ ମିଶ୍ର, ବିଭୂ ପ୍ରସାଦ ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡା, ଶଙ୍କର ପାଢୀ, ତପନ ତରେଇ, ଶ୍ରୀକାନ୍ତ ସାହୁ, ଶିବ ପ୍ରସାଦ ମଲ୍ଲିକ ତଥା ସଂସ୍କୃତ ସଂଘ ସଭାପତି କୁଶଦେବ ମଲ୍ଲିକଙ୍କ ସହ ସମସ୍ତ ଜିଲାର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ତଥ୍ୟ, ପ୍ରମାଣ ...

ଧରିତ୍ରୀରେ ପ୍ରକାଶିତ ଖବର ଉପରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତତ୍ପରତା ମଧ୍ୟ ପ୍ରକାଶ ପାଇଥିଲା। ମନ୍ତ୍ରଣାଳୟ ଏସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ ସିଷ୍ଟମ୍ ଅଫ୍ ମେଡିସିନି(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛି। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗତ ଜୁନ ୧୧ତାରିଖରେ ଖୋର୍ଦ୍ଧା ଗସ୍ତରେ ଆସିଥିବାବେଳେ କେନ୍ଦ୍ର ଆୟୁଷ ଓ ମହିଳା ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ମୁଞ୍ଜିପାରା ମହେନ୍ଦ୍ର ଭାଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହା ସତ୍ତ୍ୱେ ବିଭାଗୀୟ ଶୀଥିଳତା ନେଇ ଗତ ଜୁଲାଇ ମାସରେ ତଥ୍ୟ ସମ୍ବଳିତ ଏକ ଅଭିଯୋଗ ଫର୍ଦ୍ଦ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଏକ ମାସ ବିତିଲାଣି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟ ସଚିବଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବେଆଇନ ଭାବେ ୨୦୨୦-୨୧ ବ୍ୟାଚରେ ପାଠପଢ଼ା ସୁଯୋଗ ଦିଆଯାଉଥିବା ଏବଂ ଛାତ୍ରୀଛାତ୍ରଙ୍କଠାରୁ ବିପୁଳ ଅର୍ଥ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଓ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଜନୈକ ଅଭିଯୋଗକାରୀ ଆୟୁଷ ମନ୍ତ୍ରଣାଳୟ ନିକଟରେ ୨୦୨୨ରେ ଅଭିଯୋଗ କରିଥିଲେ। ପରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ପରବର୍ତ୍ତୀ ସମୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚରେ ମଧ୍ୟ ଅନୁରୂପ ଭାବେ ୩ଜଣ ବିନା ଏନଇଇଟି ର୍‍ୟାଙ୍କ ଏବଂ ଓଜେଇ ଆଲର୍ଟ ନମ୍ବରରେ ନାମ ଲେଖାଇଥିବା ନେଇ ଜଣାପଡ଼ିଥିଲା। ତେବେ ଏହି ବେଆଇନ ନାମଲେଖା ପଛରେ କଲେଜଠାରୁ ଉପରସ୍ତର ପର୍ଯ୍ୟନ୍ତ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ଏକ ପ୍ରକାର ସ୍ପଷ୍ଟ ହୋଇଥିବାବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ ବିଳମ୍ବ ହେବା ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଆୟୁଷ ନିର୍ଦ୍ଦେଶକ ପ୍ରେମ୍‌ଜିତ ନାୟକଙ୍କୁ ପଚାରିବାରେ ଓଜେଇ ଚେୟାରମ୍ୟାନଙ୍କୁ ଉକ୍ତ ୫ଜଣ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଗତ ଜୁନ୍ ୨୧ରେ ରିପୋର୍ଟ ମଗାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



OFFICE OF THE PRINCIPAL
K.A.T.S. AY. COLLEGE & HOSPITAL,
BERHAMPUR, ANKUSHPUR, GANJAM, ODISHA
Website: www.katsaycollege.org e-mail: katsaycollege@gmail.com Cell- 9437499423

Annexure

Letter No. 1315 /KATS Dt. 27-06-23

To
The Director AYUSH
Odisha, Bhubaneswar

Sub: -Admission of students from Non-OJEE allotted lists.
Ref:- Directorate of AYUSH of Letter No. 4814/DAYUSH, Dt. 27.06.2023.


Sir,

In pursuance to the letter on the subject and reference cited above I am to inform you that, no candidate out of the provided list of five students have taken admission into B.A.M.S. course in this institution.

This is for favour of your kind information and necessary action.

Yours faithfully,
PRINCIPAL 27/6/23

Public Information Officer
Directorate of AYUSH
Odisha, Bhubaneswar



Sri Sri Nrusinghnath Ayurved College
& Research Institute
Nrusinghnath, P.O.-Paikmal, -768039, Dist-Bargarh (Odisha)
Recognised by the govt. of India, Ministry of AYUSH, New Delhi &
Affiliated to Sambalpur University
Email - ssnayc.ri@gmail.com, Website-www.ssnayc.com

Ref. No. 1180 Date 28-06-2023

To,
The Director, AYUSH
Department of Health & Family Welfare,
Govt. of Odisha, Heads of Department Building,
3rd floor, (Annex), Unit- 5,
Bhubaneswar-751001

Sub:- Illegal Admission into B.A.M.S. course using forged documents by Non- NEET qualified/Non-OJEE allotted in-eligible students in the year 2016-17, 2017-18 and 2020-21 batch at Gopabandhu Ayurveda Mahavidyalaya, Puri.

Ref:- Your office letter No. 4813/DAYUSH, Dt. 27.06.2023.

Sir,

With the subject matter cited above I am to say that no such students have taken admission in this institution into BAMS course as mentioned in your office letter No. 4813/DAYUSH, Dt. 27.06.2023.

This is for favour of your information and necessary action.

With Thanks
Yours Faithfully

Principal
S.S.N.Ay. College & R.I.,
Nrusinghnath, P.O.- Paikmal
Dist.- Bargarh (768039)

Public Information Officer
Directorate of AYUSH
Odisha, Bhubaneswar

**ପ୍ରଥମ ପୃଷ୍ଠାରୁ...**

## କୁଟୁରା ଇଂଲିଶ ...

ପାଇ ଦଣ୍ଡିତ ହେବାର ଆଶଙ୍କା ରହିଛି। ତେଣୁ ନିଜ ଚାକିରି ବଞ୍ଚେଇବା ପାଇଁ ଆମକୁ ସିଆର୍‌ପିସି ୪୧ ଏ(CRPC 41 A) ଅନୁଯାୟୀ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡ଼ିବାକୁ ପଡ଼ିବ। ଯେତେବେଳେ ଆମ ପାଖରେ ଡିଏନ୍‌ଏ ରିପୋର୍ଟ ଆସି ପହଞ୍ଚିବ, ସେତେବେଳେ ଯାଇ କୋର୍ଟଙ୍କ ନିର୍ଦ୍ଦେଶରେ ୱାରେଣ୍ଟ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବୁ ବୋଲି ଅଧିକାରୀ ଜଣକ କହିଛନ୍ତି।

## ପରଲୋକରେ ଜୟନ୍ତ ...

ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ ହୋଇଥିଲେ। ହେଲେ ୨୦୧୫ରେ ଦେଶରେ ବଢୁଥିବା ଅସହିଷ୍ଣୁତାକୁ ଦେଖି ସେ ତାହାକୁ ଫେରାଇ ଦେଇଥିଲେ। ସାହିତ୍ୟ ସାଧନା ପାଇଁ ସେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିଲେ। ଜୟନ୍ତଙ୍କ ବିୟୋଗରେ ଓଡ଼ିଆ ଏବଂ ଭାରତୀୟ ଇଂରାଜୀ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। କବି ମହାପାତ୍ରଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଭୀର ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମହାପାତ୍ର ଜଣେ ଉଚ୍ଚକୋଟୀର କବି ଥିଲେ ଏବଂ ତାଙ୍କ ବିୟୋଗରେ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ହେଲା ବୋଲି ପାତ୍ର ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ସେହିଭଳି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ମଧ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ କହିଛନ୍ତି, କେବଳ ଓଡ଼ିଆ ସାହିତ୍ୟ ନୁହେଁ, ଭାରତୀୟ ସାହିତ୍ୟ ପାଇଁ କବି ମହାପାତ୍ରଙ୍କ ପରଲୋକ ବଡ଼ ଦୁଃଖଦାୟକ। ଓଡ଼ିଆ ଆଉ ଇଂଲିଶ୍ ଉଭୟ ଭାଷାରେ କବିତା ରଚନା କରୁଥିଲେ। ତାଙ୍କ କବିତା ପାଇଁ ସେ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ଥିଲେ। ଏପରିକି ଶେଷନିଃଶ୍ୱାସ ପର୍ଯ୍ୟନ୍ତ କବିତା ସାହିତ୍ୟ ରଚନାରେ ନିଜକୁ ନିୟୋଜିତ ରଖିଥିଲେ। ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମରେ ତାଙ୍କ ଉପସ୍ଥିତି ଦେଖିବାକୁ ମିଳୁଥିଲା। ବିଶେଷ କରି ଓଡ଼ିଆ ସାହିତ୍ୟ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେଇ ଏକାଡେମୀକୁ ଧନ୍ୟ କରିଛନ୍ତି। ତାଙ୍କ ବିୟୋଗରେ ଏକାଡେମୀ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଗ୍ୟଭାବସ୍ଥ ଚନ୍ଦ୍ର ପ୍ରତ୍ୟେକ କର୍ମ ଓ ପାରିବାରିକ ଜୀବନକୁ ସରସ, ସୁନ୍ଦର କରି ରଖିବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ବୁଧଙ୍କ ସୁପ୍ରଭାବରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ବୃଷ** ମଙ୍ଗଳ କୋଣ ସ୍ଥାନରେ ଥିବାରୁ କୌଣସି ଘରୋଇ ସମସ୍ୟାର ସମାଧାନ କ୍ଷେତ୍ରରେ ସ୍ତ୍ରୀଙ୍କ ଅବଦାନ ସ୍ମରଣୀୟ ରହିବ। ପ୍ରଶାସନିକ ସ୍ତରରେ କାମ ହାସଲ କଷ୍ଟକର ହୋଇପାରେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଲାଭବାନ ହେବେ। କର୍ମଭାବସ୍ଥ ଶନି କର୍ମକ୍ଷେତ୍ରରେ ଅସ୍ଥିରତା ଦୂର କରିବାରେ ସାହାଯ୍ୟ କରିବେ।

**ମିଥୁନ** ଦ୍ୱିତୀୟ ଓ ତୃତୀୟଭାବର ଶୁଭତ୍ୱ କାରଣରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପଡ଼ୋଶୀଙ୍କ ସାହଚର୍ଯ୍ୟରେ ସାମାଜିକ ସ୍ତରରେ କୌଣସି କାମ କରିବା ସକାଶେ ସ୍ଥିର କରିବେ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଗସ୍ତ ସମୟରେ ଯାନବାହନରେ ସତର୍କତା ବିଧେୟ।

**କର୍କଟ** ଅଷ୍ଟମଭାବସ୍ଥ ଶନିଙ୍କ ଯୋଗୁ ଯେଉଁ କାମରେ ହାତ ଦେବେ କଠିନ ପରିଶ୍ରମ କରିବାକୁ ପଡ଼ିବ। କର୍ମକ୍ଷେତ୍ରର ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ସହ ଆଲୋଚନା କ୍ରମେ ସଜାଡ଼ି ନେବେ। କୌଣସି ଅଜଣା ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସାଙ୍ଗକୁ ଶ୍ରମଜନିତ କ୍ଳାନ୍ତିବୋଧ କରିବେ।

**ସିଂହ** ଦ୍ୱାଦଶସ୍ଥ ଶୁକ୍ର ଯୋଗୁ ସୁବିଧା ସୁଯୋଗ ପାଇଲେ ମଧ୍ୟ କାମ ହାସଲ କରିପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ତର୍କ ବିତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଘଟିପାରେ। ବିଳମ୍ବରେ ହେଲେ ମଧ୍ୟ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**କନ୍ୟା** ମଙ୍ଗଳଙ୍କ ରାଶ୍ୟାବସ୍ଥାନଜନିତ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଅଂଶୀଦାରଙ୍କ ଅଯଥା ଯୁକ୍ତି କାରଣରୁ ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ। ମାଲିମକଦ୍ଦମାରେ ସ୍ୱପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** ଗୁରୁଙ୍କ ପାପସଂଯୁତି କାରଣରୁ ନିଜ ଲୋକଙ୍କ ବିରୋଧରେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ବିଛା** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ କଳହ ଆଶଙ୍କା କରି ମନ କଥା କହିବାକୁ ପଛେଇ ଯିବେ। ଏକ ସାମୂହିକ କାର୍ଯ୍ୟକ୍ରମରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବନ୍ଧୁଙ୍କ ପ୍ରେରଣାରେ କୌଣସି ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଦ୍ୱାଦଶାଧିପତି ଥିବାରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପାଦନ ନିମନ୍ତେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନଦୁଃଖ ହୋଇପାରେ। ଶାସ୍ତ୍ରାଧ୍ୟୟନ ସାଙ୍ଗକୁ ଧର୍ମ କାର୍ଯ୍ୟରେ ନିୟୋଜିତ କରିପାରନ୍ତି।

**ମକର** ଭାଗ୍ୟସ୍ଥ ମଙ୍ଗଳ ହେତୁ କର୍ମକ୍ଷେତ୍ରରେ ଅବହେଳାବଶତଃ ସ୍ଥଗିତ କାମକୁ ପୂରାଦମରେ କରିଚାଲିବେ। ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିଜ ଲୋକମାନେ ଶତ୍ରୁତା ଆଚରଣ କରିବେ। ବ୍ୟବସାୟ କ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**କୁମ୍ଭ** ଚନ୍ଦ୍ର କ୍ଷେତ୍ରରେ ଶୁକ୍ର ଥିବାରୁ କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ବନ୍ଧୁଙ୍କ କଥାରେ ହଁ ଭରି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

**ମୀନ** ଷଷ୍ଠସ୍ଥ ରବି ଓ ବୁଧଜନିତ କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପାରିବାରିକ କ୍ଷେତ୍ରର ସମୟ ସୁବିଧା ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ; ଅବଶ୍ୟ ଉପକୃତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

ଆଜି ଶ୍ରାବଣ ଶୁଦ୍ଧଶୁକ୍ଳପକ୍ଷ ଦ୍ୱାଦଶୀ ସୋମବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଆଖେଟକ ପର୍ବ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ଅଗଷ୍ଟ ୨୮ ତାରିଖ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ୧୦।୧୮ ଗତେ, ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ସକାଳ ଘ୦୫।୩୩ ଗତେ, ଘ୦୭।୦୭ ମଧ୍ୟେ,ଘ୧୦।୩୩ ଗତେ, ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ୦୭।୦୭ ଗତେ, ଘ୦୮।୪୦ ମଧ୍ୟେ ରାହୁକାଳ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜବତ, ୫ ଗିରଫ

## ସିବିଆଇ ଅଫିସର କହି ବନ୍ଧୁକ ମୁନରେ ଡକାୟତି ମାମଲା

- ଦେଶୀ ବନ୍ଧୁକ ସମେତ ଚୋରି ସୁନା ଅଳଙ୍କାର ଜବତ
- ଗିରଫ ପରେ ଜେଲ ଗଲେ, ୪ ଏବେବି ଫେରାର





ଭୁବନେଶ୍ୱର,୨୭।୮(ସତ୍ୟଜିତ୍ ରାଉତ)

ସିବିଆଇ ଅଫିସର କହି ଘରେ ପଶିଥିଲେ। ବାପପୁଅଙ୍କୁ ବାନ୍ଧି ବନ୍ଧୁକ ମୁନରେ ଭୟ ଦେଖାଇ ସିନେମା ଷ୍ଟାଇଲ୍‌ରେ ଲୁଟିଥିଲେ ୧.୭ କୋଟି ନଗଦ ଟଙ୍କା ସମେତ ସୁନା ଅଳଙ୍କାର। ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଅଞ୍ଚଳରେ ଘଟିଥିବା ଏହି ଡକାୟତିରେ ସମ୍ପୃକ୍ତ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବା ସହ ୫ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ରେଙ୍ଗାଲି ଡ୍ୟାମ୍ ସାଇଟ୍ ଥାନା ଅଞ୍ଚଳର ହେମନ୍ତ କୁମାର ଧୀର୍ (୩୨), ସନାତନ ନାୟକ ଓରଫ ସନା, ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଞ୍ଚଳରେ ରହୁଥିବା ଅନୁଗୋଳ ଜିଲା ଟାଉନ ଥାନା ଅଞ୍ଚଳର ଅର୍ବାଜ୍ ଖାନ୍ (୨୨), କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ସଞ୍ଜୟ ମଲ୍ଲିକ (୩୬) ଓ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଯାଜପୁର ଜିଲା ବରି ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଅଜମିର୍ ଅଲ୍ଲୀ (୪୮)। ଅଭିଯୁକ୍ତଙ୍କ ପାଖରୁ ୧.୦୨ କୋଟି ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ଚେନ୍, ୪ଟି ମୁଦି ଓ ଗୋଟିଏ କାନଫୁଲ ଜବତ ହୋଇଛି। ରବିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ହେମନ୍ତ ଜଣେ ବିଧାୟକଙ୍କ ସହଯୋଗୀ ବୋଲି ସୂଚନା ମିଳିଛି। ଏହି ମାମଲାରେ ଅଭିଯୋଗକାରୀଙ୍କ ଜଣେ ବନ୍ଧୁଙ୍କ ଡ୍ରାଇଭର ବାଦଲ ସମେତ ୪ଜଣ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି।

ଅଗଷ୍ଟ ୨ ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ୮ଟା ୩୦ ମଧ୍ୟରେ ନନ୍ଦନବିହାର ବସୁନ୍ଧରା କଲୋନୀର ପ୍ଲଟ ନଂ.୨୬୮/୨ସ୍ଥିତ ଘରେ ଏହି ଡକାୟତି ହୋଇଥିଲା। ସେତେବେଳେ ଭୁବନେଶ୍ୱରରେ ବର୍ଷା ହେଉଥିଲା। ଘରେ ବରିଷ୍ଠ ନାଗରିକ ନିବାରଣ ପାଣି ଏବଂ ତାଙ୍କ ପୁଅ ଶୁଭମ୍ ଥିଲେ। ହଠାତ୍ ୩ଜଣ ଯୁବକ କବାଟ ଠକ୍ ଠକ୍ କରି ନିଜକୁ ସିବିଆଇ ଅଫିସର ବୋଲି କହିଥିଲେ। ସେମାନେ ଭିତରକୁ ଯିବାପରେ ତାଙ୍କ ଘରେ ରେଡ୍ ହୋଇଥିବା କହିଥିଲେ। ଏହାପରେ ବାହାରେ ଥିବା ଅନ୍ୟ ୫ଜଣ ଯୁବକ ହଠାତ୍ ଘର ଭିତରକୁ ପଶିଯାଇଥିଲେ। ସମସ୍ତ ଅଭିଯୁକ୍ତମାନେ ବାପପୁଅଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରାଇଥିଲେ। ଉଭୟଙ୍କ ମୁହଁରେ ସେଲୋଟେପ୍ ଗୁଡ଼ାଇ ହାତକୁ ଟାଉଲ୍‌ରେ ବାନ୍ଧି ଦେଇଥିଲେ। ଏହାପରେ ସେମାନେ ଡକାୟତି କରି ଫେରାର ହୋଇଯାଇଥିଲେ। ଏନେଇ ନିବାରଣଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୬୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


### ବନ୍ଧୁଙ୍କ ଡ୍ରାଇଭର ରଚିଥିଲେ ଡକାୟତି ଷଡ଼ଯନ୍ତ୍ର

ଗୃହକର୍ତ୍ତା ନିବାରଣଙ୍କ ଜଣେ ବନ୍ଧୁଙ୍କ ଡ୍ରାଇଭର ବାଦଲ ହିଁ ଏହି ଡକାୟତିର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଘଟଣାର କିଛିଦିନ ପୂର୍ବରୁ ନିବାରଣଙ୍କ ବନ୍ଧୁଙ୍କ ସହ ବାଦଲ ଉକ୍ତ ଘରକୁ ଆସିଥିଲେ। ନିବାରଣ ଘର କିଣିବା ପାଇଁ ବିପୁଳ ଟଙ୍କା ରଖିଥିବା ସେ ଜାଣିବାକୁ ପାଇଥିଲେ। ଏହାପରେ ସେ ଅନ୍ୟମାନଙ୍କ ସହ ମିଶି ଏହି ଯୋଜନା କରିଥିଲେ। ଘଟଣା ପରେ ଲୁଟ୍ ଟଙ୍କାକୁ ପରସ୍ପର ବାଣ୍ଟି ନେଇଥିଲେ।

### ଅଭିଯୁକ୍ତଙ୍କ ପାଖରେ କେମିତି ପହଞ୍ଚିଲା ପୋଲିସ

ଅଭିଯୁକ୍ତମାନେ ଏକ କାର୍ (ଓଡ଼ି୨୫ଇ୧୦୫୧)ରେ ଆସିଥିଲେ। ଲୁଟ୍ କରିବା ପରେ ଷଡ଼ଯନ୍ତ୍ରକାରୀ ଅଭିଯୁକ୍ତ ବାଦଲ ଆଣିଥିବା ତାଙ୍କ ବ୍ୟାଗକୁ ଘଟଣାସ୍ଥଳରେ ଛାଡ଼ି ଚାଲିଯାଇଥିଲେ। ତଦନ୍ତ ସମୟରେ ମିଳିଥିବା ଉକ୍ତ ବ୍ୟାଗ୍‌କୁ ନିବାରଣ ଚିହ୍ନି ତାହା ତାଙ୍କ ବନ୍ଧୁଙ୍କ ଡ୍ରାଇଭରଙ୍କର ବୋଲି କହିଥିଲେ। ବ୍ୟାଗ୍‌ରୁ ମିଳିଥିବା ଏକ ସିମ୍ କାର୍ଡକୁ ଯାଞ୍ଚ କରିବା ପରେ ତାହା ବାଦଲର ବୋଲି ମଧ୍ୟ ସ୍ପଷ୍ଟ ହୋଇଥିଲା। ଅନ୍ୟପଟେ ସିସିଟିଭି ଫୁଟେଜ୍ ଯାଞ୍ଚରୁ ଅଭିଯୁକ୍ତମାନେ ଆସିଥିବା କାର୍‌ର ନମ୍ବର ମିଳିଯାଇଥିଲା। ଉକ୍ତ ନମ୍ବରକୁ ଟ୍ରାକ୍ କରିବା ପରେ ତାହା ହେମନ୍ତଙ୍କ ନାଁରେ ଥିବା ଜଣାପଡିଥିଲା। ପ୍ରଥମେ ହେମନ୍ତ ଧରାପଡ଼ିବା ପରେ ସେ ଅନ୍ୟମାନଙ୍କ ନାଁ କହିଥିଲେ। ପୋଲିସ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

# ଆଇଆଇପିଏ ଓ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ




ଭୁବନେଶ୍ୱର,୨୭।୮(ଅସମାପିକା ସାହୁ)

ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନ(ଆଇଆଇପିଏ) ନୂଆଦିଲ୍ଲୀ ଏବଂ ଓଡ଼ିଶା ସରକାରଙ୍କ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ(ଜିଏଏ) ମଧ୍ୟରେ ଏକ ବୁଝାମଣାପତ୍ର ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟ ତଥା ଦେଶରେ ପ୍ରଶିକ୍ଷଣ ଇକୋ-ସିଷ୍ଟମ୍‌ର କ୍ଷମତା ବୃଦ୍ଧିରେ ସହାୟକ ହେବ। ଆଇଆଇପିଏର ରେଜିଷ୍ଟ୍ରାର ଅମିତାଭ ରଞ୍ଜନ ଏବଂ ଜିଏଏର ଅତିରିକ୍ତ ନିର୍ଦ୍ଦେଶକ ଆରାଧନା ଦାସ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ଭାଗୀଦାରି ଭିତ୍ତିକ ଅଧ୍ୟୟନ ତଥା ପ୍ରଶିକ୍ଷଣରେ ଅଧ୍ୟାପକ ବିନିମୟ, ଯୁଗ୍ମ ଗବେଷଣା ପ୍ରକଳ୍ପ ଏବଂ ସୁବିଧା ଆଦାନ ପ୍ରଦାନ ଇତ୍ୟାଦିକୁ ପ୍ରୋତ୍ସାହିତ କରିବ। ଲୋକ ପ୍ରଶାସନ ଓ ଶାସନ ଉପରେ ବ୍ୟାପକ ଜ୍ଞାନ ଆହରଣ କରିବା ଏବଂ ଯୁବ ଓ ଉଦୀୟମାନ ପ୍ରଶାସକଙ୍କ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ୨୦୨୦ (ଡିଆର୍) ବ୍ୟାଚ୍‌ର ୧୨୭ଜଣ ଓଏଏସ୍ ପ୍ରୋବେସନରଙ୍କ ପାଇଁ ଗତ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଇଆଇପିଏଠାରେ ଏକ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମଥର ପାଇଁ ଓଏଏସ୍ ପ୍ରୋବେସନରମାନେ ରାଷ୍ଟ୍ରପତି ଭବନ, ସଂସଦ ଭବନ, ପିଏମ୍ ସଂଗ୍ରହାଳୟ, ଯୁଦ୍ଧ ସ୍ମାରକୀ ଓ ଜାତୀୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଆଇଆଇପିଏ ଦ୍ୱାରା ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଇଥିବା ବେଳେ ଏହି ସଂସ୍ଥାନ ତରଫରୁ ଡ. ସୁରଭି ପାଣ୍ଡେ ଏବଂ ଗୋପବନ୍ଧୁ ଏକାଡେମୀର ଡ. ମମତାରାଣୀ ନାୟକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ-ତଥା -ଏକ୍ସପୋଜର ଭିଜିଟ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ୩ ଟପ୍ ଲାଇନ୍ ଅଭିଯୁକ୍ତଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର

ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା



ଭୁବନେଶ୍ୱର,୨୭।୮(ସୂର୍ଯ୍ୟକାନ୍ତ ବେହେରା)

ହଜାରେ କୋଟିର ଏସ୍‌ଟିଏ ଟୋକନ କ୍ରିପ୍ଟୋ ପୋଞ୍ଜି ସ୍କାମ୍ ମାମଲାରେ ଆଉ ତିନିଜଣଙ୍କ ନାଁରେ ଲୁକ୍ ଆଉଟ ସର୍କୁଲାର୍ ଜାରି ହୋଇଛି। ସେମାନେ ହେଲେ ରାଜସ୍ଥାନର କ୍ରିଷ୍ଣା କୁମାର, ଅନିଲ କୁମାର ଓ ଭୁରା ରାମ। ସମସ୍ତ ଅଭିଯୁକ୍ତ ର୍‌ୟାକେଟର ଭାରତ ମୁଖ୍ୟ ଗୁରୁତେଜ ସିଂ ସିଦ୍ଧୁର ଘନିଷ୍ଠ ସହଯୋଗୀ। ସେମାନେ ଏହି ଠକେଇ ସ୍କାମର ଆର୍ଥିକ ଓ ଟେକ୍ନିକାଲ ମ୍ୟାନେଜମେଣ୍ଟ ପରିଚାଳନା କରିଥିବା ତଦନ୍ତବେଳେ ଜଣାପଡିଛି। ଅଭିଯୁକ୍ତମାନେ ଏହି ର୍‌ୟାକେଟର ଟପ୍ ଲାଇନରେ କାମ କରିବା ସହ ମୋଟା ଅଙ୍କର ଟଙ୍କା ନେଇଥାନ୍ତି। ସେମାନେ ଥାଇଲାଣ୍ଡ ଓ ଦୁବାଇ ଯିବାକୁ ଯୋଜନା କରୁଥିବା ସୂଚନା ମିଳିବା ପରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଇଓଡବ୍ଲୁର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ ଏହି ଲୁକ୍ ଆଉଟ ସର୍କୁଲାର ଜାରି କରିଛି। ସେହିପରି ଏହାପୂର୍ବରୁ ଏହି ମହାଠକେଇର ମାଷ୍ଟରମାଇଣ୍ଡ ତଥା ଏସ୍‌ଟିଏ ଟୋକନ୍ କ୍ରିପ୍ଟୋ ପୋଞ୍ଜିର ମୁଖ୍ୟ ଥିବା ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ(୩୨)ଙ୍କ ବିରୋଧରେ ଲୁକ ଆଉଟ୍ ସର୍କୁଲାର୍ (ଏଲଓସି) ଜାରି ହୋଇସାରିଛି।

# ‘ଗ୍ରୀନ୍ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆରେ ୧୦ ହଜାର ନିଯୁକ୍ତି’

- ୫-ଟି ସଚିବଙ୍କ ଗଞ୍ଜାମ ଜିଲା ଗସ୍ତ ସରିଲା
- ଗୋପାଳପୁରରେ ୨ ପ୍ରକଳ୍ପରେ ଖର୍ଚ୍ଚ ହେବ ୪୦ ହଜାର କୋଟି



ସଭାରେ ଉପସ୍ଥିତ ମହିଳା।



ଅଭିଯୋଗ ଶୁଣାଣି ସଭାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

ବ୍ରହ୍ମପୁର,୨୭।୮(ସ୍ମୃତି ରଞ୍ଜନ ମହାଲିକ)

୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ୩ ଦିନିଆ ଗଞ୍ଜାମ ଜିଲା ଗସ୍ତ କାର୍ଯ୍ୟକ୍ରମ ରବିବାର ସରିଛି। ଶେଷଦିନରେ ସେ ବ୍ରହ୍ମପୁର ମହାନଗରର ଆମ୍ବପୁଆ ବିବେକ ବିହାର, ସାନଖେମୁଣ୍ଡି, ଦିଗପହଣ୍ଡି, ଚିକିଟି ଓ ଛତ୍ରପୁରରେ ଆୟୋଜିତ ସମାବେଶରେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ସହ ବିଭିନ୍ନ ଆଲୋଚନା କରିଛନ୍ତି।

ବ୍ରହ୍ମପୁର ବିବେକବିହାରସ୍ଥିତ ପଡିଆରେ ଆୟୋଜିତ ସମାବେଶରେ ୫-ଟି ସଚିବ କହିଛନ୍ତି, ଗୋପାଳପୁର ଟାଟା ଏସ୍‌ଇଜେଡ୍ ପ୍ଲାଣ୍ଟଠାରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା ହେବ। ଏହି ୨ ପ୍ରକଳ୍ପରେ ୧୦ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ବ୍ରହ୍ମପୁର ସହର ବେଢାବନ୍ଧର ଉନ୍ନତୀକରଣ ପାଇଁ ୨୫ କୋଟି, ବ୍ରହ୍ମପୁର ଷ୍ଟାଡିୟମରେ ହଷ୍ଟେଲ ପାଇଁ ୧୬କୋଟି, ମୁକ୍ତା ଯୋଜନା ପାଇଁ ୩୫କୋଟି, ସିଟି ହସ୍ପିଟାଲ ଉନ୍ନତୀକରଣ ପାଇଁ ୮ କୋଟି ଓ ଏମକେସିଜିରେ କ୍ୟାନସର ସେଣ୍ଟର ପାଇଁ ୮୦ କୋଟି ଅର୍ଥ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ୧୮୦ କୋଟି ବ୍ୟୟରେ ବ୍ରହ୍ମପୁର ରିଂ ରୋଡ କାମ ଆସନ୍ତାବର୍ଷ ଡିସେମ୍ବରରେ ଶେଷ ହେବ। ଜାଗା ମିଶନ ପାଇଁ ପୁଣି ଥରେ ସର୍ଭେ ପ୍ରକ୍ରିୟା ଆରମ୍ଭ ହେବ। ଜିଲାବାସୀଙ୍କ ସହଯୋଗ ଓ ଉଦ୍ୟମ କାରଣରୁ ଗଞ୍ଜାମ ୪ଥର ଜାତୀୟ ପୁରସ୍କାର ପାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଭଲ କାର୍ଯ୍ୟ ହୋଇଥିବାରୁ ଜିଲା ପ୍ରଥମ ପୁରସ୍କାର ପାଇଥିବା ବେଳେ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସେମାନଙ୍କର ମଜୁରି ପଠାଇବାରେ ମଧ୍ୟ ଜିଲା ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କାର ପାଇଛି। ସେହିପରି ଦିବ୍ୟାଙ୍ଗଙ୍କୁ ଥଇଥାନ ପାଇଁ ବର୍ଷକ ମଧ୍ୟରେ ୩୦ହଜାର ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରଦାନ କରିବା କ୍ଷେତ୍ରରେ ପୁରସ୍କାର ମିଳିଛି। ବିଗତ ଦିନରେ ଗଞ୍ଜାମ ଜିଲା ଏଚଆଇଭି ରେଡସ୍ପଟ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାକ୍ରମେ ଜିଲାରେ ୨୦୧୦ ପରଠାରୁ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇ ଜାତୀୟ ସ୍ତରରେ ପୁରସ୍କାର ହାସଲ କରିଛି। ଗ୍ରାମକଣ୍ଠ ପରମ୍ବୋଜ ଜମିର ହସ୍ତାନ୍ତର ପ୍ରକ୍ରିୟା ନିୟମ ପରିବର୍ତ୍ତନ କରାଯିବା ଫଳରେ ବହୁ ଜିଲାବାସୀ ଉପକୃତ ହୋଇଛନ୍ତି। ଗଞ୍ଜାମ ଜିଲାବାସୀ ପରିଶ୍ରମୀ। ଏଠାରେ ସମସ୍ତେ ସହଯୋଗର ହାତ ବଢାଇଥାନ୍ତି। ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରର ଉନ୍ନତୀକରଣ ନେଇ ଯେଉଁମାନେ ଦରଖାସ୍ତ ଦେଇଛନ୍ତି, ଆସନ୍ତା ୪ ତାରିଖରେ ଅର୍ଥ ମଞ୍ଜୁର ହେବ। ପ୍ରଥମ ପର୍ଯ୍ୟାୟ ଅର୍ଥକୁ ଠିକ ଭାବେ ବିନିଯୋଗ କଲେ ୩ଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ଅର୍ଥ ମିଳିବ। କୋଠଘର ପାଇଁ ଯେଉଁମାନେ ଦରଖାସ୍ତ ଦେଇଛନ୍ତି, ମାସକ ମଧ୍ୟରେ ଚିଠି ମାଧ୍ୟମରେ ତାହାର ଉତ୍ତର ପାଇବେ। ମିଶନ ଶକ୍ତି ମହିଳାଙ୍କୁ ମୁକ୍ତା ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ପ୍ରଦାନ କରାଯାଇଛି। ମହିଳାମାନେ ସ୍ୱଚ୍ଛତାର ସହ କାର୍ଯ୍ୟ କରନ୍ତୁ। ଯଦି ମୁକ୍ତା ଯୋଜନା କାର୍ଯ୍ୟ ସରିବା ପରେ ବିଲ୍ ପାସ କରିବା କ୍ଷେତ୍ରରେ ବିଏମସିର କୌଣସି ଯନ୍ତ୍ରୀ ଲାଞ୍ଚ ନିଅନ୍ତି କିମ୍ବା ବିଳମ୍ବ କରୁଛନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ୫-ଟି ସଚିବ କହିଥିଲେ।

# ସରକାରୀ କ୍ୱାର୍ଟର୍ସରେ କନ୍‌ଷ୍ଟେବଲଙ୍କ ଆତ୍ମହତ୍ୟା

ପାରିବାରିକ କଳହକୁ ନେଇ ମାନସିକ ଚାପରେ ରହୁଥିଲେ



ତୋଫାନ କୁମାର ପାତ୍ର

ତିହିଡ଼ି,୨୭।୮(ସଙ୍ଗୀତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନାରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ ଶନିବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ରହୁଥିବା ସରକାରୀ କ୍ୱାର୍ଟର୍ସରୁ ତାଙ୍କ ଝୁଲନ୍ତା ମୃତଦେହ ରବିବାର ସକାଳେ ପୋଲିସ ଜବତ କରିଛି। ମୃତ କନ୍‌ଷ୍ଟେବଲ ହେଲେ କେନ୍ଦୁଝର ଜିଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଅଧୀନ ଭଣ୍ଡାରିପଡ଼ା ଗ୍ରାମର ତୋଫାନ କୁମାର ପାତ୍ର(୩୬)। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୬/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ପୋଲିସ ସୂଚନା ଅନୁଯାୟୀ, ତୋଫାନ ଥାନା ପରିସରରେ ସରକାରୀ କ୍ୱାର୍ଟର୍ସରେ ସ୍ତ୍ରୀ ଓ ଝିଅ ପୁଅଙ୍କ ସହ ରହୁଥିଲେ। ଶନିବାର ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ପରେ ତୋଫାନ ଘର ଭିତରେ ପଶି କବାଟ ବନ୍ଦ କରି ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ତାଙ୍କ ସ୍ତ୍ରୀଙ୍କର ସନ୍ଦେହ ହୋଇଥିଲା। କ୍ୱାର୍ଟର୍ସ ପାଖରେ ରହୁଥିବା ପୋଲିସ କର୍ମଚାରୀଙ୍କୁ ସେ ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ। ସେମାନେ କବାଟ ଭାଙ୍ଗି ଭିତରକୁ ଯାଇ ତୋଫାନ ଫ୍ୟାନ୍‌ରେ ବିଛଣା ଚାଦର ସହାୟତାରେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ରବିବାର ପୋଲିସ ମୃତଦେହ ଜବତ କରିଥିଲା। ପାରିବାରିକ କଳହକୁ ନେଇ ତୋଫାନ କିଛିଦିନ ଧରି ମାନସିକ ଚାପରେ ରହୁଥିଲେ। ସେହି କାରଣରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଆଇଆଇସି ମହମ୍ମଦ ହାଫିଜ କହିଛନ୍ତି। ତେବେ ମୃତ ତୋଫାନଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ଘଟଣା ସମ୍ପର୍କରେ ତାଙ୍କ ସ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ଛତିଶଗଡ଼ରୁ ୨୦୦ ଲୋକ କୁକୁରକୁଣ୍ଡରେ କଲେ ବୈଠକ

**ବଧୂ ହତ୍ୟାକୁ ନେଇ ବିବାଦ**



ଛତିଶଗଡ଼ରୁ ଆସିଥିବା ଲୋକେ ମାଥିଲି ଥାନା ପାଖରେ ରୁଣ୍ଡ ହୋଇଛନ୍ତି।

ମାଥିଲି,୨୭।୮(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା କୁକୁରକୁଣ୍ଡର ଜଗା ଲଖମୀଙ୍କୁ ୫ ବର୍ଷ ତଳେ ଛତିଶଗଡ ଟିକିରିପାଲିର ହିଡିମି ଲଖ୍‌ମୀ ବିବାହ କରିଥିଲେ। କୌଣସି କାରଣକୁ ନେଇ ହିଡିମିଙ୍କୁ ଗତ ୨୩ ତାରିଖରେ ହତ୍ୟା କରାଯାଇ କୁରୁମପାଲି ରାସ୍ତାପାର୍ଶ୍ୱ ଏକ ଗଛରେ ଝୁଲାଇ ଦିଆଯାଇଥିଲା। ଏହା ଦେଖି ଲୋକେ ସ୍ଥାନୀୟ ଫାଣ୍ଡିକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଆଣି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ଖବର ଜଣାପଡିବା ପରେ ହିଡିମିଙ୍କ ପରିବାର ସହ ପ୍ରାୟ ୨୦୦ ଲୋକ କୁକୁରକୁଣ୍ଡର ଗାଁରେ ପହଞ୍ଚି ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରିଥିଲେ। ଆମ ଝିଅକୁ ହତ୍ୟା କରାଯାଇଛି। ଏ ବାବଦକୁ ପୁଅ ଘରକୁ ୧୦ଲକ୍ଷ ଟଙ୍କା, ୧୦ଟି ଛେଳି, ୧୦ ଗାଈ, ୧୦ କୁକୁଡା ଓ ୧୦ କୁଇଣ୍ଟାଲ ଚାଉଳ ଦେବାକୁ ଦାବି କରିଥିଲେ। କିନ୍ତୁ ଏ ସର୍ତ୍ତରେ ଗ୍ରାମବାସୀ ରାଜି ହୋଇ ନ ଥିଲେ। ପରେ ସେମାନେ ମାଥିଲି ଥାନାକୁ ଯାଇ ଆମ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଜଗାଙ୍କୁ ଡାକି ପଚରାଉଚରା କରୁଛି। ହତ୍ୟାକାରୀଙ୍କୁ ଦଣ୍ଡ ନ ଦେଲେ ଓଡ଼ିଶା ଲୋକଙ୍କୁ ଛତିଶଗଡ ପ୍ରବେଶ କରାଇଦେବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। କ’ଣ ପାଇଁ ହତ୍ୟା କରାଯାଇଛି ବୋଲି ପୋଲିସ ତଦନ୍ତ କରି ନ୍ୟାୟ ଦାବି କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ମାଥିଲି ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ୩୧ରେ ଉତ୍କେଲା ବିମାନବନ୍ଦର ଲୋକାର୍ପଣ

## ଯୋଗାଯୋଗ କ୍ଷେତ୍ରରେ ଆଉ ପାଦେ ଆଗେଇବ କଳାହାଣ୍ଡି




ଭବାନୀପାଟଣା,(ଉତ୍ତମ କୁମାର ଦାଶ)/ ଭୁବନେଶ୍ୱର,୨୭।୮(ଅସମାପିକା ସାହୁ)

ରାଜ୍ୟ ବିମାନ ସେବାରେ ଯୋଡ଼ିହେବ ନୂଆ ଅଧ୍ୟାୟ। କଳାହାଣ୍ଡି ଉତ୍କେଲାରୁ ଉଡ଼ିବ ବିମାନ। ଆଉ ୩ଦିନ ପରେ କଳାହାଣ୍ଡିବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ। ୩୧ ତାରିଖରେ ଲୋକାର୍ପଣ ହେବ ଜିଲାର ପ୍ରଥମ ଉତ୍କେଲା ବିମାନବନ୍ଦର। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଭର୍ଚ୍ଚୁଆଲରେ ଏହାର ଉଦ୍‌ଘାଟନ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନବନ୍ଦରରୁ ସବୁଜ ପତାକା ଦେଖାଇ ଏହାର ଲୋକାର୍ପଣ କରିବେ। ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ ମଧ୍ୟ ଭର୍ଚ୍ଚୁଆଲରେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଥିବାବେଳେ ସେପଟେ ଉତ୍କେଲା ବିମାନବନ୍ଦର କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ସାମିଲ ହେବେ। ଗୁରୁବାର ସକାଳ ୧୦ଟା ୩୫ରେ ପ୍ରଥମ ବିମାନଟି ଭୁବନେଶ୍ୱରରୁ ଉତ୍କେଲା ଅଭିମୁଖେ ଯାତ୍ରା କରିବ। ଇଣ୍ଡିଆୱାନ୍ ଏୟାର ଏହି ସେବା ପ୍ରଦାନ କରିବ। ଟିକେଟ ମୂଲ୍ୟ ପ୍ରଥମ ୧୦ ଦିନ ପାଇଁ ୧୨୦୦ ଟଙ୍କା ରଖାଯାଇଛି। ତେବେ ପରବର୍ତ୍ତୀ ସମୟରେ ଏହାକୁ ଛତିଶଗଡ଼ର ରାୟପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ବିମାନଟି ଭୁବନେଶ୍ୱରରୁ ଉତ୍କେଲା ଯାଇ ସେଠାରୁ ରାୟପୁର ଓ ରାୟପୁରରୁ ପୁଣି ଉତ୍କେଲା ଦେଇ ଭୁବନେଶ୍ୱର ଫେରିବ ବୋଲି ସୂଚନା ଦିଆଯାଇଛି।

ଉତ୍କେଲା ବିମାନବନ୍ଦର କାର୍ଯ୍ୟକ୍ଷମ ହେଲେ, ଓଡ଼ିଶାରେ ଏହା ୫ମ ବିମାନବନ୍ଦର ହେବ। ବିଶେଷକରି ଯୋଗାଯୋଗ କ୍ଷେତ୍ରରେ ଆଉ ପାଦେ ଆଗେଇବ କଳାହାଣ୍ଡି। ଏଥିସହ ରାୟଗଡ଼ା, ନୂଆପଡ଼ା, ବଲାଙ୍ଗୀର ଓ ନବରଙ୍ଗପୁର ଜିଲାବାସୀଙ୍କୁ ଯୋଗାଯୋଗ କ୍ଷେତ୍ରରେ ଏହା ବେଶ୍ ସହାୟକ ହୋଇପାରିବ। ଦାରିଦ୍ର୍ୟତା ପାଇଁ ଯେଉଁ ଜିଲା ଦିନେ ବିଶ୍ୱ ଦରବାରରେ ବଦନାମ ମୁଣ୍ଡାଇ ଚାଲୁଥିଲା ଏବେ ସେହି ଜିଲାର ବିକାଶଧାରା ସମସ୍ତେ ଜାଣିବେ। ସରକାରଙ୍କ ବିକାଶ ନକ୍ସାରେ କଳାହାଣ୍ଡି ଯୋଡ଼ି ହେବା ପରେ ଜିଲାର ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ନିଜର ସତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି କଳାହାଣ୍ଡି। ଏବେ ଏହି ଜିଲାକୁ ଆକାଶ ମାର୍ଗରେ ଯୋଗାଯୋଗ ଦାବି ପୂରଣ ହୋଇଛି। ଏହାକୁ ନେଇ ଜିଲାବାସୀ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୧୯୬୨ରେ ସ୍ଥାପନ ହୋଇଥିଲା ଉତ୍କେଲା ଏୟାରଷ୍ଟ୍ରିପ। ଏଠାକୁ ୧୨ରୁ ୫୦ ସିଟ୍ ବିଶିଷ୍ଟ ଏୟାରକ୍ରାଫ୍ଟ ପାଇଁ ପ୍ରଯୁଜ୍ୟ ଥିଲା। ତେବେ ୨୦୧୬-୧୭ରେ ଉଡାଣ ଯୋଜନାରେ ଉତ୍କେଲା ବିମାନବନ୍ଦରକୁ ସାମିଲ କରାଯିବା ପରେ ୩ କୋଟି ଟଙ୍କା ଅନୁଦାନରେ ସମ୍ପ୍ରସାରଣ କାମ ଆରମ୍ଭ ହୋଇଥିଲା। ରନେୱ ନିର୍ମାଣ, ପାଚେରି, ଡ୍ରେନ, ଦୁଇ ପାର୍ଶ୍ୱରେ ରାସ୍ତା, ସିଗ୍ନାଲ ରୁମ, କଣ୍ଟ୍ରୋଲ ରୁମ, ରେଷ୍ଟ ହାଉସ, ଗେଷ୍ଟ ହାଉସ ନିର୍ମାଣ କରାଯାଇଥିଲା। ଅନୁଦାନ ରାଶି ବଢ଼ିବା ପରେ ଟର୍ମିନାଲ ବିଲ୍ଡିଂ, ଚେକ୍ଇନ, ଫୁଏଲ ଷ୍ଟେଶନ ଆଦି ନିର୍ମାଣ କରାଯାଇଛି। ଉଡାଣ ଯୋଜନାରେ ୧୬ କୋଟି ବ୍ୟୟରେ ବଡ଼ ଏୟାରପୋର୍ଟ ପାଇଁ ୫୫ କୋଟି ଟଙ୍କାର ଟେଣ୍ଡର ପରେ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଛି। ଏବେ ସେବା ପ୍ରଦାନ ପାଇଁ ବିମାନବନ୍ଦର ପୂରା ପ୍ରସ୍ତୁତ ହୋଇସାରିଛି।

> ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। -ଶ୍ରୀମା

# ଆମ ପିଲା ହୋଇଥିଲେ

ଯାହାଯାଏ ମାତାପିତାଙ୍କୁ ଛାଡ଼ିଦେଲେ ଘର ବାହାରେ ଯଦି ପିଲାମାନେ ଆଉ କାହାଠାରୁ ଅଧିକ ସ୍ନେହ ଶ୍ରଦ୍ଧା ପାଇଥାଆନ୍ତି ସେମାନେ ହେଲେ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ। ପୁଣି ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଶିକ୍ଷୟିତ୍ରୀମାନେ ଶିକ୍ଷକଙ୍କଠାରୁ ଛାତ୍ରୀଛାତ୍ରଙ୍କ ଅଧିକ ଯତ୍ନ ନେଇଥାଆନ୍ତି। ଗୋଟେ ସମୟ ଥିଲା ଦୁଷ୍ଟ ପିଲାମାନଙ୍କୁ ଶାସନ କରିବା ପାଇଁ ଅଭିଭାବକମାନେ ମାଷ୍ଟରଙ୍କୁ ଦେଖା କରି କହୁଥିଲେ ସେ ଅଧିକ ବଦ୍‌ମାସ ହେଉଛି, ତାହାର ଆଖିଦୁଇଟିକୁ ଛାଡ଼ିଦେଇ ସାବାଡ଼ କରନ୍ତୁ। ଏହା ଶୁଣିବା ପରେ ପିଲାଟି ବାଟକୁ ଆସିଯାଉଥିଲା କିମ୍ବା ସ୍ଥଳବିଶେଷରେ ଗୁରୁଜୀଙ୍କଠାରୁ ବେତ ମାଡ଼ ଖାଇ ବଦ୍‌ମାସି କମାଇ ଦେଉଥିଲା। କିଛି ଦଶନ୍ଧି ହେଲାଣି ଆଉ ସ୍କୁଲରେ ପିଲାଙ୍କୁ ମାଡ଼ ହେଉଥିବା ଦେଖିବାକୁ ମିଳୁନାହିଁ। କାରଣ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ହେଲେ ଏବେ ଉତ୍ତରପ୍ରଦେଶ ମୁଜାଫରପୁର ନିକଟସ୍ଥ ଖୁବାପୁର ଗ୍ରାମର ନେହା ପବ୍ଲିକ୍ ସ୍କୁଲରେ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀଙ୍କ ନିର୍ଦ୍ଦେଶକ୍ରମେ ସହପାଠୀମାନେ ଦ୍ୱିତୀୟ ଶ୍ରେଣୀର ଜଣେ ଛାତ୍ରଙ୍କୁ ମାଡ଼ ମାରୁଥିବାର ଭିଡିଓ ପଦାକୁ ଆସିଛି। ସେହି ମୁସଲମାନ ଛାତ୍ରକୁ ଜୋରରେ ବାଡ଼େଇବା ଲାଗି ଶିକ୍ଷୟିତ୍ରୀ କହୁଥିବା ଭିଡିଓରୁ ଶୁଣିବାକୁ ମିଳୁଛି। ଏହି ଘଟଣା ପ୍ରଘଟ ହେବା ପରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ସବୁ ସ୍ତରରୁ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ନିନ୍ଦା କରାଯାଇଛି। ଇତିମଧ୍ୟରେ ତାଙ୍କ ବିରୋଧରେ ମୁଜାଫରପୁର ପୋଲିସ ମାମଲା ରୁଜୁ କରିଛି। ଦେଖିବାକୁ ଗଲେ ମାମଲା ରୁଜୁରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିବା ଉଚିତ ନୁହେଁ। ତାଙ୍କର ଏଭଳି ଜଘନ୍ୟ କାର୍ଯ୍ୟ ଲାଗି କଠୋର ଶାସ୍ତି ମିଳିବା ଦରକାର ବୋଲି ପିଲାଙ୍କୁ ସ୍କୁଲ ପଠାଉଥିବା ସବୁ ମାତାପିତା ଓ ଅଭିଭାବକ ନିଶ୍ଚୟ ଚିନ୍ତା କରୁଥିବେ। ଏହା ବ୍ୟତୀତ ସେହି ଶିକ୍ଷୟିତ୍ରୀ କହିଛନ୍ତି ଯେ, ନିଜେ ଜଣେ ପଙ୍ଗୁ ହୋଇଥିବାରୁ ସେ ଦେଇଥିବା ନିର୍ଦ୍ଦେଶ ପାଇଁ ଦୁଃଖିତ ନୁହନ୍ତି।

> ଗାଦି ସୁରକ୍ଷିତ ରଖିବା ପାଇଁ ରକ୍ତମୁଖା ଶାସକମାନେ ସବୁର ତଳ ସ୍ତରକୁ ମଧ୍ୟ ଯାଇପାରନ୍ତି। ସେଭଳି ନେତାଙ୍କୁ ଶକ୍ତିଶାଳୀ କଲେ ଆପଣ କିମ୍ବା ଆପଣଙ୍କ ପିଲା ବା ପରିବାର ସୁରକ୍ଷିତ ରହିଯିବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ।

ଶୁଣିବାକୁ ମିଳୁଛି ଯେ ମାଡ଼ ଖାଇଥିବା ଛାତ୍ର ସ୍କୁଲରେ ପଣକିଆ ବା ଟେବଲ୍ ଡାକି ନ ପାରିବାରୁ ଶିକ୍ଷୟିତ୍ରୀ ଖୁବ୍ଧ ହୋଇଯାଇଥିଲେ। ସେଥିପାଇଁ ସମ୍ପୃକ୍ତ ଛାତ୍ରକୁ ଚାପୁଡ଼ା ମାରିବା ପାଇଁ ସହପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପଟେ ସେହି ଛାତ୍ରଙ୍କ ପିତା ପ୍ରାରମ୍ଭିକ ଅବସ୍ଥାରେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା ଦେବାକୁ ପଛଘୁଞ୍ଚା ଦେଇଥିଲେ। ତାଙ୍କ କହିବା କଥା ହେଲା ଘଟଣା ଆଗକୁ ବଢ଼ିଲେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହେବ। ହୁଏତ ମୁସଲମାନ ବର୍ଗର ଏହି ପିତା ଭିନ୍ନ ଚିନ୍ତାଧାରା ରଖି ଏଭଳି ଭାବିଥାଇପାରନ୍ତି। କିନ୍ତୁ ଅନ୍ୟ ଏକ ଦୃଷ୍ଟିକୋଣରୁ ଦେଖିଲେ ଏବେ ସାଧାରଣତଃ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ବା ଶିକ୍ଷକ ଶାରୀରିକ ଆଘାତ ପହଞ୍ଚାଇଲେ ପିଲାର ମାତାପିତା ପ୍ରତିକ୍ରିୟାଶୀଳ ହେଉଛନ୍ତି। ଓଡ଼ିଶା ଭଳି ରାଜ୍ୟରେ ଘଟଣାଟି ଘଟିଥିଲେ ମୁଜାଫରପୁରର ଶିକ୍ଷୟିତ୍ରୀ ସେହି ଛାତ୍ରଙ୍କ ଅଭିଭାବକଙ୍କ ଦ୍ୱାରା ଚପଲ ମାଡ଼ ଖାଇଥାଆନ୍ତେ। କିନ୍ତୁ ଉତ୍ତରପ୍ରଦେଶ ଭଳି ଭାଜପା ଶାସିତ ରାଜ୍ୟରେ ଏହି ଛାତ୍ର ମୁସଲମାନ ହୋଇଥିବାରୁ ତାଙ୍କ ପିତା ଭୟଭୀତ ହୋଇ ପ୍ରଥମେ ନୀରବ ରହିଥିଲେ। ପରବର୍ତ୍ତୀ ସମୟରେ ଏତଲା ଦାଏର କରିଛନ୍ତି ବୋଲି ଖବର ମିଳୁଛି। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବେଶ୍ କିଛି ଲୋକ ସମର୍ଥନ ମଧ୍ୟ କରିଛନ୍ତି। ତାହାର ଲୁକ୍କାୟିତ କାରଣ ହେଉଛି ଯେ, ଛାତ୍ର ଜଣଙ୍କ ମୁସଲମାନ। କିନ୍ତୁ ବିଭିନ୍ନ ଆଳରେ ସକାରାତ୍ମକ ମତ ଦେଉଥିବା ବ୍ୟକ୍ତିମାନେ ଇତିହାସ ପଢ଼ି ନ ଥିଲା ଭଳି ମନେହେଉଛି। ଆଜି ଯେଉଁ ଶକ୍ତି ମୁସଲମାନ ବିରୋଧୀ ଭାବେ ନିଜକୁ ଚିତ୍ରଣ କରି ମୁଣ୍ଡ ଟେକୁଛନ୍ତି, ସେଭଳି ଶକ୍ତି ସେହି ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଦମନ କରିସାରିବା ପରେ ନୂତନ ଶିକାର ଖୋଜିବା ନିଶ୍ଚିତ ଥୟ। ଏହାର କାରଣ ହେଉଛି ଶତ୍ରୁ ସୃଷ୍ଟି କଲେ ଲଢ଼େଇ ଜାରି ରହିଥାଏ। ଦେଶ ଭିତରେ ଶତ୍ରୁ ସୃଷ୍ଟି କରିବାକୁ ଯାଇ ଦୁର୍ବଳ ଗୋଷ୍ଠୀ ଖୋଜା ଯାଇଥାଏ। ଆଜି ମୁସଲମାନ ତ କାଲି ଦଳିତ। ପୁନର୍ବାର ଦଳିତ ଯେତେବେଳେ ଆହୁରି ପଛକୁ ଚାଲିଯିବେ ସେତେବେଳେ ହିନ୍ଦୁମାନଙ୍କ ଭିତରେ ଉଚ୍ଚନୀଚର ବିଭେଦ ସୃଷ୍ଟି କରାଯିବ। ଏପରି କି ସମୟ ଆସିପାରେ ଯେଉଁମାନେ ଜନ୍ମରୁ ହିନ୍ଦୀ କହୁ ନ ଥିବେ ସେମାନେ ଅଣଭାରତୀୟ ଭାବେ ପରିଲକ୍ଷିତ ହୋଇ ମାଡ଼ ଓ ଫାଶୀର ଯୋଗ୍ୟ ବିବେଚିତ ହେବେ। ଏଭଳି ଇତିହାସ କାମ୍ବୋଡିଆର ପଲ୍ ପଟ ଶାସନ ଦେଖାଇଥିଲା, ଯେଉଁଥିରେ ଅନେକ ଲକ୍ଷ ଶିକ୍ଷିତ ଯୁବତୀଯୁବକ, ଡାକ୍ତର, ଇଞ୍ଜିନିୟର ଏବଂ ବ୍ୟବସାୟୀଙ୍କ ଭଳି ପେସାରେ ଉଲ୍ଲେଖନୀୟ ଉଚ୍ଚତା ହାସଲ କରିଥିବା ନାଗରିକଙ୍କୁ ଗଣହତ୍ୟା କରାଯାଇଥିଲା। ସେଭଳି ହିଂସା ରଚାଉଥିବା ବ୍ୟକ୍ତି ନିଜର ଶ୍ରେଷ୍ଠ ସମର୍ଥକମାନଙ୍କୁ ପ୍ରଥମେ ଅବିଶ୍ୱାସର ଘେରକୁ ଆଣି ମାରି ଦେଇଥାଆନ୍ତି। ପୁଟିନ୍ ଏବଂ ତାଙ୍କର ଦୀର୍ଘମିଆଦୀ ସମର୍ଥକ ପ୍ରିଗୋଝିନ୍ ଏହାର ସଦ୍ୟ ଦୃଷ୍ଟାନ୍ତ। ଗାଦି ସୁରକ୍ଷିତ ରଖିବା ପାଇଁ ରକ୍ତମୁଖା ଶାସକମାନେ ସବୁର ତଳ ସ୍ତରକୁ ମଧ୍ୟ ଯାଇପାରନ୍ତି। ସେଭଳି ନେତାଙ୍କୁ ଶକ୍ତିଶାଳୀ କଲେ ଆପଣ କିମ୍ବା ଆପଣଙ୍କ ପିଲା ବା ପରିବାର ସୁରକ୍ଷିତ ରହିଯିବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 4 | | 7 | |
| 5 | | 9 | | 2 | | | | 8 |
| | 7 | | 1 | | | | | 9 |
| | | 8 | 5 | | | | | |
| 1 | | | | | | | 9 | 4 |
| 2 | | | | | | 3 | | 5 |
| | | | | 3 | 7 | | | 1 |
| | | 1 | | | 6 | | | |
| | | | | 1 | | 7 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 4 | 2 | 8 | 9 | 1 | 5 | 7 |
| 7 | 2 | 9 | 6 | 5 | 1 | 4 | 3 | 8 |
| 5 | 1 | 8 | 4 | 3 | 7 | 6 | 9 | 2 |
| 3 | 4 | 6 | 9 | 7 | 2 | 5 | 8 | 1 |
| 9 | 5 | 1 | 8 | 4 | 3 | 7 | 2 | 6 |
| 8 | 7 | 2 | 1 | 6 | 5 | 3 | 4 | 9 |
| 4 | 6 | 3 | 7 | 9 | 8 | 2 | 1 | 5 |
| 2 | 8 | 7 | 5 | 1 | 4 | 9 | 6 | 3 |
| 1 | 9 | 5 | 3 | 2 | 6 | 8 | 7 | 4 |

ଗତକାଲିର ଉତ୍ତର

# ଶିଶୁ ଅଧିକାରରେ ବାଧକ ଲିଙ୍ଗଗତ ବୈଷମ୍ୟ



ରାଜୀବ କୁମାର ନାୟକ

୨୦୨୦ ମସିହାରେ ସମ୍ବଲପୁର ଜିଲା ଅନ୍ତର୍ଗତ ଯୁଯୁମୁରା ବ୍ଲକରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼େ ଯେ, ୫୯% ଶିଶୁ ଭାବନ୍ତି ଯେ ଲିଙ୍ଗଗତ ବୈଷମ୍ୟ ତାଙ୍କର ବିକାଶ ତଥା ଜୀବନର ପ୍ରତି ପାଦରେ ଅନ୍ତରାୟ ସାଜୁଛି। ଠିକ୍ ସେହିପରି ୩୬% ଶିଶୁ ଜାତିଗତ ବୈଷମ୍ୟର ଶିକାର ହେଉଥିବା ପ୍ରକାଶ କରନ୍ତି। ଏହି ଜାତିଗତ ବୈଷମ୍ୟ ସହିତ ଲିଙ୍ଗଗତ ବୈଷମ୍ୟ ମିଶି ଏହାର ପ୍ରଭାବକୁ ବହୁଗୁଣିତ କରିଥାଏ। ଝିଅ କାଲେ କାହାକୁ ଭଲ ପାଇ ବସିବ, କାହା ସହିତ ଘର ଛାଡ଼ି ପଳାଇବ ଭାବି ବାପା ମାଆ ଭୟରେ ବାଲ୍ୟବିବାହ କରିଦେଉଛନ୍ତି। ଅନୁଧ୍ୟାନ ସମୟରେ ଜଣେ ଝିଅ ପ୍ରକାଶ କରେ ଯେ, ତା' ବଡ଼ ଭଉଣୀକୁ ବାପା ମାଆ ୧୭ ବର୍ଷ ବୟସରୁ ବାହା କରିଦେଲେ। ଫଳରେ ସେ ଦୁର୍ବଳ ଥିବା ଏବଂ ତା'ର ତିନିଥର ଗର୍ଭପାତ ହେବା ସହିତ ମାତ୍ର ଛଅମାସରେ (ଅର୍ଥାତ୍ ସମୟ ପୂର୍ବରୁ) ଶେଷ ସନ୍ତାନଟା ଜନ୍ମ ହୋଇଛି। ଗାଁର ଝିଅମାନେ ଏହା ମଧ୍ୟ ପ୍ରକାଶ କରନ୍ତି କି ସେମାନେ ଗାଁର ପୁଅ ପିଲାଙ୍କ ଦ୍ୱାରା ମାନସିକ ଉତ୍ପୀଡ଼ନ ତଥା ଲିଙ୍ଗଗତ ବୈଷମ୍ୟର ଶିକାର ହୋଇଥାଆନ୍ତି। ବଡ଼ ବଡ଼ ପିଲାମାନେ ଝିଅମାନଙ୍କୁ ଦେଖି ହୁଇସିଲ୍ ବା ସିଟି ମାରିବା, ଖରାପ ନଜରରେ ଦେଖିବା ଇତ୍ୟାଦି କରିଥାଆନ୍ତି। ସେମାନେ ଗାଁ ପୋଖରୀକୁ ଗାଧୋଇ ଗଲାବେଳେ ଅଶ୍ଳୀଳ ମନ୍ତବ୍ୟ ପ୍ରଦାନ କରିଥାଆନ୍ତି। ଝିଅମାନଙ୍କୁ ଘର କାମରେ ନିୟୋଜିତ କରିବା ଅର୍ଥାତ୍ ସାନ ଭାଇ ଭଉଣୀଙ୍କ ଦେଖାଶୁଣା କରିବା, ଖାଦ୍ୟ ପ୍ରସ୍ତୁତ କରିବା, ଘର ସଫା କରିବା, ଲୁଗାପଟା ସଫା କରିବା, ବାସନ ମାଜିବା ଇତ୍ୟାଦି ନିମନ୍ତେ ବିଦ୍ୟାଳୟକୁ ପାଠ ପଢ଼ିବା ସକାଶେ ପଠାଉ ନାହାନ୍ତି। ପିଲାମାନେ ଝିଅମାନଙ୍କ ଉଦ୍ଦେଶ୍ୟରେ ଖରାପ ମନ୍ତବ୍ୟ ଦେବାବେଳେ ଯଦି ପ୍ରତିବାଦ କରନ୍ତି, ତା'ହେଲେ ତାଙ୍କୁ ସମାଜ ଖରାପ ଝିଅର ଆଖ୍ୟା ଦେଇଥାଏ। ଅପରପକ୍ଷେ ପୁଅପିଲାଙ୍କୁ ଝିଅପିଲାଙ୍କ ଉଦ୍ଦେଶ୍ୟରେ ଖରାପ ମନ୍ତବ୍ୟ ଦେଉଥିଲେ ମଧ୍ୟ କେହି ଗାଳି କରନ୍ତି ନାହିଁ। ଜଣେ ଝିଅ କହେକି ସେ ଦଶମ ଶ୍ରେଣୀ ପାସ୍ କରିଥିବା ସତ୍ତ୍ୱେ ତାକୁ ଲିଙ୍ଗଗତ ବୈଷମ୍ୟ କାରଣରୁ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଭୟରେ ମା'ବାପା ଅଧିକ ପଢ଼ିବାକୁ ସୁଯୋଗ ଦେଲେ ନାହିଁ। ବାରମ୍ବାର ଭୁଲ୍ କରିବା ସତ୍ତ୍ୱେ ମଧ୍ୟ ପୁଅପିଲାମାନଙ୍କୁ କ୍ଷମା କରି ଦିଆଯାଏ; କାରଣ ସେମାନେ ପରେ ଠିକ୍ ହୋଇଯିବେ। କିନ୍ତୁ ଝିଅପିଲା ଥରେ ଭୁଲ୍ ବାଟରେ ପାଦ ପକାଇଲେ ତା' ଜୀବନଟା ଗଲା ବୋଲି ଜାଣ। କିନ୍ତୁ ଏମିତି କାହିଁକି ହୁଏ, ଏହା ବୁଝାପଡ଼େନି ବୋଲି ଆଉ ଏକ ଝିଅ ପ୍ରଶ୍ନ କରେ। ୨୦୧୫-୧୬ରେ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୪ ଅନୁସାରେ ସମ୍ବଲପୁର ଜିଲାରେ ୧୦ବର୍ଷ ବା ତହିଁରୁ ଅଧିକ ବର୍ଷ ପାଠ ପଢ଼ିଥିବା ମହିଳାଙ୍କ ମାତ୍ର ୨୫.୯% ଏବଂ ଏହି ହାର ଯଦି ଗ୍ରାମାଞ୍ଚଳର ଦେଖାଯାଏ, ତାହେଲେ ୧୯.୮%। ଠିକ୍ ସେହିପରି ୧୮ ବର୍ଷ ପୂର୍ବରୁ ବିବାହ କରିଥିବା ମହିଳାଙ୍କ ମାତ୍ର ସମଗ୍ର ସମ୍ବଲପୁର ଜିଲାରେ ୧୧.୮%, ଯାହାକି କିଛି କମ୍ ନୁହେଁ।



ଅପରପକ୍ଷରେ ପରିବାରରେ କେତେବେଳେ ଯଦି କୌଣସି ଓଜନିଆ ଜିନିଷଟିଏ ବୋହିବାର ଆବଶ୍ୟକତା ପଡ଼େ, ତାହେଲେ ଝିଅ ବୟସରେ ବଡ଼ଥିଲେ ମଧ୍ୟ ପୁଅକୁ ଡକାଯିବ। ପୁଅପିଲା ରୋଜଗାର କରି ପରିବାର ପ୍ରତିପୋଷଣ କଲେ ଯାଇ ଚଳେ, ଝିଅପିଲା ରୋଜଗାର ନ କଲେ ମଧ୍ୟ ଚଳିବ। ତାଙ୍କୁ ଶୀଘ୍ର ବାହା କରିଦେଲେ ମା'ବାପାଙ୍କର ବୋଝ ହାଲୁକା ହେବ। ଆହୁରି ମଧ୍ୟ ବାପାଙ୍କ ମୃତ୍ୟୁ ପରେ ପୁଅର ବୟସ ଯାହାବି ହୋଇଥାଉ ମାଆ ଥିଲେ ମଧ୍ୟ ତାକୁ ମୁରବି ହିସାବରେ ଗଣା ହେବ। ତା' ନାମରେ ନିମନ୍ତ୍ରଣ ପତ୍ର ଘରକୁ ଆସିବ, ବାପାକକାଙ୍କ ସହିତ ପରିବାରର କୌଣସି ନିଷ୍ପତ୍ତି ନେବାକୁ ସେ ବସିବ, କିନ୍ତୁ ମାଆ ବସିବେ ନାହିଁ।

ପ୍ରଥା/ପରମ୍ପରାର ଦୋହାଇ ଦେଇ ଲିଙ୍ଗଗତ ଭେଦଭାବ ରଖିବା, ପିଲାମାନଙ୍କ ମଧ୍ୟରେ ଥିବା ଶକ୍ତିକୁ ଉପଯୁକ୍ତ ଦିଗରେ ବିନିଯୋଗ କରିବା ସକାଶେ ମାର୍ଗର ଅଭାବ ତଥା ସାମାଜିକ ଗଣମାଧ୍ୟମର ସର୍ବତ୍ର ଉପସ୍ଥିତି କେବଳ ଏହି ସମସ୍ୟାକୁ ବୃଦ୍ଧି କରିବ। ସାମାଜିକବିଧିବ୍ୟବସ୍ଥା ଆହୁରିମଧ୍ୟ ଉଭୟ ପୁଅ ଏବଂ ଝିଅ ପିଲାଙ୍କ ମଧ୍ୟରେ ଲିଙ୍ଗଗତ ଗତାନୁଗତିକତା ତଥା ଅସମାନତାକୁ ପ୍ରଭାବିତ କରିଥାଏ। କମ୍ ବୟସରୁ ବିବାହ, ଝିଅପିଲାଙ୍କୁ ହଇରାଣ କରିବା ଏବଂ ମହିଳା ତଥା ଶିଶୁମାନଙ୍କ ପ୍ରତି ହିଂସା, ପୁରୁଷତ୍ୱ, କାମବାସନା ଏବଂ ଲିଙ୍ଗଗତ ବୈଷମ୍ୟ ଇତ୍ୟାଦି ବହୁତ ଗଭୀରକୁ ମାଡି ଯାଇଥିବା ସମସ୍ୟାର ପ୍ରତିଫଳନ ମାତ୍ର।

ଏଠି ସମ୍ବଲପୁରର ସ୍ଥିତି କେବଳ ଉଦାହରଣ ମାତ୍ର। ଯଦି ଦେଖିବା ଲିଙ୍ଗଗତ ବୈଷମ୍ୟକୁ ନେଇ କେବଳ ଓଡ଼ିଶା କାହିଁକି, ସମଗ୍ର ଭାରତର ଚିତ୍ର ଟିକିଏ କମ୍ ବେଶି ହୋଇପାରେ ନ ହେଲେ ପ୍ରାୟ ଏକା ପ୍ରକାରର। ଝିଅଟିଏ ପ୍ରତିବାଦ କରିବା ମନା। ପୁଅ ପିଲାଟିଏ ଗୋଟିଏ ଝିଅ ପିଲାକୁ ଲକ୍ଷ୍ୟକରି ଖରାପ ମନ୍ତବ୍ୟ ଦେବ, ସେଥିରେ ଝିଅର ମୁହଁ ଲାଜରେ ଲାଲ ହୋଇଯିବ ଏବଂ ପୁଅପିଲା ଛାତି ଫୁଲେଇ ଚାଲିବ। ଠିକ୍ ସେହିପରି ଝିଅଟିଏ ଗାଁରେ ଯେତେ ଯାଏଁ ପଢ଼ିବାର ସୁବିଧା ଅଛି ସେତିକିଯାଏ ପଢ଼ିବ, କିନ୍ତୁ ପୁଅକୁ ମା'ବାପା ପ୍ରାୟତଃ ବାହାରେ ହଷ୍ଟେଲରେ ରଖି ପାଠ ପଢ଼ାଇବେ। ବିବାହ କ୍ଷେତ୍ରରେ ମଧ୍ୟ ଝିଅର ଇଚ୍ଛା ଅନିଚ୍ଛା ବୋଲି କିଛି ନାହିଁ, ତାକୁ ମା'ବାପା ଯେତେବେଳେ ଚାହିଁବେ, ଯେଉଁଠି ଚାହିଁବେ, ବାହା କରିଦେବେ; ହେଲେ ପୁଅପିଲା ନିଜ ଇଚ୍ଛାରେ ମନ ପସନ୍ଦର ଝିଅ ଖୋଜି ବିବାହ କରିପାରିବ। ଆମ ଭଳି ଏକ ପୁରୁଷପ୍ରଧାନ ସମାଜରେ ପୁଅପିଲାଙ୍କ ପାଇଁ ସମାଜର ଦୃଷ୍ଟିଭଙ୍ଗୀ ଅଲଗା ଏବଂ ଝିଅପିଲାଙ୍କ ପାଇଁ ଦୃଷ୍ଟିଭଙ୍ଗୀ ଅଲଗା। ଏହି ଲିଙ୍ଗଗତ ବୈଷମ୍ୟ କାରଣରୁ ଘରର ମୁରବି ସବୁବେଳେ ବାପା ଏବଂ ତାଙ୍କର ନିଷ୍ପତ୍ତି ଅନୁଯାୟୀ ପ୍ରାୟତଃ ଘର ଚଳେ। ସେଥିପାଇଁ ଝିଅ ଅପେକ୍ଷା ପୁଅଟିଏ ଜନ୍ମ ହେଲେ ପରିବାରର ଲୋକେ ଅଧିକ ଖୁସୀ। ପୁଅଟିଏ ପାଇବା ପାଇଁ ପରିବାରରେ ସଦସ୍ୟଙ୍କ ସଂଖ୍ୟା ଗୋଟିଏ ପଟେ ବଢ଼ି ଚାଲିଥିବାବେଳେ ଅନ୍ୟ ଦିଗରେ ଲିଙ୍ଗ ନିରୂପଣ କରି ବାରମ୍ବାର ଗର୍ଭପାତ ମଧ୍ୟ କରାଇବାକୁ ପରିବାରର ସଦସ୍ୟ ପଛାନ୍ତି ନାହିଁ। ଠିକ୍ ସେହିପରି ମହିଳାମାନେ ପୁଅପିଲାଙ୍କ ପରେ ଖାଇବେ। ଖାଇବା ଶେଷରେ ସବୁ ଥାଉ କି ନ ଥାଉ ତେଣିକି ପଖାଳଭାତ (ସେ ପୁଣି ବାସି) ମହିଳାଙ୍କୁ ଭଲ ଲାଗେ ବୋଲି ସବୁଆଡ଼େ ପ୍ରଚାର ହେବ। ତେଣୁ ଝିଅମାନେ ଅଧିକାଂଶ ସ୍ଥଳେ କୁପୋଷଣ, ରକ୍ତହୀନତା ଇତ୍ୟାଦିର ଶିକାର ହେବେ ଏବଂ ବାହା ହେଲା ପରେ କେବେ ସମୟ ପୂର୍ବରୁ ଶିଶୁ ଜନ୍ମ ହେବ ତ କେବେ କମ୍ ଓଜନର ଶିଶୁ ଜନ୍ମ ହେବ।

ସମାଜରୁ ଲିଙ୍ଗଗତ ବୈଷମ୍ୟକୁ ଦୂରେଇବାକୁ ହେଲେ ପ୍ରଥମେ ପୁରୁଷ ଏବଂ ମହିଳା ପରସ୍ପରର ପରିପୂରକ ଏବଂ ଉଭୟଙ୍କ ପ୍ରତି ସମାନ ଦୃଷ୍ଟିଭଙ୍ଗୀ ପୋଷଣ କରିବାକୁ ପଡ଼ିବ ଏହି ଧାରଣା ସମସ୍ତଙ୍କ ମନରେ ଆସିବା ଦରକାର। ଏଥିସକାଶେ ରଢ଼ିବାଦୀ ଚେତନା ପରିହାର କରିବାକୁ ପଡ଼ିବ। ତେଣୁ ଶିକ୍ଷା ନୁହେଁ ବରଂ ସଚେତନତା ଲୋଡ଼ା। କାରଣ ଲିଙ୍ଗଗତ ଅନୁପାତକୁ ଦେଖିଲେ ଯେଉଁ ଜିଲା ଯେତେ ଶିକ୍ଷିତ, ସେହି ଜିଲାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ସେତେ କମ୍ ଏବଂ ଯେଉଁ ଜିଲାଗୁଡ଼ିକରେ ସାକ୍ଷରତା ହାର ଯେତେ କମ୍, ସେହି ଜିଲାରେ ପୁଅ ସଂଖ୍ୟା ତୁଳନାରେ ଝିଅଙ୍କ ସଂଖ୍ୟା ସେତେ ଅଧିକ। ସରକାର ମଧ୍ୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ବେଟି ବଚାଓ, ବେଟି ବଢ଼ାଓ ଭଳି ଯୋଜନା ଅଧିକରୁ ଅଧିକ ସଂଖ୍ୟାରେ କଲେ ମା'ବାପାମାନେ ଝିଅମାନଙ୍କୁ କମ୍ ବୟସରୁ ବିବାହ ନ କରେଇ ପାଠ ପଢାଇବା ପାଇଁ ଆଗଭର ହେବେ ଏବଂ ଜଣେ ମହିଳା ଯଦି ତା'ର ଶିକ୍ଷାଗତ ଯୋଗ୍ୟତା ବଢ଼ାଇବ, ରୋଜଗାରକ୍ଷମ ହେବ, ପରିବାରରେ ନିଷ୍ପତ୍ତି ନେବାଠାରୁ ଆରମ୍ଭ କରି ରାଜନୀତିରେ ଅଂଶ ଗ୍ରହଣ ପୂର୍ବକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଲେ ତାର ସମାଜରେ ମଧ୍ୟ ଗୁରୁତ୍ୱ ବଢ଼ିବ। ତେଣୁ ଶିକ୍ଷାଠାରୁ ଆରମ୍ଭକରି ଖେଳ, ସିନେମା, ଉଡ଼ାଜାହାଜ ଚଳାଇବା ପ୍ରତ୍ୟେକ କ୍ଷେତ୍ରରେ ଝିଅମାନେ ଭାଗ ନେବାକୁ ଉତ୍ସାହିତ କଲେ ଏ ସମସ୍ୟା ଅନେକ ମାତ୍ରାରେ ନିଶ୍ଚୟ କମିବ।

ମୋ: ୯୪୩୭୫୭୧୮୩୧

# ପରିଣତ ବୟସର କଥା



ପ୍ରକାଶ ତ୍ରିପାଠୀ

ସଦାନନ୍ଦବାବୁ ଆଠବର୍ଷ ତଳୁ ସରକାରୀ ଚାକିରିରୁ ଅବସର ନେଲେଣି। ଅବସର ନେବା ପରେ କିଛି ବର୍ଷ ସେ ଶାରୀରିକ ସ୍ତରରେ ସୁସ୍ଥ ଥିଲେ। ମାତ୍ର ଏଇ ଦୁଇବର୍ଷ ହେବ ଶାରୀରିକ ଦୁର୍ବଳତା ହେଉ ବା ମାନସିକ ଦୁର୍ବଳତା ହେଉ, ସେ ଆଉ ବେଶି ବୁଲାଚଲା କରିପାରୁନାହାନ୍ତି। କେବଳ ପ୍ରାତଃ ଭ୍ରମଣକୁ ବାଦ୍ ଦେଲେ ସେ ସମସ୍ତ ସମୟ ଘରେ ରହୁଛନ୍ତି। ବେଳେବେଳେ ପ୍ରାତଃ ଭ୍ରମଣ ସମୟରେ ତାଙ୍କ ସହିତ ଦେଖାହୁଏ ଓ କଥା ହେବାର ସୁଯୋଗ ମିଳେ। ତାଙ୍କ କଥାବାର୍ତ୍ତାରୁ ଜାଣିପାରେ ତାଙ୍କ ମନ ଭିତରେ ଥିବା ଅନେକ ଅସନ୍ତୋଷ। ତାଙ୍କ ସହିତ କେହି ଭଲରେ କଥା ହେଉନାହାନ୍ତି, ଭଲ ଖାଇବାକୁ ଦେଉନାହାନ୍ତି, ଘରେ ଅନେକ କଥା ତାଙ୍କୁ ଲୁଚାଯାଉଛି, ଅଯଥା ଖର୍ଚ୍ଚ କରୁଛନ୍ତି, ଭବିଷ୍ୟତ କଥା ଚିନ୍ତା କରୁନାହାନ୍ତି, ଘରର ପରମ୍ପରା ଓ ଚଳଣିକୁ ମାନୁ ନାହାନ୍ତି। ଜୀବନରେ ସେ ଅନେକ କିଛି କରିପାରିଥାନ୍ତେ, କିନ୍ତୁ କରିପାରିଲେନି, ପୁଅ ଝିଅଙ୍କଠୁ ବହୁତ କିଛି ଆଶା କରୁଥିଲେ, କିନ୍ତୁ ସେମାନେ ତାଙ୍କୁ ନିରାଶ କଲେ ଇତ୍ୟାଦି ଇତ୍ୟାଦି ଅନେକ ଅନେକ ଅଭିମାନ, ଅଭିଯୋଗ ଓ ଅବସୋସର କଥା। ଏପରିକି ମୋର ଶୁଣିବାକୁ ଇଚ୍ଛା ନ ଥିଲେ ବି ସଦାନନ୍ଦବାବୁ ଜବରଦସ୍ତି ମୋ ଆଗରେ ତାଙ୍କର ଘର କଥା ବଖାଣିଥାଆନ୍ତି। ଥରେ ସଦାନନ୍ଦବାବୁଙ୍କ ବଡ଼ପୁଅ ସହ ହାଟରେ ଦେଖାହେଲା। ସଦାନନ୍ଦବାବୁ କେମିତି ଅଛନ୍ତି ବୋଲି ପଚାରିଲି। ମନ ଦୁଃଖରେ କହିଲେ, ବାପାଙ୍କ ଦେହ ଏବେ ଛୋଟ ଛୋଟ କଥାରେ ଚିଡ଼ି ଚିଡ଼ି ହେଉଛନ୍ତି। ଅନାବଶ୍ୟକ କଥାରେ ଜିଦ୍ କରୁଛନ୍ତି, ରୁଷୁଛନ୍ତି।

ସଦାନନ୍ଦବାବୁଙ୍କ ଭଳି ପରିଣତ ବୟସର ବ୍ୟକ୍ତି ଆମ ସମୟରେ ଅନେକ ଅଛନ୍ତି, ଯେଉଁମାନେ ଘରର ଛୋଟ ଛୋଟ କଥା ବାହାରେ କହିଥା'ନ୍ତି, ଯାହାକି ସେମାନଙ୍କ ପାଇଁ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଅଶାନ୍ତିର କାରଣ ହୋଇଥାଏ। ପ୍ରୌଢ଼ ହେବା ପୂର୍ବରୁ ଆମେ ଯେମିତି ଚଳୁଥିଲେ, ପ୍ରୌଢ଼ ଅବସ୍ଥା ପରେ ସେହିପରି ଚଳିବୁ ବୋଲି କିଛି ମାନେ ନାହିଁ। ସମାଜ ବଦଳୁଛି ଓ ତା' ସହ ବଦଳୁଛି ଆମ ବେଶ ପୋଷାକ, ଖାଦ୍ୟପେୟ, ପରମ୍ପରା ଓ ଆମ ଚାଲିଚଳଣି। ଏଥିସହ ଯଦି ଆମେ ଖାପ ଖୁଆଇ ଚଳି ନ ପାରିବା, ତେବେ ଏ ସବୁକୁ ଦେଖି ନ ଦେଖିଲା ପରି ରହିବାକୁ ପଡ଼ିବ। ସମାଜକୁ ଆମେ ବଦଳାଇ ପାରିବାନି। କାରଣ ବହୁସଂଖ୍ୟକ ଯାହା କରନ୍ତି, ସମୟକ୍ରମେ ତାହା ସାମାଜିକ ଚଳଣି ହୋଇଯାଏ। ଧରାଯାଉ ଏବେ ଛୋଟରୁ ବଡ଼ ସଭିଏଁ ନିଜ କାମ ଧନ୍ଦାକୁ ଉପେକ୍ଷା କରି ସ୍ମାର୍ଟଫୋନରେ ବ୍ୟସ୍ତ ରହୁଛନ୍ତି ଓ ମୂଲ୍ୟବାନ ସମୟ ନଷ୍ଟ କରୁଛନ୍ତି । ଯଦି ଆମେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତି ହିସାବରେ ଏହାକୁ ପରିବାର ଭିତରେ ବିରୋଧ କରିବାକୁ ଚେଷ୍ଟା କରିବା ଏହା କ'ଣ ସଫଳ ହେବ କି? ବୋଧହୁଏ ନା। ଆମେ ବର୍ତ୍ତମାନ ପ୍ରୌଢ଼। ଶାରୀରିକ ଓ ମାନସିକ ସ୍ତରରେ କ୍ରମଶଃ ଦୁର୍ବଳ ହେବାକୁ ଲାଗୁଛେ। ତେଣୁ ଆବଶ୍ୟକତା ଅନୁଯାୟୀ କମ୍ କଥା କହିବା ନିଜ ପାଇଁ ତଥା ଆମ ପରିବାର ପାଇଁ ଭଲ। ବୟସ ଥିବା ବେଳେ ସବୁ ଖାଇ ଆମେ ହଜମ କରିଦେଉଥିଲେ। ତା' ବୋଲି ଆମେ ଏ ବୟସରେ ସେପରି ଖାଇବା ଠିକ୍ ହେବ ନାହିଁ। ତେଣୁ ଖାଇବା ପିଇବା ଉପରେ ସେତେଟା ଧ୍ୟାନ ନ ଦେଇ ଯାହା ବି ଖାଇବାକୁ ମିଳିବ ସେଥିରେ ସନ୍ତୋଷ ପ୍ରକାଶ କରିବା ଉଚିତ ହେବ।



ପ୍ରୌଢ଼ ସମୟରେ ସବୁ ସମୟ ହିଁ ଅବସର ସମୟ। ସେଥିପାଇଁ ଭଲ ଭଲ ଗୀତ ଶୁଣିବା, ଈଶ୍ୱରଙ୍କ ନାମ ଓ ପ୍ରାର୍ଥନା କରିବା, ଦେବାଳୟରେ ସମୟ ଅତିବାହିତ କରିବା, ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ବା ପରୋକ୍ଷରେ ଜଡ଼ିତ ରହିବା ଉଚିତ ହେବ। ଘରେ ଅନ୍ୟମାନଙ୍କ କାର୍ଯ୍ୟଶୈଳୀରେ ଅଯଥା ହସ୍ତକ୍ଷେପ ବେଳେବେଳେ ଘରେ ଅଶାନ୍ତି ସୃଷ୍ଟି କରିଥାଏ। ଏବେ ସମସ୍ତେ ସ୍ୱାଧୀନଚେତା। ସେମାନଙ୍କ କାମରେ ଅଯଥା ହସ୍ତକ୍ଷେପକୁ କେହି ପସନ୍ଦ କରୁନାହାନ୍ତି। ଘରେ ପୁଅବୋହୂ ସେମାନଙ୍କ ଢାଞ୍ଚାରେ ସେମାନଙ୍କ ସଂସାର ଚଳାଇବେ। ଆମେ ସେଥିରେ ମୁଣ୍ଡ ପୂରାଇବା କାହିଁକି। ଯଦି କେତେବେଳେ ଆମର ପରାମର୍ଶ ଲୋଡ଼ିବେ, ସେତେବେଳେ ସେମାନଙ୍କୁ କିଛି କହିବ। ଆମେ ଯାହା ଚାହିଁବା ସେ ସବୁ ପୂରଣ ହେବ ବୋଲି ଭାବିବା ଭୁଲ୍। ଯଦି ମିଳିଲା ଭଲ, ନ ମିଳିଲେ ବି ଭଲ। ଏହାକୁ ନେଇ କ୍ରୋଧ ବା ବିରକ୍ତ ପ୍ରକାଶ କରିବା ଉଚିତ ନୁହେଁ।

ବେଳେବେଳେ ଦେଖାଯାଏ, ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ନିଜେ ଅର୍ଜନ କରିଥିବା ଧନ ସମ୍ପତ୍ତି ବିଷୟରେ ବାରମ୍ବାର ଅବତାରଣା କରିଥା'ନ୍ତି, ଯାହାକି ପରିବାର ଭିତରେ ଅଶାନ୍ତିର କାରଣ ହୋଇଥାଏ। କଥା କଥାକେ ମୁଁ ଏତେ ରୋଜଗାର କରୁଥିଲି, ସମସ୍ତଙ୍କୁ ପଢ଼ାଇ ରୋଜଗାରକ୍ଷମ କରିଛି, ଘରଦ୍ୱାର, ଜମିବାଡ଼ି କରିଛି ଇତ୍ୟାଦିର ଉଦାହରଣ ଦେଇ ଅନ୍ୟମାନଙ୍କ ମନରେ ଅସହିଷ୍ଣୁତା ସୃଷ୍ଟି କରିଥା'ନ୍ତି। ତୁମେମାନେ ଅଯଥା ଖର୍ଚ୍ଚ କରି ସବୁ ବରବାଦ୍ କରୁଛ କହି ପରିବାର ସଦସ୍ୟଙ୍କ ମନରେ ଆଘାତ ଦେଇଥା'ନ୍ତି। ଏହା ସତ ଯେ ଆର୍ଥିକ ଅନଟନ ଭିତରେ ଆମେ ବହୁ କଷ୍ଟ ସ୍ୱୀକାର କରି ସଂସାର କରିଥିଲେ। ତା' ଅର୍ଥ ନୁହେଁ ଯେ ଆମ ପୁଅ ଝିଅ ବା ନାତି ନାତୁଣୀମାନେ ସେହିପରି କଷ୍ଟ ସ୍ୱୀକାର କରି ଆଗକୁ ବଢ଼ିବେ। ଆମ ସମୟରେ ଜୋତା ଛିଣ୍ଡିଲେ ନୂଆ ଜୋତା କିଣା ହେଉଥିଲା, ସେହିପରି ପ୍ୟାଣ୍ଟ ଶାର୍ଟ ଚିରିଗଲେ ବା ବିଭିନ୍ନ ପର୍ବପର୍ବାଣି ହେଲେ ନୂଆ ପୋଷାକପତ୍ର କିଣା ହେଉଥିଲା। ତା' ବୋଲି ଏବର ଆର୍ଥିକ ସ୍ୱଚ୍ଛଳ ଥାଇ ବି ପିଲାଙ୍କୁ କ'ଣ ସେହିପରି ଚଳିବାକୁ ବାଧ କରିବା। ଏ ସବୁ ପ୍ରସଙ୍ଗ ଉପସ୍ଥାପନ କରି ଅଯଥା ପରିବାର ଭିତରେ ଅଶାନ୍ତି ସୃଷ୍ଟି କରିବା ବୟୋଜ୍ୟେଷ୍ଠମାନଙ୍କ ପାଇଁ ଆଦୌ ଠିକ୍ ନୁହେଁ। ଘରର ସବୁ କାମ ଯେ ତାଙ୍କୁ ପଚରା ଯାଇ କରାଯିବ, ଏପରି ଭାବନା ଆଦୌ ମନରେ ଆଣିବା ଉଚିତ ନୁହେଁ।

ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପାଇଁ ସକାରାତ୍ମକ ଭାବନା ହିଁ ଟନିକ୍ ସଦୃଶ କାମ କରିଥାଏ। ଆବଶ୍ୟକ ହେଲେ ନିଜ ସାମର୍ଥ୍ୟ ଅନୁଯାୟୀ ପରିବାର ସଦସ୍ୟଙ୍କୁ ସାହାଯ୍ୟ କରିପାରିଲେ ତାହା ପରିବାର ମଧ୍ୟରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ। ନାତି-ନାତୁଣୀଙ୍କ ସହ ସମୟ କାଟିବା, ସେମାନଙ୍କୁ ଭଲ ଭଲ କାହାଣୀ ମାଧ୍ୟମରେ ନୀତିବାଣୀ ଶୁଣାଇବାରେ ସମୟ କାଟିପାରିଲେ ଏହା ମାନସିକ ଶାନ୍ତି ଦେଇଥାଏ। ବିଶେଷକରି ଯେତେଦୂର ସମ୍ଭବ ତିନୋଟି ଅ ଅର୍ଥାତ୍ ଅଭିମାନ, ଅଭିଯୋଗ ଓ ଅବସୋସଠାରୁ ନିଜକୁ ଦୂରେଇ ରଖିପାରିଲେ ତାହା ପରିଣତ ବୟସର ଶେଷ ସମୟତକ ସୁଖ ଓ ଶାନ୍ତିରେ ଭରିଦେବ।

ମୋ: ୯୪୩୭୨୩୨୪୬୩

## ଏଇ ଭାରତରେ

ପରିବେଶ ପ୍ରଦୂଷଣ, ଖାଦ୍ୟ ଓ ବାସସ୍ଥାନ ଅଭାବରୁ ପକ୍ଷୀବଂଶ ଲୋପ ପାଉଥିବାବେଳେ ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ନିଆରା ଉପାୟ ଆପଣାଇଛନ୍ତି ପଞ୍ଜାବର ଶିକ୍ଷକ ଗୁରୁପ୍ରୀତ୍ ସିଂ। ସେ ପକ୍ଷୀମାନଙ୍କ ପାଇଁ ଗଛ ଲଗାଉଛନ୍ତି ଓ ମାଟିରେ ୩୦,୦୦୦ ବସା ନିର୍ମାଣ କରି ସେଗୁଡ଼ିକରେ ପକ୍ଷୀ ରହିବାର ବ୍ୟବସ୍ଥା କରୁଛନ୍ତି। ଗୁରୁପ୍ରୀତ୍ ପକ୍ଷୀ ସଂଖ୍ୟା ହ୍ରାସକୁ ଲକ୍ଷ୍ୟ କରି ପ୍ରଥମେ ଫରିକୋଟ, ଫିରୋଜପୁର ମୁକ୍ତସରରେ ବୃକ୍ଷରୋପଣ ଆରମ୍ଭ କରିଥିଲେ ଓ ଏଥିରେ ଅନେକେ ତାଙ୍କ ସହ ଯୋଗ ଦେଇଥିଲେ। ପରେ ସେ 'ବାର୍ଡ୍ସ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ଆର୍ଥ ରିଭାଇଭିଙ୍ଗ ହ୍ୟାଣ୍ଡସ୍' (ବିଇଇଆରଏଚ୍) ସଂସ୍ଥା ଗଠନ କରିଥିଲେ। ଏହି ସଂସ୍ଥା ଦ୍ୱାରା ସେ ଲକ୍ଷେରୁ ଅଧିକ ଗଛ ଲଗାଇ ସାରିଲେଣି ଓ ଗଛଗୁଡ଼ିକରେ ବସା ରଖିବାର ବ୍ୟବସ୍ଥା କରୁଛନ୍ତି। ଏହାସହ ଘରେ ଘରଚଟିଆ ରହିବା ଲାଗି ଏଭଳି ବସା ଲଗାଇବାକୁ ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି। ଗଛ ଏବଂ ବିଭିନ୍ନ ଜାଗାରେ ରଖାଯାଇଥିବା ୩୦,୦୦୦ ବସାରେ ଏବେ ଶାରୀ, ପେଚା, ବାଇଚଢ଼େଇ, ଶୁଆ, ବୁଲ୍‌ବୁଲ, ପାରା ଆଦି ୧୪ ପ୍ରଜାତିର ଲକ୍ଷାଧିକ ପକ୍ଷୀ ରହୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୯୮

- ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଅର୍ଥ ଅପବ୍ୟବହାର ଅଭିଯୋଗରେ ସୋନିଆ, ଅମିତାଭ, ପ୍ରିୟଙ୍କା ଓ ଶଙ୍କର ଦୟାଳଙ୍କୁ ହାଇକୋର୍ଟ ନୋଟିସ।
- ପ୍ରତିଭୂତ ଦୁର୍ନୀତି (ସିକ୍ୟୁରିଟି ସ୍କାମ)ରେ ଅଭିଯୁକ୍ତ ଷ୍ଟକ ବ୍ରୋକର ହିତେନ ଦଲାଲ ଏବଂ କାନାରା ବ୍ୟାଙ୍କ ଫାଇନାନ୍‌ସିଆଲ ସର୍ଭିସେସ୍‌ର ପୂର୍ବତନ ଉପସଭାପତି ଏସ୍. ମୋହନଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ।
- ରାଜୀବ ଗାନ୍ଧୀ ହତ୍ୟା ମାମଲାର ତଦନ୍ତ କରୁଥିବା ଜୈନ କମିଶନ ରିପୋର୍ଟରୁ ନାମକୁ ବାଦ୍ ଦେବା ପାଇଁ ଜନତାଦଳ ସଭାପତି ଡ. ସୁବ୍ରମଣ୍ୟମ ସ୍ୱାମୀ ଦାଖଲ କରିଥିବା ପିଟିସନ ସୁପ୍ରିମ୍‌କୋର୍ଟରେ ଖାରଜ।

## ଚିରନ୍ତନୀ

ଅଗଣନ ଜୀବ ତହିଁ
ରେଣୁ ସମ ହୁଏ ଉଦେ ଲୀନ,
ଅସଂଖ୍ୟ ବନ୍ଧନ ଲଭେ
ଦୁଃଖ ସମ ଶତଧା ବିଦୀର୍ଣ୍ଣ।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ

ମହାଶୟ,

ଭାରତୀୟ ଷ୍ଟେଟ ବ୍ୟାଙ୍କ ଲିଙ୍କରୋଡ୍ କାର୍ଯ୍ୟାଳୟର ସାମ୍ନା ଆବର୍ଜନା କେନ୍ଦ୍ର ପାଲଟିଛି। ତିନି ମହଲା ବିଶିଷ୍ଟ ଏହି ଅଟ୍ଟାଳିକାରେ ବିଭିନ୍ନ କାର୍ଯ୍ୟାଳୟ ରହିଥିବାବେଳେ ମଝି ମହଲାରେ ରହିଛି ଭାରତୀୟ ଷ୍ଟେଟ ବ୍ୟାଙ୍କ । ତେବେ ବ୍ୟାଙ୍କ ସାମ୍ନା ଅଞ୍ଚଳଟି ଡମ୍ପିଂୟାର୍ଡ ପାଲଟିଛି। ପାଖ ଅଞ୍ଚଳର ଅଳିଆ ଗଦା ହେବା ସହ ଦିନ ତମାମ ଘରୋଇ ଗାଡ଼ି ରହିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ରାତିରେ ପୋଲିସ ପାଟ୍ରୋଲିଂ ଅଭାବରୁ ଏହି ଅଞ୍ଚଳରୁ ନିୟମିତ ଚୋରି ହେଉଛି। ଏହାର ସାମ୍ନା ଦେଇ ଯାଇଥିବା ଡ୍ରେନଟି ସଫା ହେଉନାହିଁ। ଫଳରେ କେବଳ ଏହି ଅଞ୍ଚଳରେ ୮ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇସାରିଲେଣି। ବାଦାମବାଡ଼ିରୁ ଲିଙ୍କରୋଡ୍‌କୁ ଯାଇଥିବା ଡ୍ରେନ ସଫା ହେଉ ନ ଥିବାରୁ ଅସରାଏ ବର୍ଷା ହେଲେ ଜଳାର୍ଣ୍ଣବ ହୋଇ ବ୍ୟାଙ୍କ ଭିତରକୁ ଗ୍ରାହକମାନେ ଯିବା ଆସିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟାଗୁଡ଼ିକୁ ଦୂର କରିବା ଲାଗି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅନୁରୋଧ।

-ଶ୍ୟାମସୁନ୍ଦର ସାମଲ, ଲିଙ୍କରୋଡ୍, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

G20 भारत 2023 INDIA | सत्यमेव जयते GOVERNMENT OF INDIA | Azadi Ka Amrit Mahotsav



# ବର୍ଦ୍ଧିତ ଯୁବ ସଶକ୍ତୀକରଣ ମାଧ୍ୟମରେ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରୁଛୁ

## ରୋଜଗାର ମେଳା ମାଧ୍ୟମରେ ୧୦ ଲକ୍ଷ ସରକାରୀ ଚାକିରିରେ ନିଯୁକ୍ତି

## ସାରା ଦେଶରେ ୪୫ଟି ସ୍ଥାନରେ ସରକାରୀ ଚାକିରି ପାଇଁ ମନୋନୀତ ହୋଇଥିବା ୫୧ ହଜାରରୁ ଅଧିକ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

ପ୍ରଧାନମନ୍ତ୍ରୀ

# ନରେନ୍ଦ୍ର ମୋଦିଙ୍କ

ଦ୍ୱାରା

**୨୮ ଅଗଷ୍ଟ, ୨୦୨୩ । ପୂର୍ବାହ୍ନ ୧୦.୩୦ ଘଟିକା**

(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

- ଏପର୍ଯ୍ୟନ୍ତ ୫ ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ଚାକିରିରେ ନିଯୁକ୍ତି
- ସହଜ, ନିରପେକ୍ଷ ଏବଂ ସ୍ୱଚ୍ଛ ମନୋନୟନ ପ୍ରକ୍ରିୟା
- ଅନ୍‌ଲାଇନ୍ ପ୍ରଣାଳୀ ଜରିଆରେ ଖାଲି ପଦବୀ ଓ ନିଯୁକ୍ତି ପ୍ରକ୍ରିୟାର ନିରବଚ୍ଛିନ୍ନ ତଦାରଖ
- ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀମାନଙ୍କୁ ବିଶେଷ ଲାଭ
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳପଥ ନିଯୁକ୍ତି ପରିଷଦ, ଆଇବିପିଏସ୍ ଭଳି ଏଜେନ୍ସି ମାଧ୍ୟମରେ ଦିଆଯାଉଛି
- କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ୍ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗରେ ସମସ୍ତ ନବନିଯୁକ୍ତ କର୍ମଚାରୀଙ୍କ ଅନ୍‌ଲାଇନ୍ ପ୍ରଶିକ୍ଷଣ ପାଠ୍ୟକ୍ରମ

CBC19101/13/0008/2324

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ କର୍ମଯୋଗୀ ମଡ୍ୟୁଲ୍ ୱେବ୍‌ସାଇଟ୍ https://igotkarmayogi.gov.in ପରିଦର୍ଶନ କରନ୍ତୁ କିମ୍ବା ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଧାମନଗର,୨୭।୮(ଦେବେନ୍ଦ୍ର ଆଦ୍ଦିଆ):** ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଖଡ଼ିପଦା ପଞ୍ଚାୟତ ମୁଥାନଗର ଗ୍ରାମର ଭଗବତୀ ବେହେରା (୭୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ରବିବାର ସକାଳେ ଭଗବତୀ ନିଜ ବାଡ଼ି ନିକଟରେ ଥିବା ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ଧାମନଗର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପୋଖରୀରେ ଗୋଡ଼ ଖସିଯିବାରୁ ଭଗବତୀ ଆଉ ଉପରକୁ ଉଠି ନ ପାରି ପାଣିରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି ବୋଲି ପରିବାର ଲୋକେ କହିଛନ୍ତି।

### ବୈଶିଙ୍ଗା ବନପାଳଙ୍କ ବଦଳି

**ବୈଶିଙ୍ଗା,୨୭।୮ (ରତନ ଦାଶ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ବନପାଳ ଦୁଲାଲ ଚନ୍ଦ୍ର ଦିଗାରଙ୍କର ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନକୁ ବଦଳି ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ମୋଟ ୭ଜଣ ବନପାଳଙ୍କୁ ବଦଳି କରାଯାଇଥିବା ସୂଚନା ମିଳିଛି। ତେବେ ବେତନଟୀ ରେଞ୍ଜ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ବନପାଳ ପ୍ରଶାନ୍ତ ସିଂ ସାମନ୍ତ ଅନ୍ୟାଦେଶ ପର୍ଯ୍ୟନ୍ତ ବୈଶିଙ୍ଗା ବନ ସେକ୍ସନରେ ଅତିରିକ୍ତ ଭାବେ ଦାୟିତ୍ୱ ତୁଲାଇବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

### ୪ ବଖରା ଜଳିଗଲା

**ଭଣ୍ଡାରିପୋଖରୀ,୨୭।୮(ରବିନାରାୟଣ ଖ୍ଲାର):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବନ୍ଦାଲୋ ମଢ଼ିଆଳି ପଞ୍ଚାୟତ ଖପୁରିଆପଦା ଗ୍ରାମର ଶାନ୍ତିଲତା ସେଠିଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳିଯାଇଛି। ଖବରପାଇ ବିଧାୟକ ପ୍ରଫୁଲ୍ଲ ସାମଲ ଓ ରାଜ୍ୟ ବିଜେଡି ସମ୍ପାଦକ ପ୍ରୟାସକାନ୍ତି ସାମଲଙ୍କ ନିର୍ଦ୍ଦେଶକ୍ରମେ ୨୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ନିର୍ଗୁଣ୍ଡି ସରପଞ୍ଚ ସତ୍ୟବ୍ରତ ପାଲ, ବନ୍ଦାଲୋ ମଢ଼ିଆଳି ସରପଞ୍ଚ ବିଶ୍ୱନାଥ ସାହୁ ପ୍ରମୁଖ ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚି ତାଙ୍କୁ ଶୁଖିଲା ଖାଦ୍ୟ, ପଲିଥିନ ଆଦି ପ୍ରଦାନ କରିଛନ୍ତି। ଏଥିସହ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ଔପଦା ଥାନାରେ ନୂଆ ଆଇଆଇସିଙ୍କ ଦାୟିତ୍ୱଗ୍ରହଣ

**ଔପଦା,୨୭।୮(ଧରିତ୍ରୀ ପଣ୍ଡା):** ବାଲେଶ୍ୱର ଜିଲା ଔପଦା ଥାନାରେ ନୂଆ ଆଇଆଇସି ଭାବେ ଶ୍ରବଣ କୁମାର ମହାରଣା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଥାନାର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିବା ବେଳେ ଔପଦା ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଓ ସାମ୍ବାଦିକ ଏକତା ମଞ୍ଚର କର୍ମକର୍ତ୍ତାମାନେ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ନୂଆ ଆଇଆଇସି ମହାରଣା ଔପଦା ଅଞ୍ଚଳର ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହ ଏଥିପାଇଁ ଅଞ୍ଚଳବାସୀଙ୍କର ସହଯୋଗ କାମନା କରିଛନ୍ତି।

# ଡାଏଲିସିସ ୱାର୍ଡରୁ ଫେରୁଛନ୍ତି ଗୁରୁତର ରୋଗୀ

**ଜିଲା ମୁଖ୍ୟ ଚିକିତ୍ସାଳୟ**
- ୨ ମାସ ପରେ ନମ୍ବର ପଡ଼ୁଛି
- ଘରୋଇ କ୍ଲିନିକ ମାଲାମାଲ
- ୱାର୍ଡ ସଂଖ୍ୟା ବୃଦ୍ଧି କରିବାକୁ ଦାବି

କେନ୍ଦୁଝର,୨୭।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ବହୁ ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଡାଏଲିସିସ୍ ୱାର୍ଡ ଅନେକ ସମୟରେ ରୋଗୀଙ୍କ କାମରେ ଲାଗୁନାହିଁ। କେତେବେଳେ ମେଶିନ ଅଚଳ ତ କେତେବେଳେ ସ୍ଥାନ ଅଭାବ ଯୋଗୁ ଗୁରୁତର କିଡ୍‌ନୀ ରୋଗୀଙ୍କୁ ଫେରାଇ ଦିଆଯାଉଛି। ଜିଲାରେ ଡିଏମ୍‌ଏଫ୍ ଅର୍ଥର ଅଭାବ ନ ଥିବା ବେଳେ ଏହି ୱାର୍ଡରେ ବେଡ୍ ସଂଖ୍ୟା ବୃଦ୍ଧି କରାଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଏହାର ଫାଇଦା ଘରୋଇ ଚିକିତ୍ସାଳୟ ଉଠାଉଛନ୍ତି। ଅନେକ ସମୟରେ ଜାଣିଶୁଣି ସ୍ଥାନ ଅଭାବ ଦର୍ଶାଇ ସରକାରୀ ଡାଏଲିସିସ୍ ୱାର୍ଡରୁ ଗୁରୁତର ରୋଗୀଙ୍କୁ ଫେରାଇ ଦେଇ ପରୋକ୍ଷରେ ଘରୋଇ କ୍ଲିନିକକୁ ପଠାଯାଉଥିବା ଅଭିଯୋଗ ହେଉଛି। ଫଳରେ ଧାରକରଜ କରି ବାହାର ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବାକୁ ପଡୁଛି।

ସୂଚନାଯୋଗ୍ୟ, କେନ୍ଦୁଝର ସଦର ବ୍ଲକ୍ ଗୋପାଳପୁର ଗ୍ରାମର ଚିତ୍ତରଞ୍ଜନ ମହାକୁଡ଼ ଗତ ମାସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କ୍ଲିନିକରେ ଭର୍ତ୍ତି ହୋଇଥିଲେ। ତାଙ୍କର କିଡ୍‌ନୀ ରୋଗର ଚିହ୍ନଟ ପରେ ଡାଏଲିସିସ୍ ପାଇଁ ଭର୍ତ୍ତି ହୋଇଥିଲେ। ପାଖାପାଖି ୫ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିସାରିଥିବା ବେଳେ ଏବେ ଅର୍ଥ ଅଭାବରୁ ସେଠାରୁ ଆସି ଘରେ ରହିଛନ୍ତି। ବଞ୍ଚିବା ପାଇଁ ସପ୍ତାହରେ ୩ ଦିନ ଡାଏଲିସିସ୍ କରିବା ଜରୁରୀ। ଘର ପାଖରେ ଅର୍ଥାତ ଜିଲା ମୁଖ୍ୟ ଡାକ୍ତରଖାନାର ଡାଏଲିସିସ୍ ୱାର୍ଡରେ ଚିକିତ୍ସା ସୁବିଧା ରହିଥିବାରୁ ବହୁ ଆଶାରେ କିଛି ଦିନ ତଳେ ଯାଇଥିଲେ। କିନ୍ତୁ ସିରିଏଲରେ ଆସିଲେ ୨ରୁ ୩ ମାସ ପରେ ଚିକିତ୍ସା ସୁବିଧା ମିଳିବ ବୋଲି ଡାକ୍ତରଖାନାରେ କୁହାଯିବାରୁ ଘରକୁ ଫେରିଯାଇଥିଲେ। ଚିତ୍ତରଞ୍ଜନ କହିଛନ୍ତି, ସେ ଜଣେ ଗରିବ ଲୋକ, କ୍ୟାନସର ରୋଗରେ ସ୍ତ୍ରୀଙ୍କ ଦେହାନ୍ତ ପରେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ବହୁ ଯନ୍ତ୍ରଣା ଭୋଗୁଛନ୍ତି। ତାଙ୍କର ଦୁଇ ପୁଅଙ୍କୁ କଙ୍କଡ଼ା ଗ୍ରାମରେ ଏକ ଘରୋଇ କୋଚିଂ ସେଣ୍ଟରରେ ଛାଡ଼ିଛନ୍ତି। ବୀମା କାର୍ଡ ଥିବାରୁ କିଛିଟା ଅର୍ଥ ଭରଣା କରିଥିବା ବେଳେ ଅବଶିଷ୍ଟ ମାଗି ଖର୍ଚ୍ଚ କରିଥିଲେ। ସେହିପରି ସଦର ବ୍ଲକ୍‌ର ନୀତିନ ମହାନ୍ତ(୫୫)କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କୁ ସପ୍ତାହରେ ଦୁଇ ଥର ଡାଏଲିସିସ୍ ହେବାକୁ ପଡୁଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସିରିଏଲ ନ ମିଳିବାରୁ ବାଧ୍ୟ ହୋଇ କଟକକୁ ଯାଇ ଘରୋଇ କ୍ଲିନିକରେ ଚିକିତ୍ସିତ ହେଉଛନ୍ତି। ତେବେ ଏଭଳି ବହୁ ଗରିବ ତଥା ଗୁରୁତର ରୋଗୀ ଜିଲା ଚିକିତ୍ସାଳୟରେ ଡାଏଲିସିସ୍ ସୁବିଧା ନ ପାଇ ବିଭିନ୍ନ ଘରୋଇ କ୍ଲିନିକ୍‌କୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ୧୦ ବେଡ୍‌ବିଶିଷ୍ଟ ଡାଏଲିସିସ୍ ୱାର୍ଡ ପ୍ରତିଷ୍ଠା କରାଯାଇଛି। ମାତ୍ର ଦିନକୁ ବେଡ୍ ପିଛା ତିନିଜଣ ହିସାବରେ ପାଖାପାଖି ୩୦ ଜଣ ରୋଗୀ ସେବା ପାଇବା ବ୍ୟବସ୍ଥା ରହିଛି। ଫଳରେ ବହୁ ଗରିବ ଗୁରୁତର କିଡ୍‌ନୀ ରୋଗୀ ଡାଏଲିସିସ୍ ସୁବିଧା ନ ପାଇ ଫେରୁଛନ୍ତି। ଏ ନେଇ ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଦାବି କରିଛନ୍ତି। ଏଥିସହ ସହ ଘରୋଇ କ୍ଲିନିକ ସହିତ ସୁସମ୍ପର୍କ ରଖି ରୋଗୀଙ୍କୁ ଫେରାଇ ଦେଉଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ଓକିଲ ସଂଘ ସଭାପତି ଅଶୋକ ଦାସ ଦାବି କରିଛନ୍ତି। ଡିଏମ୍‌ଏଫ୍(ଡିଷ୍ଟ୍ରିକ୍ ମିନେରାଲ ଫଣ୍ଡ)ରୁ ସୌନ୍ଦର୍ଯ୍ୟକରଣ ନାମରେ ଅନେକ କୋଟି ଖର୍ଚ୍ଚ କରାଯାଉଛି। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଚିକିତ୍ସା ସୁବିଦା ନ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ଏଡିଏମଓ ଅସୀମ କୁମାର ଦେ କହିଛନ୍ତି, ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ସମସ୍ତ ରୋଗୀ ସୁବିଧା ପାଇପାରିବେ। ପ୍ରକୃତ ସମସ୍ୟାକୁ ଅନୁଧ୍ୟାନ କରି କିପରି ଗୁରୁତର ରୋଗୀ ସେବା ପାଇବେ ସେ ନେଇ ପଦକ୍ଷେପ ନେବୁ।

## ରାସ୍ତା ସମତୁଲ ପାଇଁ ନାଳ କାଦୁଅ ବ୍ୟବହାର


ରାସ୍ତାରେ ନାଳ କାଦୁଅ ପକାଯାଉଛି।

ବାଲେଶ୍ୱର,୨୭।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ସହଦେବଖୁଣ୍ଟା ସ୍ଥିତ ବସ୍‌ଷ୍ଟାଣ୍ଡ ପାର୍ଶ୍ୱ ଦେଇ ଯାଇଥିବା ମାଲଗୋଦାମକୁ ଯିବା ରାସ୍ତା ଖାଲଖମା ପୂର୍ଣ୍ଣ ହୋଇଥିଲା। ଉକ୍ତ ରାସ୍ତାରେ ପାଣି ଜମି ଯିବା ସହିତ ରାସ୍ତା କାଦୁଅ ହୋଇଯାଉଥିଲା। ଏହାକୁ ସମତୁଲ କରିବା ପାଇଁ ଲୋକେ ବାଲେଶ୍ୱର ମ୍ୟୁନିସିପାଲିଟିକୁ ଜଣାଇଥିଲେ। ହେଲେ ମ୍ୟୁନିସିପାଲିଟିର ଅଜବ ନୀତି ଦେଖିବାକୁ ମିଳିଛି। ମ୍ୟୁନିସିପାଲିଟି ପକ୍ଷରୁ ସେଠାରେ କ୍ରଶର ଡଷ୍ଟ କିମ୍ବା ମୋରମ ପକାଇ

**ବିରୋଧ କଲେ ଲୋକେ**

ସମତୁଲ କରିବା ପରିବର୍ତ୍ତେ ନିକଟରେ ଥିବା ଡ୍ରେନରୁ କଳାରଙ୍ଗର କାଦୁଅ କାଢ଼ି ରାସ୍ତାକୁ ସମତୁଲ କରାଯାଉଥିବା ଦେଖିବାକୁ ମିଳିଥିଲା। ଉକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହିତ ପ୍ରବଳ ଦୁର୍ଗନ୍ଧରେ ଫାଟି ପଡୁଥିଲା। ସ୍ଥାନୀୟ ଦୋକାନୀମାନେ ଏହାକୁ ପ୍ରବଳ ବିରୋଧ କରିଥିଲେ। ଫଳରେ ସେଠାରେ କାମ କରୁଥିବା ସଫେଇ କର୍ମଚାରୀ କାମ ବନ୍ଦ କରି ଫେରି ଯାଇଥିଲେ।

# ମିଶନ ଶକ୍ତି କର୍ମଶାଳା




ଭଦ୍ରକ,୨୭।୮
(ରବିନାରାୟଣ ଖ୍ଲାର)

ଭଦ୍ରକ ସହର ଚନ୍ଦନବଜାର ୨୦ ନଂ. ୱାର୍ଡରେ ମିଶନ ଶକ୍ତି କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ଯୁବନେତା ଜ୍ୟୋତିପ୍ରକାଶ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥପୁର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ସଞ୍ଜୟ ଦାସ, ଆଇନଜୀବୀ ବିଷ୍ଣୁ ମହାପାତ୍ର, ସିଆର୍‌ପି ମନୋରମା ବିଶ୍ୱାଳ, ସାମାଜିକ କର୍ମୀ ଅସିତ ମୁନା ଖୁଣ୍ଟିଆ, ଜିତେନ୍ଦ୍ର ମହାୱାରଙ୍କ ସହ ଶତାଧିକ ମହିଳା ଯୋଗ ଦେଇଥିଲେ। ଏହି କର୍ମଶାଳା ଦ୍ୱାରା ମହିଳାମାନେ ଅନେକ ସୂଚନା ପାଇବା ସହ ଆଗକୁ ବଢ଼ିପାରିବେ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ପନ୍ତେଇ ଫେରି ଘାଟରେ ବେଆଇନ ନୌକା ଚଳାଚଳ

ବାଲିଆପାଳ,୨୭।୮(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତର ପନ୍ତେଇ ଫେରି ଘାଟରେ ବେଆଇନ ଭାବେ ନୌକା ଚଳାଚଳ କରୁଛି। ଫଳରେ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିଛି। ଯାତ୍ରୀମାନେ ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି। ଯାତ୍ରୀମାନଙ୍କର ସୁରକ୍ଷା ପାଇଁ ଲାଇଫ ଜ୍ୟାକେଟ ମଧ୍ୟ ଦିଆ ଯାଉନାହିଁ। ପୂର୍ବରୁ ଜାମକୁଣ୍ଡା ପଞ୍ଚାୟତ ଓ ତହସିଲ ପକ୍ଷରୁ ଘାଟ ନିଲାମ ପାଇଁ ସର୍ବସାଧାରଣରେ ନୋଟିସ ଦିଆ ଯାଇଥିଲା। ମାତ୍ର ସଲାସୁତୁରା ଯୋଗୁ କୌଣସି ଲୋକ ନିଲାମ ନେଲେ ନାହିଁ। ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଥର ନିଲାମ ପାଇଁ ନୋଟିସ ହୋଇଥିଲେ ମଧ୍ୟ କେହି ନିଲାମ ନେଇ ନ ଥିଲେ ମଧ୍ୟ ଫେରିଘାଟ ପୂର୍ବବତ୍ ଚାଲିଛି। ଏହି ଫେରି ଘାଟ ବାଲିଆପାଳ ଓ ଭୋଗରାଇ ବ୍ଲକକୁ ସିଧାସଳଖ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହ ଶହ ଲୋକ ନଦୀ ଘାଟ ପାରି ହୋଇଥାନ୍ତି। ବାଲିଆପାଳ ଅଞ୍ଚଳର ବହୁ ବ୍ୟବସାୟୀ ପଶ୍ଚିମବଙ୍ଗର ଦୀଘା, ଦାନ୍ତୁନ, ସାତମାଇଲ, ଏଗ୍ରାକୁ ଜିନିଷ କିଣାବିକା ପାଇଁ ଯାଇଥାନ୍ତି। ବେଆଇନ ନୌକା ଚଳାଚଳ ଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୈବ ପୀଠ ଚନ୍ଦନେଶ୍ୱର, ଭୁଷଣ୍ଡେଶ୍ୱର ବିଜୟ ବାସୁଳୀ ତୀର୍ଥକ୍ଷେତ୍ରକୁ ଏହି ଘାଟ ପାରି ହୋଇ ମଧ୍ୟ ଲୋକେ ଯାଇଥାନ୍ତି। ପ୍ରକାଶ ଥାଉ କି, ଏହି ନଦୀ ଘାଟରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ସାଇଡ କାମ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ଚାଲୁ ରହିଛି। ତେବେ ଏ ବାବଦରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ବେଆଇନ ନୌକା ଚଳାଚଳ ବନ୍ଦ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ପିଚୁ ରାସ୍ତାରେ କଂକ୍ରିଟ ଢାଳି ମରାମତି

ଖଇରା,୨୭।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଓ ଭଦ୍ରକ ଜିଲାକୁ ସଂଯୋଗ କରୁଥିବା ରାଣିତାଲ କୁପାରୀ ରାଣୀତାଲ ରାସ୍ତାରେ ପିଚୁ କାମ ନ ସରୁଣୁ ବଡ ବଡ ଗାତ ସୃଷ୍ଟି ହୋଇଥିଲା। ପ୍ରତିବାଦ ସ୍ୱରୂପ ଗ୍ରାମବାସୀ ରାସ୍ତାରେ ଗଛ ପୋତି ପ୍ରତିବାଦ ଜଣାଇଥିଲେ। ଉକ୍ତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ରବିବାର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନରେଶ ସିଂଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ରାସ୍ତା ମଝିରେ ଉକ୍ତ ଗାତକୁ କଂକ୍ରିଟ ଢାଳି ମରାମତି କରାଯାଇଛି। ତେବେ ୧୨କୋଟି ଟଙ୍କା ବ୍ୟୟରେ ନିର୍ମିତ ପିଚୁ ରାସ୍ତାରେ କଂକ୍ରିଟ ଢାଳି ମରାମତି କରାଯିବା ପୂର୍ତ୍ତ ବିଭାଗର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେବେ କାମ ନ ସରୁଣୁ ରାସ୍ତାର ବହୁ ସ୍ଥାନରେ ପିଚୁ ଉଠିଯାଇଥିବାରୁ ଗ୍ରାମବାସୀ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ।


ରାସ୍ତାରେ ହୋଇଥିବା ଗାତକୁ କଂକ୍ରିଟ ଢାଳି ମରାମତି କରାଯାଉଛି।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବିକ୍ରମଙ୍କୁ ସ୍ୱର୍ଣ୍ଣ

ବାରିପଦା,୨୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚେନ୍ନାଇରେ ଅନୁଷ୍ଠିତ ଜାତୀୟସ୍ତରର ପ୍ରାକୃତିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲା ବାରିପଦାର ୱାର୍ଡ ନଂ.୨୩ ତକତପୁର ଅଞ୍ଚଳର ନିବାସୀ ବିକ୍ରମ ରାଉତ ସ୍ୱର୍ଣ୍ଣ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ଚେନ୍ନାଇଠାରେ ଶନିବାର ଅନୁଷ୍ଠିତ ଆଇସିଏନ ଚେନ୍ନାଇ ଚାମ୍ପିୟନସିପ ଜାତୀୟସ୍ତର ପ୍ରତିଯୋଗିତାରେ ବିକ୍ରମ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଭାରତର ବିଭିନ୍ନ ରାଜ୍ୟରୁ ମହିଳା, ପୁରୁଷ ସମୁଦାୟ ୪୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିକ୍ରମ ପ୍ରତିଯୋଗିତାରେ ୩ ଗୋଟି ପଦକ ପାଇଛନ୍ତି। ଓଡ଼ିଶାରୁ ପ୍ରଥମ ଥର ପାଇଁ ପ୍ରୋ କାର୍ଡ ପାଇ ଆନ୍ତର୍ଜାତୀୟ ସ୍ତରର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନିତ ହୋଇଛନ୍ତି। ପୁରସ୍କାରରେ ପଦକ ସହ ୫୦ ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ସେ ଉକ୍ତ ପ୍ରତିଯୋଗିତା ପାଇଁ ବିଗତ ୪ମାସ ହେଲା ଦିନକୁ ୨ରୁ ୩ଘଣ୍ଟା ପ୍ରସ୍ତୁତି କରୁଥିଲେ। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କୋଣସି ପ୍ରକାରର ଷ୍ଟେରୟେଡ୍ ଔଷଧ ସେବନ ନକରି ପ୍ରାକୃତିକ ଉପାୟରେ ବ୍ୟାୟାମ କରି ସୁନ୍ଦର ସ୍ୱାସ୍ଥ୍ୟ ପ୍ରସ୍ତୁତ କରିବା ପାଇଁ ଯୁବପିଢ଼ିଙ୍କୁ ବିକ୍ରମ କହିଛନ୍ତି। ସେ ଜାତୀୟ ସ୍ତରରେ ପଦକ ଜିତିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ବିକ୍ରମ ରାଉତ।

## ଢେଙ୍କିକୋଟ ଜୋନ୍‌ରୁ ୭ କାର୍ଯ୍ୟକାରିଣୀ ସଦସ୍ୟ ପ୍ରାର୍ଥୀ

**ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ**

ଢେଙ୍କିକୋଟ,୨୭।୮(ନୀଳମଣି ମଣ୍ଡଳ)


କେନ୍ଦୁଝର ଜିଲାର ବହୁ ଚର୍ଚ୍ଚିତ ଟ୍ରକ୍ ମାଲିକ ସଂଘ ନିର୍ବାଚନ ସେପ୍ଟେମ୍ବର ୨୪ରେ ହେବାକୁ ଥିବାବେଳେ ରାଜନୀତି ସରଗରମ ହୋଇଛି। ଜିଲାରେ ଥିବା ୭ ଟି ଜୋନର ୧୫ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ନିର୍ବାଚିତ ହେଉଥିବା ଏଥର ଢେଙ୍କିକୋଟ, ପାଟଣା, ସାହାରପଡ଼ାକୁ ନେଇ ଗଠିତ ଢେଙ୍କିକୋଟ୍ ଜୋନ୍‌ରୁ ୭ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ଏମ୍‌ଡି ଜାବେର, ନିମାଇଁଚରଣ ପାଳ, ବିଶ୍ୱରଞ୍ଜନ ପୃଷ୍ଟି, ଯୁଧିଷ୍ଠିର ମହାନ୍ତ, ଶିବପ୍ରସାଦ ସତପଥି, ଜଗନ୍ନାଥ ମହାନ୍ତ ଓ ଉତ୍ତମ କୁମାର ଖଟୁଆ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୂର୍ବରୁ ଲଗାତାର ସର୍ବାଧିକ ୩ ଥର ସଂଘକୁ ଢେଙ୍କିକୋଟ ବଜାରରୁ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ବାବୁଲା ସାହୁ ଓରଫ ବିଜୟ କୁମାର ସାହୁ ଚଳିତବର୍ଷ ନାମାଙ୍କନ ପତ୍ର ଦାଖଲ ନ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷେ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ ଦୀର୍ଘ ବର୍ଷ ପରେ ହେଉଥିବାରୁ ବହୁ ମାଲିକ ଟ୍ରକ୍ ବିକ୍ରି କରି ଦେଇଥିଲେ ମଧ୍ୟ ମାଲିକ ସଂଘରୁ ସେମାନଙ୍କ ସଦସ୍ୟ ପଦ କଟି ନ ଥିବା ଅଭିଯୋଗ ହେଉଛି। ତେଣୁ ସେ ସବୁକୁ ସଂଘ ପକ୍ଷରୁ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## କେନ୍ଦୁଝର କେନ୍ଦୁପତ୍ର ଡିଭିଜନସ୍ତରୀୟ ସଭା

କେନ୍ଦୁଝର,୨୭।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କେନ୍ଦୁପତ୍ର ଡିଭିଜନସ୍ତରୀୟ ସଭା ତେଲକୋଇଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା ମୁଖ୍ୟ ଅତିଥି ଓ ସାତଟି ରେଞ୍ଜର ସମ୍ପାଦକ, କର୍ମଚାରୀ, ତୋଳାଳିଙ୍କ ମଧ୍ୟରେ ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟତ କର୍ମଚାରୀ ଦରମା ବୃଦ୍ଧି ଓ ଏସ ପ୍ରଦାନରେ ଅନିୟମତା, ୯୦ ଦିନର ମୁନିସ ମାନଙ୍କୁ ପ୍ରାପ୍ୟ, ୬୦ ଦିନର ଚପରାସିଙ୍କୁ ପ୍ରାପ୍ୟ ଓ କେନ୍ଦୁପତ୍ର ସଂଗ୍ରହ ଦର ବୃଦ୍ଧି ଅଲୋଚନା କରିଥିଲେ। ପତ୍ର ଶୁଖାଇବା ଓ ସାଇତି ରଖିବାକୁ ହୋଇଥିବା ଅନିୟମତା ଉପରେ ଆଲୋଚନା କରାଯାଇଥିଲା। ଏକ ମାସ ଭିତରେ ଏହାକୁ ଠିକ୍ କରି ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ ଦ୍ୱାରା ନିର୍ଦ୍ଧାରିତ ମଜୁରୀ ପୈଠ ପ୍ରଦାନ କରା ନ ଗଲେ ରେଞ୍ଜସ୍ତରରେ ଧାରଣା ଓ କେନ୍ଦୁଝର ବନଖଣ୍ଡ ଅଫିସକୁ ଘେରଓ କରାଯିବ ବୋଲି ଏମଡି ମୃତୁଜା ଚେତାବନୀ ଦେଇଛନ୍ତି।

## ୭୩ ଜଣଙ୍କୁ ଚକ୍ଷୁ ଚିକିତ୍ସା ସେବା



କେନ୍ଦୁଝର,୨୭।୮(ଦୀପକ ମିଶ୍ର)

କେନ୍ଦୁଝର ଜିଲାର ଅଗ୍ରଣୀ ଅନୁଷ୍ଠାନ ଘୁଙ୍ଗୁରୁ କ୍ଲବ୍ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୩ ଜଣ ଆଖି ପରୀକ୍ଷା କରିଥିବାବେଳେ ୧୫ଜଣଙ୍କର ମୋତିଆ ବିନ୍ଦୁ ଅପରେସନ ହେବା ସହ ୧୦ ଜଣଙ୍କୁ ଚଷମା ପ୍ରଦାନ କରାଯିବ ବୋଲି ଚୁଡ଼ାନ୍ତ ହୋଇଥିଲା। ଘୁଙ୍ଗୁରୁ କ୍ଲବ୍ ପରିସରରେ ଆୟୋଜିତ ଶିବିରକୁ ସଦର ଉପଖଣ୍ଡ ପୋଲିସ ଅଧିକାରୀ ମହେନ୍ଦ୍ରନାଥ ମୁର୍ମୁ ଓ କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମୀନା ମାଝୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। କ୍ଲବ୍‌ର ସଭାପତି ନବକିଶୋର ସାହୁଙ୍କ ସଭାପତିତ୍ୱରେ ୧ ନମ୍ବର ୱାର୍ଡର କାଉନ୍‌ସିଲର ଶରତ ସାହୁ, କ୍ଲବ୍‌ର ସାଧାରଣ ସମ୍ପାଦକ ସନ୍ତୋଷ ଦାସ, ଭୂମିକା ଚକ୍ଷୁ ଚିକିତ୍ସାଳୟର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନା, ଚକ୍ଷୁ ବିଶେଷଜ୍ଞ ଆୟାନ ପାଲ, ପାରମେଡିକ୍ସ ଅର୍ପିତା ବାରିକ, ଅଭିଶେକ ମହାନ୍ତ, ନଚିକେତା ଦାଶ, ହସ୍ପିଟାଲ ମ୍ୟାନେଜର ଅଶେଷାନନ୍ଦ ଦାସ, ସହକାରୀ ପରିଚାଳକ ରୁଦ୍ରନାରାୟଣ ଲୋହାର, ସଦର ବ୍ଲକ୍ ମୁଖ୍ୟ ହିମାଂଶୁ ପାତ୍ର, ବରିଷ୍ଠ ନାଗରିକ ମନୋଜ ମିଶ୍ର, ରବୀନ୍ଦ୍ରନାଥ ସାହୁ, ଘୁଙ୍ଗୁରୁର ବରିଷ୍ଠ ସଦସ୍ୟ ମାନସ ରଞ୍ଜନ ସାହୁ, ତ୍ରିଲୋଚନ ମିଶ୍ର, ସତ୍ୟଜିତ ମିଶ୍ର, ବିନୋଦ ସେଠୀ, ସୁରଜଲାଲ ଦାଶ, ବିଜୟ ବେହେରା, ରମାରଞ୍ଜନ ମିଶ୍ର, ମହିଳା ମଣ୍ଡଳ ସଭାପତି ମଞ୍ଜୁଲତା ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ଶିବିର ନେଇ ପ୍ରସ୍ତୁତି ବୈଠକ

ଖଇରା,୨୭।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ଅଞ୍ଚଳରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ଶନିବାର ୨ଟି ପ୍ରସ୍ତୁତି ବୈଠକ କଇଥଗଡିଆ ଓ ଗଡପୋଖରୀଠାରେ ଅନୁଷ୍ଠିତ ହୋଇଯାଇଛି । କଇଥଗଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ରାଜ୍ୟ କଳା,ସଂସ୍କୃତି ଏବଂ ମାନବ ସମ୍ବଳ ବିଭାଗ ସମ୍ପାଦକ ଶଶି କୁମାର ସାହୁ, ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ ପ୍ରମୁଖ ଯୋଗଦେଇ ଏହି ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ କିଭଳି ଅଧିକ ଗରିବ ଅସହାୟ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ଗଡପୋଖରୀ ପଞ୍ଚାୟତର ସିମୁଳିଆ ଗାୟତ୍ରୀ ମଣ୍ଡପରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମିତି ସଭ୍ୟ ଶତ୍ରୁଘ୍ନ ସେଠୀ ଉପସ୍ଥିତ ହୋଇ ଶିବିର ପାଇଁ ସମସ୍ତ ପ୍ରକାର ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ମହିଳା କଲେଜ କ୍ୟାମ୍ପସ ପାଇଁ ସ୍ଥାନ ଅଭାବ

**ଜିଲାପାଳଙ୍କୁ ଭେଟିବେ କୋର୍ କମିଟି ସଦସ୍ୟ**

ଉଦଳା, ୨୭।୮ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା କଲେଜ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଦୀର୍ଘ ୪୦ ବର୍ଷ ପୂର୍ବେ ସ୍ଥାପନ ହୋଇଥିଲା। ଏହି ମହିଳା କଲେଜ ପାଇଁ ଏକମାତ୍ର ସମସ୍ୟା ସୃଷ୍ଟି କରିଛି କ୍ୟାମ୍ପସ୍। ଏହାର ସମାଧାନ ପାଇଁ ରବିବାର ଏକ ସାଧାରଣ ପରିଷଦ ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପସ ସମ୍ପ୍ରସାରଣ ପାଇଁ ସ୍ଥାନ ଚିହ୍ନଟ ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ସହରାଞ୍ଚଳରେ କଲେଜ କ୍ୟାମ୍ପସ ନିମନ୍ତେ ଆବଶ୍ୟକ ସରକାରୀ ଜମି ଯୋଗାଇ ଦେବା ପାଇଁ କୋର୍ କମିଟି ସଦସ୍ୟମାନେ ସୋମବାର ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇବେ। ଏନ୍‌ଏସି ଏରିଆରେ ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିମନ୍ତେ ଏସ୍‌ଟିଏସ୍‌ସି ବିଭାଗରୁ ୬ କୋଟି ଟଙ୍କା ମଞ୍ଜୁର ହୋଇଥିବା କଲେଜ ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ବୈଠକରେ ପ୍ରକାଶ କରିଥିଲେ। ମାତ୍ର ବର୍ତ୍ତମାନ କଲେଜ ଚାଲିଥିବା କ୍ୟାମ୍ପସ ପରିସରରେ ଆବଶ୍ୟକ ସ୍ଥାନ ନ ଥିବାରୁ ଜିଲା ପ୍ରଶାସନ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ କୋର୍ କମିଟିର ସଦସ୍ୟମାନେ କ୍ୟାମ୍ପସ ନିମନ୍ତେ ସ୍ଥାନ ଅଭାବ ସମ୍ପର୍କରେ ଲିଖିତ ଭାବେ ଅବଗତ କରିଥିବା ଜଣାଯାଇଛି।

ଶିକ୍ଷାବିତ୍ ଦିଲୀପ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ଭାସ୍କର ମଡେଇ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉଦଳା ଓକିଲ ସଂଘ ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ବସନ୍ତ କୁମାର ପରିଡ଼ା, କଲେଜର ପ୍ରତିଷ୍ଠାତା ସଦସ୍ୟ ପ୍ରଭାତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଯଜ୍ଞନାରାୟଣ ମହାନ୍ତିଙ୍କ ସହ ଏନ୍‌ଏସିର ୧୨ ୱାର୍ଡର କାଉନସିଲର, ଉଦଳା ସହରାଞ୍ଚଳରେ ଥିବା ବିଭିନ୍ନ କ୍ଲବ, ସାମାଜିକ ସଙ୍ଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।


ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକ।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୮ ଅଗଷ୍ଟ, ୨୦୨୩

### ବୋଲେରୋ ଭିତରୁ ଯୁବକଙ୍କ ମୃତଦେହ ଜବତ

ଯୋଡ଼ା,(ମାନସ ମହାନ୍ତି): ଯୋଡ଼ା ସହରସ୍ଥିତ ମୋହୋତା ହସ୍ପିଟାଲ ନିକଟରେ ଥିବା ଏକ ଗ୍ୟାରେଜରେ ବୋଲେରୋ ଭିତରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ବହଳଦା ଗ୍ରାମର ଶିବା। ସେ ଯୋଡ଼ାରେ ରହି ଜଣେ ବ୍ୟକ୍ତିଙ୍କ ଗାଡ଼ି ବୁଝାବୁଝି କରୁଥିଲେ। ଶନିବାର ବିଳମ୍ବିତ ରାତିରେ ଗ୍ୟାରେଜ ସମ୍ମୁଖରେ ଛିଡ଼ା ହୋଇଥିବା ବୋଲେରୋରେ ଶୋଇଥିଲେ। ସକାଳୁ ନ ଉଠିବାରୁ ସ୍ଥାନୀୟ ଲୋକେ ବୋଲେରୋର କବାଟ ଖୋଲି ତାଙ୍କର ମୃତ୍ୟୁ ଘଟିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।



## ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ନୀଳଗିରି,୨୭।୮(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ବରହମପୁର ବିଦ୍ୟୁତ୍ ସବଷ୍ଟେଶନ ଅଧୀନ ନରଣପୁର ପଞ୍ଚାୟତ ଭୁଲାପଡ଼ିଆ ଗ୍ରାମରେ ବିଦ୍ୟୁତ୍ ସରବରାହରେ ଅବ୍ୟବସ୍ଥା ଲାଗି ରହିଛି। ଏହାର ପ୍ରତିବାଦରେ ଲୋକେ ବିଦ୍ୟୁତ୍ କର୍ମଚାରୀଙ୍କୁ ଅଟକ ରଖିଥିଲେ। ରବିବାର ସକାଳେ ଭୁଲାପଡ଼ିଆ ଗ୍ରାମର କିଛି ଲୋକ ଲୋ-ଭୋଲଟେଜ୍ ସମସ୍ୟା ନେଇ ବରହମପୁର ବିଦ୍ୟୁତ୍ ସବଷ୍ଟେଶନନକୁ ଫୋନ କରି ଅଭିଯୋଗ କରିଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ଅପରାହ୍ନ ୪ଟା ସମୟରେ ଗ୍ରାମରେ ପହଞ୍ଚିବାରୁ ଗ୍ରାମବାସୀ ପାଟିତୁଣ୍ଡ କରିଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍ ସଜାଡିବା ପରିବର୍ତ୍ତେ ରାଗରେ ବକେୟା ବିଲ୍ ଥିବା କିଛି ଲୋକଙ୍କର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ କର୍ମଚାରୀଙ୍କୁ ଅଟକ ରଖିବା ସହିତ ଉପରିସ୍ଥ କର୍ମଚାରୀଙ୍କୁ ଆସିବା ପାଇଁ କହିଥିଲେ। ବରହମପୁର ପୋଲିସ ପହଞ୍ଚି ବୁଝାଶୁଝା କରିବାରୁ ଗ୍ରାମବାସୀ ଉକ୍ତ କର୍ମଚାରୀଙ୍କୁ ଛାଡିଥିଲେ।

# ନୀଳଗିରିରେ ମିଲେଟ୍ ମିଶନ ଫେଲ୍

ନୀଳଗିରି,୨୭।୮(ପ୍ରଶାନ୍ତ ବିଶ୍ୱାଳ)


ନୀଳଗିରିଠାରେ ଥିବା ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ।

**ଏନ୍‌ଜିଓ ସଂସ୍ଥାର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କଲେ କୃଷି ଅଧିକାରିଣୀ**

ରାଜ୍ୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ଓ ଲୋକଙ୍କ ପୁଷ୍ଟିସାଧନକୁ ଦୃଷ୍ଟିରେ ରଖି ସରକାର ମିଲେଟ ମିଶନ ଯୋଜନା ଆରମ୍ଭ କରିଛନ୍ତି। ମାତ୍ର ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଏହି ମିଶନ ଫେଲ୍ ମାରିଛି। ମାଣ୍ଡିଆ, ଯଅ ଓ ବାଜରା ଚାଷ ଆଶାନୁରୂପ ହୋଇ ପାରିନି।

ସୂଚନା ଅନୁଯାୟୀ, ନୀଳଗିରି ବ୍ଲକରେ ମିଲେଟ ଚାଷ ପାଇଁ କୃଷି ବିଭାଗ ତରଫରୁ ବେସରକାରୀ ସଂସ୍ଥା ଏଫ୍‌ଏ (ଫେସିଲେଟିଙ୍ଗ ଏଜେନ୍ସି) ସମ୍ବନ୍ଧ ମାଧ୍ୟମରେ ଏହାର ସହକାରୀ ସଂସ୍ଥା ସୁବର୍ଣ୍ଣରେଖା (ସିବିଓ)କୁ ଦାୟିତ୍ୱ ଦିଆଯାଇଛି। ନୀଳଗିରି ବ୍ଲକରେ ଏହି ସଂସ୍ଥା ଗତ ୨ମାସ ତଳେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ନୀଳଗିରି କୃଷି ବିଭାଗ କାର୍ଯ୍ୟାଳୟରୁ ବିହନ ସଂଗ୍ରହ କରି ତରବରିଆ ଭାବରେ ହିତାଧିକାରୀ ଚୟନ କରି ବାଣ୍ଟିଥିଲେ। ନୀଳଗିରି ବ୍ଲକରେ ୨୦୦ ହେକ୍ଟର ଜମିରେ ସଘନ ପ୍ରଣାଳୀରେ ଚାଷ କରିବା ପାଇଁ ଆସିଥିଲା। ପ୍ରଥମେ ନୀଳଗିରି ବ୍ଲକର ୧୧ ପଞ୍ଚାୟତକୁ ଉକ୍ତ ସଂସ୍ଥା ଚୟନ କରିଥିଲା। କିନ୍ତୁ ପରିତାପର ବିଷୟ ମିଲେଟ ମିଶନ ଯୋଜନାରେ ଯେଉଁ ସବୁ ହିତାଧିକାରୀମାନଙ୍କୁ ଚୟନ କରାଯାଇ ସେମାନଙ୍କର ଜମିରେ ଏବେ ଚାଷ କରିବା ପାଇଁ ବିହନ ବଣ୍ଟନ କରାଯାଇଥିଲା ସେ ସବୁ ଜମିରେ ପ୍ରକୃତ ପକ୍ଷେ ଚାଷ କରା ନ ଯାଇ ଧାନ ଚାଷ କରାଯାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ୨୦୦ ହେକ୍ଟର ପାଇଁ ନାମ ପଞ୍ଜୀକରଣ କରାଯାଇଥିବା ବେଳେ ୧୧ ପଞ୍ଚାୟତର କିଛି କିଛି ପ୍ଲଟରେ ୧୫ଡିସିମିଲ, ୨୫ଡିସିମିଲି ହିସାବରେ ଚାଷ ହୋଇଥିବା ବେଳେ ଅନ୍ୟ ଚାଷ ଜମିରେ ବିହନ ପଡି ଯାଇଥିବା ସଂସ୍ଥା ସଫେଇ ଦେଇଛି।

ଏ ସମ୍ପର୍କରେ ନୀଳଗିରି ବ୍ଲକ କୃଷି ଅଧିକାରିଣୀ ମିତାଲି ନାୟକଙ୍କୁ ପଚାରିବାରୁ ୨୦୦ ହେକ୍ଟର ମାଣ୍ଡିଆ, ଯଅ, ବାଜରା ଚାଷ ପାଇଁ ବିହନ ଦିଆଯାଇଛି। କିନ୍ତୁ ଏନ୍‌ଜିଓ ସଂସ୍ଥା ଠିକ୍ ତଥ୍ୟ ଦେଇ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯାହା ଫଳରେ କୃଷି ବିଭାଗ ପାଖରେ ଚାଷୀଙ୍କ ନାମ ନ ଥିବା ବେଳେ କେତେ ଜମିରେ ଚାଷ ହୋଇଛି ସଠିକ୍ ତଥ୍ୟ ନ ଥିବା ସୂଚନା ଦେଇଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଫେଲ୍ କରିବାରେ ଯେଉଁମାନଙ୍କର ହାତ ରହିଛି ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ, ମିଲେଟ ଚାଷ ନିମନ୍ତେ ଆଗରୁ ଦିଆଯାଉଥିବା ପ୍ରୋତ୍ସାହନ ସମୟ ସୀମା ୩ବର୍ଷ ବଦଳରେ ୫ବର୍ଷକୁ ବୃଦ୍ଧି କରାଯାଇଛି। ଏହି ୫ ବର୍ଷିଆ ଯୋଜନାରେ ହେକ୍ଟର ପିଛା ୧୦ହଜାର ବଦଳରେ ୨୬ହଜାର ୫ଶହ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି।

## ବରିଷ୍ଠ ନାଗରିକଙ୍କ ପାଇଁ ଉଜ୍ଜ୍ୱଳ ଲାଇଟ୍


ଲାଇଟ ଲଗାଯିବା ସମୟରେ ଉପସ୍ଥିତ ଗ୍ରାମବାସୀ।

ବାରିପଦା,୨୭।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ବଳଭଦ୍ରପୁର ପଞ୍ଚାୟତର ସିଂହଟଇଆ ଗ୍ରାମରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ରାତ୍ରିରେ ଚଳପ୍ରଚଳ ପାଇଁ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ରବିବାର ସାମାଜିକ କର୍ମୀ ଲଲାଟେନ୍ଦୁ ବେହେରାଙ୍କ ଉଦ୍ୟମରେ ନିଜସ୍ୱ ପାଣ୍ଠିରୁ ଏକ ଉଜ୍ଜ୍ୱଳ ଲାଇଟ୍ ସ୍ଥାପନ କରାଯାଇଛି। ତାଙ୍କର ଏଭଳି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ସମିତି ସଭ୍ୟ ସନତ ସେଠୀ, ସରପଞ୍ଚ ସୁକାନ୍ତି ନାଏକ, ଗ୍ରାମର ସଦାନନ୍ଦ ଦଣ୍ଡପାଟ, ନିର୍ମଳ ଦଣ୍ଡପାଟ, କରୁଣାକର ଦଣ୍ଡପାଟ, ସନତ ପାତ୍ର, ରଘୁନାଥ ବଳା, ରଜନୀକାନ୍ତ ପାତ୍ର, ମନୋରଞ୍ଜନ ବଳା, ଗୋକୁଳି ଚନ୍ଦ୍ର ଦଣ୍ଡପାଟ, ବସନ୍ତ ବଳା, ଦିଲ୍ଲୀପ କୁମାର ଦଣ୍ଡପାଟ, ଭକ୍ତବନ୍ଧୁ ବଳା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ମିଶ୍ରଣ ପର୍ବ

ତିହିଡ଼ି,୨୭।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ମୁକୁନ୍ଦପୁର ପଞ୍ଚାୟତସ୍ଥିତ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ବାସଭବନରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ୧୦ ଓ ୧୧ନଂ. ୱାର୍ଡସଦସ୍ୟଙ୍କ ସମେତ କର୍ମୀମାନେ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଏବଂ ବିଧାୟକ ରାଉତରାୟଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରା ପ୍ରତି ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ଯୋଗ ଦେଇଥିବା କହିଥିଲେ। ୱାର୍ଡ ସଦସ୍ୟ ବିଦ୍ୟାଧର ମହାଲିକ ଓ ଦୟାନିଧି ସାହୁଙ୍କ ସମେତ ବିଶ୍ୱନାଥ ସାହୁ, ବସନ୍ତ ସାହୁ, ଲୋକନାଥ ଜେନା, ମଧୁସୂଦନ ମହାଲିକ, କମଳାକାନ୍ତ ସାହୁ, ମଧୁସୂଦନ କୁଣ୍ଡୁ, ନିରାକାର ସାହୁ, ଗୋପୀନାଥ କୁଣ୍ଡୁ, ଅକ୍ଷୟ ଜେନା, ବିଜୟ ସାହୁ ପ୍ରମୁଖ ଯୁବ ସଙ୍ଗଠକ ସବ୍ୟସାଚୀ ପଣ୍ଡାଙ୍କ ନେତୃତ୍ୱରେ ବିଜେଡିରେ ମିଶିଛନ୍ତି। ମିଶ୍ରଣ ପର୍ବରେ ପଞ୍ଚାୟତ ସଭାପତି ଗଣେଶ ପ୍ରସାଦ ନାୟକ, ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ମହାଲିକ, ନାଏବ ସରପଞ୍ଚ ଅଭିମନ୍ୟୁ ମହାଲିକ, ଯୁବନେତା ହେମନ୍ତ ମହାନ୍ତି, ସଞ୍ଜୟ ମହାଲିକ, ନୀଳମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ରାଉତରାୟ ସମସ୍ତ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।


ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ନୂତନ କର୍ମୀମାନେ।

## ମହିଳା କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ ସ୍ନେହାଙ୍ଗିନୀ


ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକମାନେ।

ଭଦ୍ରକ,୨୭।୮(ସନାତନ ରାଉତ)

**ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ**

ଭଦ୍ରକ ଟାଉନ ହଲ୍‌ରେ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବୈଠକରେ ଯୋଗଦେଇ ତୃଣମୂଳସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଜିଲା, ବ୍ଲକ, ପୌରପାଳିକା ଓ ପଞ୍ଚାୟତ ସ୍ତରର ମହିଳା କାର୍ଯ୍ୟକର୍ତ୍ତାମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନାକୁ ପ୍ରତି ଘରେ ପହଞ୍ଚାଇବା ପାଇଁ ମହିଳାମାନେ ସକ୍ରିୟ ଭୂମିକା ଗ୍ରହଣ କରିବା ସହ ପ୍ରତି ବ୍ଲକ, ପୌରପାଳିକା ଓ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ମହିଳା କାର୍ଯ୍ୟକର୍ତ୍ତା ଅତିକମ୍‌ରେ ୧୫ ପରିବାର ଦାୟିତ୍ୱ ନେବେ ବୋଲି ସେ କହିଥିଲେ।

ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତଲତା ନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ଜିଲା ପ୍ରଭାରୀ ବିଧାୟକ ପ୍ରତାପ ଜେନା, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ବୁଥ୍ ସ୍ତରରେ ଦଳକୁ ମଜଭୁତ କରିବା ଲାଗି ମହିଳାମାନଙ୍କୁ ସଶକ୍ତ କରିବାକୁ ରାଜ୍ୟ ସରକାର ସବୁବେଳେ ଅଗ୍ରାଧିକାର ଦେଇଆସୁଛନ୍ତି। ମହିଳାମାନଙ୍କ ଉନ୍ନତି ପାଇଁ ବିଜେଡି ସବୁବେଳେ ଚେଷ୍ଟା ଜାରି ରଖିଛି ବୋଲି ସେମାନେ କହିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଲଘୁ ସମ୍ପ୍ରଦାୟ ରାଜ୍ୟ ମହିଳା ସେଲ୍ ଉପଦେଷ୍ଟା ତାହେରା ଖାତୁନ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ରାଜଲକ୍ଷ୍ମୀ ମହାପାତ୍ର, ନିହାରିକା ରାଉତଙ୍କ ସମେତ ବିଭିନ୍ନ ବ୍ଲକର ସଭାନେତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଞ୍ଚ ବିଷୟକ ଜ୍ଞାନ ପରୀକ୍ଷା

ଘସିପୁରା,୨୭।୮(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ବାତୋ ବନମାଳି ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ପାଞ୍ଚ ବିଷୟକ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଆଧ୍ୟାତ୍ମିକ ଜ୍ଞାନ, ସାଧାରଣ ଜ୍ଞାନ, ବିଜ୍ଞାନ, ଗଣିତ ଏବଂ ଭାଷା ସାହିତ୍ୟ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ପରୀକ୍ଷା କମିଟିର ପ୍ରେମାନନ୍ଦ ଦଳେଇ, ଚତୁର୍ଭୁଜ ପୁହାଣ, ଅମୂଲ୍ୟ କୁମାର ସାହୁ, ସନାତନ ପଡ଼ିଆରୀ ପରୀକ୍ଷା କାର୍ଯ୍ୟ ପରିଚାଳନା କରିଥିଲେ। ସ୍ମୃତି ସଂସଦର ସଭାପତି ଯଦୁନାଥ ମଲ୍ଲିକ, ସମ୍ପାଦକ ନରହରି ରାଉତ, ଉପସଭାପତି ସୁରେନ୍ଦ୍ର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

## ବୈତରଣୀରେ କୁମ୍ଭୀର, ଲୋକେ ଭୟଭୀତ

ଧାମନଗର,୨୭।୮(ଦେବେନ୍ଦ୍ର ଆନ୍ଦିଆ)

ବୈତରଣୀ ଓ ଏହାର ଶାଖା ନଦୀରେ କୁମ୍ଭୀର ନଦୀର ଉପରମୁହାଁ ହୋଇଛନ୍ତି। କିଛିଦିନ ତଳେ କୋଚିଲା ନଦୀରେ କୁମ୍ଭୀର ଦେଖିବାକୁ ମିଳିଥିଲା। ରବିବାର ବୈତରଣୀ ନଦୀର ରାମରାକୁଳଠାରେ ଏକ କୁମ୍ଭୀର ଦେଖି ନଦୀକୂଳିଆ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଧାମନଗର ବନ ବିଭାଗକୁ ଜଣାଯାଇଥିଲେ ମଧ୍ୟ ସନ୍ଧ୍ୟା ହେବାରୁ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପାରିନାହିଁ। ସୋମବାର କୁମ୍ଭୀର ଘଉଡ଼ାଇବା ବ୍ୟବସ୍ଥା କରାଯିବ। ତେବେ ଲୋକେ ନଦୀ କୂଳକୁ ନ ଯିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

## ବିଜେଡିରେ ସାମିଲ ହେଲେ ୧୦ ପରିବାର

ଭଦ୍ରକ,୨୭।୮(ସନାତନ ରାଉତ)

ଭଦ୍ରକ ବ୍ଲକ ବାଣିଆ ପଞ୍ଚାୟତରେ କଂଗ୍ରେସ ଓ ଭାଜପା ଛାଡ଼ି ୩୦ରୁ ଅଧିକ କର୍ମୀ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ପଞ୍ଚାୟତର ୧୧ ନମ୍ବର ୱାର୍ଡର ୧୦ ପରିବାରର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ବାସଭବନରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଉକ୍ତ ପଞ୍ଚାୟତରେ ଆଗାମୀ ଦିନରେ ବିଜେଡିର ସଙ୍ଗଠନ ମଜଭୁତ ହେବା ସହ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସୈନିକ ଭାବେ କାର୍ଯ୍ୟ କରିବେ ବୋଲି ନୂତନ କର୍ମୀମାନେ କହିଥିଲେ।

## ବିଜେଡିରେ ମିଶିଲେ ଅନ୍ୟ ଦଳର ୧୦ କର୍ମୀ

ପାଟଣା,୨୭।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ବ୍ଲକ୍‌ର ଖଜିରାପାଟ ପଞ୍ଚାୟତ ପଡ଼ିଆପଶି ଗ୍ରାମ ପଡ଼ିଆରେ ରବିବାର ବିଜେଡିର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଜେଡି ପଞ୍ଚାୟତ ସଭାପତି ତ୍ରିଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥିଭାବେ ବିଜେଡି ଜିଲା ସଂଯୋଜକ ତଥା କେନ୍ଦ୍ର ସମବାୟ ସମିତି ସଭାପତି କାନନ ବିହାରୀ ପହି, ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ୨୯ ନଂ. ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମାହାକୁଡ଼, ଜିଲା କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା କିରଣବାଳା ସିଂ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ଥାନୀୟ ସମିତିସଭ୍ୟ ଅଞ୍ଜୁଲତା ନାଏକ, ବ୍ଲକ୍‌ସଭାପତି ଦିଲୀପ ସାହୁ, ଉଦୟପୁର ପଞ୍ଚାୟତ ସଭାପତି ବିପିନ ବିହାରୀ ସାମଲ, ବ୍ଲକ୍ ଯୁବବିଜେଡି ସଭାପତି ସତ୍ୟନାରାୟଣ ପଣ୍ଡା, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ଉପସ୍ଥିତ ରହି ବିଜେଡିକୁ ଆହୁରି ସୁ ସଂଗଠିତ କରିବା ପାଇଁ ଆହ୍ୱାନ କରିଥିଲେ। ଉକ୍ତ ପଞ୍ଚାୟତର ୧୦ ଅନ୍ୟଦଳ କର୍ମଚୀ ଓ ୨ ଜଣ ବ୍ୟକ୍ତି କର୍ମୀ ବିଜେଡିରେ ଯୋଗ ଦେଇଥିବା ବ୍ଲକ ଯୁବ ବିଜେଡି ସଭାପତି କହିଛନ୍ତି। ସମସ୍ତଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ବିଧାୟକ ସ୍ୱାଗତ କରିଥିଲେ।


ବିଜେଡିରେ ଯୋଗଦେଇଥିବା ନୂତନ କର୍ମକର୍ତ୍ତା।

## ଅଜଣାଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବେତନଟୀ,୨୭।୮(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ କେଶିପୁର ଓଭରବ୍ରିଜ ଉପରେ ଏକ ଅଜଣାଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଡୁମାପଦା ଗ୍ରାମର ଗୋରା ମହାନ୍ତ ବୋଲି ଜଣାପଡିଛି। ଓଭରବ୍ରିଜ ଉପରେ ଗୋରା ଚାଲିକି ଯାଉଥିବା ବେଳେ ଏକ ଅଜଣାଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଜାତୀୟ ରାଜପଥ ବିଭାଗର ଆମ୍ବୁଲାନ୍ସରେ ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲେ ସୁଦ୍ଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ବେତନଟୀ ପୁଲିସ ଏକ ମାମଲା(ନଂ. ୩୨୦/୨୩)ରୁଜୁ କରି ତଦନ୍ତ କରୁଛି।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**
**QUOTATION CALL NOTICE**
No.:1495/CM Dated 26.08.2023
Sealed quotations are invited from eligible reputed intending registered firms / suppliers/ authorized dealers having valid GST registration, PAN and TIN No. for supply of Laboratory Equipments-Projector, Interactive Board, Computer, Printer and other Science Lab Equipments to the College. The quotation paper and other details should reach the Principal by speed post on or before 2 P.M. on 07.09.2023. The quotation will be opened before the Purchase Committee at 3.30 P.M. on 07.09.2023. The authority reserves the right to cancel the quotations without assigning any reason thereof. Visit Chikiti Mahavidyalaya website www.cmvedu.in for further details.
Sd./- Principal, Chikiti Mahavidyalaya, Chikiti, Ganjam

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1 No.CAD-1852
**TENDER CALL NOTICE**
Tender Notice No.4199/MKT/OSIC Dt.25.08.2023
OSIC invites sealed bids from experienced Manufacturers/ Suppliers /MSMEs/Dealers/ Distributors having due OEM authorization for supply & installation of Interactive Panel and other IT peripherals in High Schools (4th phase) Transformation of Ganjam District. The tender document along with detail specification and quantity of the item as well as the terms and conditions is available in OSIC website. Any corrigendum/ changes/ modifications will appear in OSIC Ltd. website: www.osicltd.in only and all the tenderers are to refer to above website.
Sd/-
GENERAL MANAGER(O)
OIPR-14073/11/0047/2324

## କଂଗ୍ରେସର ମିଶ୍ରଣ ପର୍ବ

ରୂପସା,୨୭।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ କୁଡ଼ିଆ ପଞ୍ଚାୟତରେ ରବିବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। କଂଗ୍ରେସ ନେତା ବିଜନ ନାୟକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ସମବାୟ ସମିତି ସଭାପତି ମନୋଜ କୁମାର ମହାନ୍ତି, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ଦାସ ଓ ଜିଲା କିଶାନ କଂଗ୍ରେସ ସଭାପତି ଜୟନ୍ତ କୁମାର ମହାପାତ୍ର ଯୋଗଦେଇ ଦଳକୁ ସଂଗଠିତ ତଥା ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଗତ ନିର୍ବାଚନରେ କୁଡ଼ିଆ ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ତଥା ଦକ୍ଷ ସଂଗଠକ ସଞ୍ଜୟ ଗିରି ଅନ୍ୟ ଦଳ ଛାଡ଼ି ପୁଣି କଂଗ୍ରେସ ଦଳରେ ଯୋଗଦେଇଥିଲେ। ତାଙ୍କ ମିଶ୍ରଣ ଯୋଗୁ ସମଗ୍ର ବ୍ଲକରେ କଂଗ୍ରେସ ଦଳ ଶକ୍ତିଶାଳୀ ହେବ ବୋଲି ନେତୃବୃନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଜଗଦୀଶ ସାହୁ, ଅରୁଣ ମଣ୍ଡଳ, କାର୍ଯ୍ୟକାରୀ ସଭାପତି ପ୍ରତାପ ବେହେରା, ପୂର୍ବତନ ୱାର୍ଡ ସଭ୍ୟ ନିରଞ୍ଜନ ରଙ୍ଗ, ଛାତ୍ର ନେତା ଅବିନାଶ ନାୟକ, ଜୀବନ ପ୍ରଧାନ, ଅଭୟ ଲେଙ୍କା ଓ ଉତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ମିଶ୍ରଣ ପର୍ବରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## ଶ୍ୟାମାପ୍ରସାଦଙ୍କ ଘର ବାହୁଡ଼ା


ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ବାଲେଶ୍ୱର,୨୭।୮(ମାନସ ବିଶ୍ୱାଳ)

**ଭାଜପାର ମିଶ୍ରଣ ପର୍ବ**

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା ବିଜେଡି ଛାଡ଼ି ଭାଜପାକୁ ବାହୁଡ଼ିଛନ୍ତି। ଦୀର୍ଘଦିନ ଧରି ସେ ଭାଜପା କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ। ଗତ ୨୦୧୯ ନିର୍ବାଚନ ସମୟରେ ଦଳୀୟ ପ୍ରାର୍ଥୀ ଭାବେ ଟିକଟ ନ ପାଇବାରୁ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ ବିଜେଡିରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା। ୪ବର୍ଷରୁ ଊର୍ଦ୍ଧ୍ୱ ବିଜେଡି ପାଇଁ କାର୍ଯ୍ୟ କରିଥିବା ବେଳେ କିଛିଦିନ ପୂର୍ବେ ବିଜେଡିରୁ ଇସ୍ତଫା ଦେଇଥିଲେ। ରବିବାର ପୁଣି ତାଙ୍କର ପୂର୍ବ ଦଳ ଭାଜପାରେ ଯୋଗଦେଇଛନ୍ତି।

ବାଲେଶ୍ୱର ସହର ସହଦେବଖୁଣ୍ଟା ସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ରବିବାର ଭାଜପା ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ସେ ଭାଜପାରେ ଯୋଗ ଦେଇଛନ୍ତି। ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବେହେରା ଏବଂ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

**ZILLA PARISHAD, DEOGARH**
**INVITATION OF OBJECTIONS FOR THE POST OF GRS**
Last date: 11.09.2023 No.CAD-182
This is for information of all the applicants applied for the post of 6 (Six) Nos. of Gram Rozgar Sevaks for Deogarh District on contractual basis vide Advt. No. 1098/ ZP/ Esst., Date 30.05.2023. The preliminary scrutiny of their applications have been done by the Scrutiny Committee and a Provisional Merit list along with a rejected list of candidates have been published & web hoisted in the district website www.deogarh.nic.in. The applicants can view the status of their application by browsing the above website and they may file their objection(s), if any, to the CDO-cum-EO, Zilla Parishad, Deogarh in writing or to the Zilla Parishad, Deogarh through E-mail to 'ori-ddeogarh@nic.in'. The last date for filing of objections by the candidates is **11.09.2023 by 5.00 P.M.** (email or offline).
Sd./- Collector-cum-CEO
Zilla Parishad, Deogarh
OIPR-19366/11/0007/2324

# ଡ୍ରାଇଭରଙ୍କୁ ଆକ୍ରମଣ କରି ଟ୍ରକ୍ ନେଇଗଲେ

ପାଟଣା,୨୭।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ୪୯ ନଂ. ଜାତୀୟ ରାଜପଥ ଖିରେଇଟାଙ୍ଗୀରି ଟୋଲ ଗେଟ୍ ନିକଟରୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଡ୍ରାଇଭରଙ୍କୁ ଆକ୍ରମଣ କରି ଟ୍ରକ୍ ନେଇଯାଇଛନ୍ତି। ଡ୍ରାଇଭର ବିହାର ରାଜ୍ୟ ଛପ୍ରା ଜିଲା ଭଗବାନ ବଜାର ଥାନା ସାରାନ ଗ୍ରାମର ହରିହର ପ୍ରସାଦ ଚୌରାସିଆ(୫୮)। ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ରବିବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବିପିଡି ଷ୍ଟିଲ ସିଣ୍ଡିକେଟ ପ୍ରାଇଭେଟ ଲିମିଟେଡ୍ ବାରିପଦାର ଟ୍ରକ୍ ନେଇ ଡ୍ରାଇଭର ସଦର ଥାନା ହଳଦୀଆଗୁଣାସ୍ଥିତ ଏମଏସ୍‌ପି ସ୍ପଞ୍ଜ ଆଇରନ କାରଖାନାକୁ ଯାଉଥିଲେ। ରାଜପଥ କଡ଼ରେ ଗାଡ଼ି ଛିଡ଼ା କରି ବିଶ୍ରାମ ନେଉଥିଲେ। ଏହି ସମୟରେ କେତେକ ଦୁର୍ବୃତ୍ତ ଗାଡ଼ିକୁ ନେବାକୁ ଉଦ୍ୟମ କରିଥିବା ବେଳେ ଡ୍ରାଇଭର ପ୍ରତିବାଦ କରିବାରୁ ଦୁର୍ବୃତ୍ତ ଲୁହା ରଡ଼୍‌ରେ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଟ୍ରକ୍ ନେଇଯାଇଥିଲେ। ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ଜଙ୍ଗଲ ସୁରକ୍ଷା ହୋଇପାରିଲେ ଆଦିବାସୀଙ୍କ ସଂସ୍କୃତି ସୁରକ୍ଷିତ ରହିବ



କର୍ମଶାଳାରେ ଉପସ୍ଥିତ ପ୍ରକଳ୍ପ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ

## ଜିଲାସ୍ତରୀୟ ଜଙ୍ଗଲ ଅଧିକାର କର୍ମଶାଳା

କେନ୍ଦୁଝର,୨୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜଙ୍ଗଲ ସୁରକ୍ଷା, ଜୀବିକା ପାଇଁ ଜଙ୍ଗଲ ଅଧିକାର ସମ୍ପର୍କିତ ଏକ ଜିଲାସ୍ତରୀୟ କର୍ମଶାଳା ଆଇଟିଡିଏ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ସହଯୋଗରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍‌ଇସି) ଏହି କର୍ମଶାଳା ଆୟୋଜନ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ମୋ ଜଙ୍ଗଲ ଜମି ଯୋଜନାକୁ ସଫଳ କାର୍ଯ୍ୟକାରୀ କରିବା ଏବଂ ଆଗାମୀ ୨ବର୍ଷ ମଧ୍ୟରେ କେନ୍ଦୁଝରରେ ଏହାର କିପରି ସଫଳ କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା।

କମ୍ୟୁନିଟି ରାଇଟ ଓ ଫରେଷ୍ଟ ରାଇଟ (ସିଆର-ସିଏଫଆର) ଦାବି ଗୁଡ଼ିକ ଉପରେ କାମ କରୁଥିବା ଏଫଇସି ସଂସ୍ଥା, ଜିଲାର ୭ ବ୍ଲକ୍‌ରେ ସିଏଫ୍‌ଆର ମ୍ୟାନେଜମେଣ୍ଟ ପ୍ଲାନ୍‌କୁ କାର୍ଯ୍ୟକାରୀ କରୁଛି। କର୍ମଶାଳାରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ତପନ କୁମାର ନାୟକ ରେକର୍ଡ ଅଫ ରାଇଟ (ଆରଓଆର) ସଂଶୋଧନ ଉପରେ କେନ୍ଦୁଝର ଜିଲା ଆଗୁଆ ବୋଲି କହିଥିଲେ। ସମୁଦାୟ ୩୬ ହଜାର ଆରଓଆର ସଂଶୋଧନ କରାଯାଇଥିବାବେଳେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଥିବା ଓ ଅନ୍ୟ କାରଣ ଯୋଗୁ ୨୦୦୦ ଆରଓଆର କେସ ସଂଶୋଧନ ହେବାକୁ ବାକି ରହିଛି ବୋଲି କହିଥିଲେ। ଅତିରିକ୍ତ ବନ ସଂରକ୍ଷକ ଅଶୋକ ଦାସ ଜଙ୍ଗଲ ଓ ପରିବେଶ ସୁରକ୍ଷା ହୋଇପାରିଲେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ହୋଇପାରିବ ବୋଲି କହିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ କହିଛନ୍ତି, ଜଙ୍ଗଲ ଜମି ଅଧିକାର ଦାବିକୁ ତର୍ଜମା କରି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ, ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି ବିଭିନ୍ନ ଆଦିବାସୀ ବିସ୍ଥାପନ ସମସ୍ୟା ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓସ୍କା, ଆରସିଡିସି, ପ୍ରକଳ୍ପର ପ୍ରତିନିଧି ଯୋଗଦେଇ ଜଙ୍ଗଲ ଗାଁ, ଜନଜାତିଙ୍କ ପୀଢ଼ ଅଧିକାର ସିଏଫ୍‌ଆର ପରିଚାଳନା କାର୍ଯ୍ୟକାରୀ କରିବା ଆଦି ଦାବି ଗୁଡ଼ିକ ସମାଧାନ କରିବା ଉପରେ ମତ ରଖିଥିଲେ। ଜିଲାସ୍ତରୀୟ କମିଟି ଏହାକୁ ନିୟମିତ ନିରୀକ୍ଷଣ କରିବ ବୋଲି ନିଷ୍ପତ୍ତି ହୋଇଛି। ଏଫ୍‌ଇସିର ପ୍ରଭାତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ ବିଶ୍ୱେଶ୍ୱରୀ



@ ସୀତାରାମ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମୃତ ମହିଳାଙ୍କ ନାଁରେ ଭତ୍ତା ଆତ୍ମସାତ, ଥାନାରେ ମାମଲା

ଜଳେଶ୍ୱର,୨୭।୮ (ରବିନାରାୟଣ ପାତ୍ର)

ଜଳେଶ୍ୱର ପୌରପାଳିକାର ଜଣେ ମହିଳାଙ୍କର ୨ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ହଡପ ହୋଇ ଆସୁଛି। ଏହା ଜଣା ପଡ଼ିବାପରେ ବିଭାଗୀୟ କର୍ମଚାରୀ ଓ ଭତ୍ତା ଟଙ୍କା ନେଇଥିବା ବ୍ୟକ୍ତିଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଜଳେଶ୍ୱର ପୌରପାଳିକାର ୧୬ନଂ. ୱାର୍ଡ ଅଧୀନ ଅଲାଲପୁରର ରାଧାରାଣୀ ଭଂଜ ଗତ ୧୭।୭।୨୧ରେ ମୃତ୍ୟୁବରଣ କରିଥିଲେ। ମତ୍ୟୁପରେ ପୁଅ ପୂର୍ଣ୍ଣଚନ୍ଦ୍ର ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥପ୍ରାପ୍ତ ହୋଇଥିଲେ। ତେବେ ଚଳିତମାସ ଭତ୍ତା ଦେବାବେଳେ ରାଧାରାଣୀଙ୍କ ନାମ ଡାକରା ହେବାରୁ ୨ବର୍ଷ ପୂର୍ବେ ତାଙ୍କର ମୃତ୍ୟୁ ହୋଇଥିବା ଗାଁ ଲୋକେ କହିଥିଲେ। ପ୍ରକାଶଯୋଗ୍ୟ, ଭତ୍ତା ଦେବାପାଇଁ ପୂର୍ବରୁ ପୌରପାଳିକାରୁ ଯୁଗଳ କିଶୋର ପଟ୍ଟନାୟକ ଆସୁଥିବା ବେଳେ ଗତ ୩ମାସ ତଳେ ତାଙ୍କର ଅନ୍ୟତ୍ର ବଦଳି ହୋଇଛି । ତାଙ୍କ ସ୍ଥାନରେ ଅନ୍ୟଜଣେ କର୍ମଚାରୀ ଆସିଥିବାରୁ ଘଟଣାଟି ପ୍ରଘଟ ହୋଇଥିଲା। ଏ ସମ୍ପର୍କରେ ଗତ ୧୮ ତାରିଖରେ ପୂର୍ଣ୍ଣଚନ୍ଦ୍ର ଥାନାରେ ଅଭିଯୋଗ କରିବାରୁ ଯୁଗଳ କିଶୋର ମୃତ ରାଧାରାଣୀଙ୍କ ଘରକୁ ଯାଇ ତାଙ୍କ ଭତ୍ତା ଆକାଉଣ୍ଟ ବହିଟି ପୁଅକୁ ମାଗିଥିଲେ। ତେବେ ଗତ ୧୭।୭।୨୧ଠାରୁ ଅଦ୍ୟାବଧି ରାଧାରାଣୀଙ୍କ ନାମରେ ମିଳୁଥିବା ଭତ୍ତା ଟଙ୍କା କର୍ମଚାରୀ ଯୁଗୋଳ କିଶୋର ଓ ଗାଁର ଅନ୍ୟଜଣେ ଯୁବକ ଆତ୍ମସାତ କରିଥିବା ପୂର୍ଣ୍ଣଚନ୍ଦ୍ର ଥାନାରେ ଅଭିଯୋଗ କରିବା ସହିତ ଜିଲାପାଳ, ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଶିକ୍ଷକ ସଂଘର ଜିଲାସ୍ତରୀୟ ସମ୍ମିଳନୀ

ବାରିପଦା,୨୭।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମୁର୍ଗାବାଡ଼ିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ୬୧୦+୪୮ ଯୋଜନାରେ ନିଯୁକ୍ତ ନନପ୍ଲାନ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ଅନ୍ୟତମ ଅତିଥି ଭାବେ ପ୍ରଫେସର ଡକ୍ଟର ସରୋଜ ନାୟକ, ପୂର୍ବତନ ବିଧାୟକ ଅଜେନ ମୁର୍ମୁ, ରାଜ୍ୟ ସଭାପତି ଶୁଶାନ୍ତ ଦାଶ, ରାଜ୍ୟ ସମ୍ପାଦକ ସୁଦୀପ୍ତ ମହାନ୍ତି, ଜିଲା ସଭାପତି ମଣ୍ଟୁ ସାସମଲ, ପ୍ରଧାନଶିକ୍ଷକ ହିମାଂଶୁ ଘଡ଼େଇ ଓ ନିରୋଦ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ୫ ଦଫା ସମ୍ବଳିତ ଏକ





ବୈଠକରେ ଉପସ୍ଥିତ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଅନ୍ୟମାନେ।

## ମନ୍ତ୍ରୀଙ୍କୁ ୫ଦଫା ଦାବିପତ୍ର ପ୍ରଦାନ

ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଅନୁଯାୟୀ, ଉକ୍ତ ୬୧୦+୪୮ ଯୋଜନାରେ ଅନ୍ତର୍ଭୁକ୍ତ ବିଦ୍ୟାଳୟ ଗୁଡ଼ିକ ସରକାରୀକରଣ କରି ପୂର୍ଣ୍ଣ ଅନୁଦାନ କରିବା, ଅନ୍ୟାନ୍ୟ ସରକାରୀ ଶିକ୍ଷକଙ୍କୁ ପ୍ରଦାନ ହେଉଥିବା ସୁବିଧା ସୁଯୋଗ ସମାନ ଭାବେ ଉକ୍ତ ଶିକ୍ଷକଙ୍କୁ ପେନସନ, ଗ୍ରାଚୁଇଟି ଆଦି ସୁବିଧା ସୁଯୋଗ ପ୍ରଦାନ, ସପ୍ତମ ବେତନ ଅନୁଯାୟୀ ଗତ ୨୧ମାସର ବକେୟା ଦରମା ରାଶି ପ୍ରଦାନ, ବିଦ୍ୟାଳୟ ମାନଙ୍କରେ ଖାଲିଥିବା ପଦବୀ ପୂରଣ, ଶିକ୍ଷକଙ୍କ କ୍ଷେତ୍ରରେ ପୁନର୍ବାସ ଯୋଜନା କାର୍ଯ୍ୟକାରୀ କରିବା ଆଦି ରହିଛି। ତେବେ ଉକ୍ତ ଯୋଜନାର ଶିକ୍ଷକ ଓ କର୍ମଚାରୀ ମାନଙ୍କ ଦାବି ଗୁଡ଼ିକ ବାବଦରେ ବିଚାର ବିମର୍ଶ କରି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରଜତ ପଣ୍ଡା ବେଦ ପାଠ କରିଥିବା ବେଳେ ନୟନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଓ ଜିଲା ବାହାରୁ ବହୁ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ।

# ୟୁଜେଏର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ





କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି ଓ ୟୁଜେଏର କର୍ମକର୍ତ୍ତାମାନେ।

ବାଲେଶ୍ୱର,୨୭।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଆଇଟିଆଇ ଛକ ସ୍ଥିତ ଉଦ୍ୟୋଗ ଭବନ ସମ୍ମିଳନୀ କକ୍ଷରେ ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ବାଲେଶ୍ୱର ଶାଖା ତରଫରୁ ରବିବାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବା ସହ ନୂତନ ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଛି।

ସଭାରେ ଜିଲା ସଭାପତି ଲୋକନାଥ ଦଳେଇ ଅଧ୍ୟକ୍ଷତା କରିଥିଲେ। ଖବରଦାତା ଗଗନ କୁମାର ସେଠୀ ଓ ଜୟଶ୍ରୀ ଦାସ ମିଳିତ ଭାବେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ବିଭୂତି ଭୁଷଣ କର ଯୋଗଦେଇ ଓଡ଼ିଆ ସାମ୍ବାଦିକତା ଜଗତ ପାଇଁ ବାଲେଶ୍ୱର ହେଉଛି ଏନ୍ତୁଡ଼ିଶାଳ। ଖବରଦାତାମାନଙ୍କ ବୃତ୍ତିଗତ ସମସ୍ୟା ଦୂର କରିବା ସଂଘର ଏକମାତ୍ର ଲକ୍ଷ୍ୟ। ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ, ବୀମାରେ ପିତାମାତାଙ୍କୁ ସାମିଲ କରିବା, ପ୍ରେସ ଏକାଡେମୀ ଗଠନ, ବେତନ ଆୟୋଗ ଗଠନ କରିବାକୁ ସେ ଦାବି ରଖିଥିଲେ। ଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ, ନିଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କୋଷାଧ୍ୟକ୍ଷ ରାଜନ ଚୌଧୁରୀ, ଭଦ୍ରକ ଜିଲା ସଭାପତି ରବିନାରାୟଣ ଖିଲାର ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ଅମର ଆଚାର୍ଯ୍ୟ, ନର ନାରାୟଣ ମିଶ୍ର, ପ୍ରସନ୍ନ କୁମାର ପାତ୍ର, ବିଜୟ କୁମାର ପ୍ରଧାନ, ଭଗବାନ ମହଲ, ଅକ୍ଷୟ କୁମାର ଜେନା, ଦେବେନ୍ଦ୍ର ନାୟକ, ରାଜେଶ କୁମାର ମହାକୁଡ଼ଙ୍କ ସମେତ ସମାଜସେବା କ୍ଷେତ୍ରରେ ସୁବାସିନୀ ଜେନା, ପୃଥୀରାଜ ପରିଡ଼ା, ବିକାଶ କୁମାର ନାୟକ, ଆଲୋକ କୁମାର ସାହୁ, ରଞ୍ଜନ କୁମାର ବେହେରା, ସର୍ବେଶ୍ୱର ଦାସ, ରଞ୍ଜନ କୁମାର ଦାସ, ମୀତା ପଟ୍ଟନାୟକ, ଭାଗବତ ଖିଲାର, ମଦନମୋହନ ମାଝୀ, ଦମୟନ୍ତୀ ରାଉତ, ବିଦ୍ୟାଧର ଖଟୁଆ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜାତୀୟ ପରିଷଦ ସଦସ୍ୟ ସତ୍ୟବ୍ରତ ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ଦାସ, ଅମର ଆଚାର୍ଯ୍ୟ, ଅଫିସ ସମ୍ପାଦକ ସୁଦୀପ୍ତ ମହାନ୍ତି, ଉପ-ସଭାପତି ଜୀବନ ବାରିକ, ଜୀବନ ଜ୍ୟୋତି ନାୟକ ଓ ସମ୍ପାଦକ ଭାବେ ସଞ୍ଜୟ ସାମନ୍ତଙ୍କ ନାମ ଘୋଷଣା କରାଯାଇଥିଲା।

# ନୂତନ କାର ଆସେସୋରିଜ୍ ଶୋ'ରୁମ 'ବି-ଟାଉନ' ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର,୨୭।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଉପକଣ୍ଠ କୁରୁଡାଠାରେ ବି-ଟାଉନ କାର ଆସେସୋରିଜ୍ ଶୋ'ରୁମ୍ ରବିବାର ଉଦଘାଟିତ ହୋଇଯାଇଛି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏହି ଶୋ'ରୁମ୍‌କୁ ଉଦଘାଟନ କରି ସମ୍ପ୍ରତି ସମସ୍ତେ ଚାକିରି ପଛରେ ଗୋଡ଼ାଉଥିବା ବେଳେ ଇଞ୍ଜିନିୟରିଂ ପାଠ ପଢ଼ି ମଧ୍ୟ ନିଜସ୍ୱ ଉଦ୍ୟମରେ ବ୍ୟବସାୟ ଆରମ୍ଭ କରିଥିବା ଯୁବ ଉଦ୍ୟୋଗୀ ହିତେଶ ମହାନ୍ତିଙ୍କୁ ସାଧୁବାଦ ଜଣାଇଥିଲେ। ତାଙ୍କର ଏହି ଉଦ୍ୟମର ଅଶେଷ ସଫଳତା କାମନା ସହିତ ଏହା ଅନ୍ୟମାନଙ୍କୁ ନିଶ୍ଚିତ ପ୍ରେରଣା ଦେବ ବୋଲି ଆଶାପ୍ରକାଶ କରିଥିଲେ।

ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ସେଣ୍ଟ୍ରାଲ ବ୍ୟାଙ୍କ ସ୍ଥାନୀୟ ଶାଖା ପରିଚାଳକ ଦୀନେଶ କୁମାର, ସାମାଜିକ କର୍ମୀ ଲଳିତ ପଟ୍ଟନାୟକ ଯୋଗଦେଇ ନୂତନ ଶୋ'ରୁମର ସଫଳତା କାମନା କରିଥିଲେ। କିଶୋର କୁମାର ଚୌଧୁରୀ, ସୁଜାତା ଚୌଧୁରୀ, ସୁଦେଶନା ମହାନ୍ତି, ଲାୟନ୍ସ କ୍ଲବ ସଦସ୍ୟ ପ୍ରକାଶ ମହାନ୍ତି, ଚିନ୍ମୟ ବିଶ୍ୱାଳ, ସଞ୍ଜୀବ ମିଶ୍ର, ପ୍ରୀତମ ପଟ୍ଟନାୟକ, ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଶୋ'ରୁମର ମୁଖ୍ୟ ସଂଘମିତ୍ରା ମହାନ୍ତି ଓ କିଶୋର ମହାନ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ପାଲାକାରଙ୍କ ପରଲୋକ

ବାସୁଦେବପୁର,୨୭।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁରର ବରିଷ୍ଠ ପାଲାକାର ଅମରନାଥ ନାୟକ(୮୨)ଙ୍କ ଶନିବାର ପରଲୋକ ହୋଇଛି। ଜଣେ ଦୃଷ୍ଟିବାଧିତ ପାଲାକାର ଭାବେ ସମଗ୍ର ରାଜ୍ୟ ଓ ରାଜ୍ୟ ବାହାରେ ତାଙ୍କର ବେଶ୍ ସୁଖ୍ୟାତି ଥିଲା। ତାଙ୍କ ଘର ବାସୁଦେବପୁର ବ୍ଲକର ପଦ୍ମପୁର ଗ୍ରାମରେ। ଦୂରଦର୍ଶନ ଓ ଆକାଶବାଣୀରେ ସେ ପାଲା ଗାଇ ସଫଳତା ହାସଲ କରିଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ତାଙ୍କର ମୃତ୍ୟୁ ଘଟିଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଶେଷଦର୍ଶନ କରିଥିଲେ। ବାସୁଦେବପୁର ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ସଭାପତି ଗାୟକ ସନାତନ ପୁରୀ, ସମ୍ପାଦକ କପିଳନାଥ ଶର୍ମା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଛାତ୍ରଙ୍କୁ ମାଡ଼ ମାରି ଅଡୁଆରେ ଶିକ୍ଷକ

ରୂପସା,୨୭।୮ (ବାଞ୍ଛାନିଧି ଦେ)

## ଥାନାରେ ଅଭିଯୋଗ

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ଫୁଲମଣି ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ତାପସ କୁମାର ଦାସ ଜଣେ ଛାତ୍ରକୁ ମାଡ଼ ମାରିଥିବା ବସ୍ତା ଥାନାରେ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ଗତ ୨୨ ତାରିଖରେ ଜଣେ ନବମ ଶ୍ରେଣୀର ଛାତ୍ର ଖେଳ ଛୁଟିରେ ଘରକୁ ଖାଇବାକୁ ଯାଇ ସ୍କୁଲରେ ବିଳମ୍ବରେ ପହଞ୍ଚିଥିଲେ। ବିଜ୍ଞାନ ଶିକ୍ଷକ ଜଣକ ଉକ୍ତ ଛାତ୍ରଙ୍କୁ ଗାଳିଗୁଲଜ କରି ବିଦ୍ୟାଳୟରେ ଆଣ୍ଠେଇ ଦେଇଥିଲେ ଏବଂ ଏକ ବାଉଁଶ ବାଡ଼ିରେ ମାଡ଼ ମାରିଥିବା ନେଇ ଛାତ୍ରଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆହତ ଛାତ୍ରଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଗତ ମାସରେ ଏହି ଶିକ୍ଷକ ଜଣକ ଅନ୍ୟ ଜଣେ ଛାତ୍ରଙ୍କୁ ମଥାନୀ ପ୍ରୋଜେକ୍ଟ ମାର୍କେଟ୍‌ରେ କୌଣସି କଥାକୁ କେନ୍ଦ୍ର କରି ନିର୍ଦ୍ଧୁମ୍ ମାଡ଼ ମାରିଥିଲେ। ଏ ସମ୍ପର୍କରେ ଛାତ୍ରଙ୍କ ବାପା ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିଚାଳନା କମିଟିକୁ ଜଣାଇବା ପରେ ଆପୋଷ ସମାଧାନ ହୋଇଥିଲା।

ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କୁ ପଚାରିବାରୁ ଉକ୍ତ ଘଟଣା ବାବଦରେ ସେ ଅବଗତ ନାହାନ୍ତି। ବସ୍ତା ବ୍ଲକ ବିଇଓ କିମ୍ବା ଦାୟିତ୍ୱରେ ଥିବା ଅନମ ଅଧିକାରୀମାନେ ତାଙ୍କୁ ଅବଗତ କରାଇ ନାହାନ୍ତି। ଘଟଣା ଜାଣିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଶ୍ରୀଅରବିନ୍ଦଙ୍କ ଦେହାବଶେଷର ସମାଧି ସ୍ଥାପନ ନିମନ୍ତେ ପ୍ରସ୍ତୁତି

ତେଲକୋଇ,୨୭।୮ ( ରଞ୍ଜିତ ବିଶ୍ୱାଳ)

କେନ୍ଦୁଝର ଜିଲା ତେଲକୋଇ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ଶ୍ରୀଅରବିନ୍ଦଙ୍କ ଦେହାବଶେଷର ସମାଧି ସ୍ଥାପନ ନିମନ୍ତେ ପ୍ରସ୍ତୁତି ବୈଠକ ଅଭିଭାବକ ଓ ପରିଚାଳନା ପରିଷଦ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅନୁଷ୍ଠାନର ପ୍ରିନ୍ସିପାଲ ବନ୍ଦିତା ମହାନ୍ତି ଦୁର୍ଗାସ୍ତୋତ୍ର ଓ ମା' ବହି ଆବୃତ୍ତି ସହିତ ପ୍ରାର୍ଥନା ଗାନ କରିଥିଲେ। ଆଇନଜୀବୀ ନାରାୟଣ ପ୍ରଧାନ ସଭାରେ ସଭାପତିତ୍ୱ କରି ସଭାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝରରୁ ନବ ଜୀବନ ଶିକ୍ଷା ସଂସଦର ଭାରପ୍ରାପ୍ତ ସଭ୍ୟ ରାଜନ ସାହୁ ଉପସ୍ଥିତ ରହି ଶ୍ରୀଅରବିନ୍ଦଙ୍କ ଜୀବନୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗୌରଚନ୍ଦ୍ର ପ୍ରଧାନ, ନୀଳମଣି ସାମଲ, ସମ୍ପାଦକ ଦୁର୍ଗାପ୍ରସାଦ ପଟ୍ଟନାୟକ କିପରି ପ୍ରଭୁଙ୍କ ଦିବ୍ୟକାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ ସେ ସମ୍ବନ୍ଧେ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ।

# ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୭।୮ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅନ୍ତର୍ଗତ ଅଶନା ପଞ୍ଚାୟତ ଫଟାଟାଙ୍ଗର ଗ୍ରାମରେ ରବିବାର ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର କୁଆଁର ମୁର୍ମୁଙ୍କ ପୁଅ ବିରସିଂ ମୁର୍ମୁ (୧୪)। ସେ ସକାଳ ୭ ଟା ଗୁହାଳ ଘର ନିକଟରେ ଖେଳୁଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରତିଭା ସମ୍ବର୍ଦ୍ଧନା ସହ ହେବ ବାଲୁକା ଚିତ୍ରକଳା ପ୍ରଦର୍ଶନୀ



ପ୍ରସ୍ତୁତି ବୈଠକରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଧାମନଗର,୨୭।୮ (ସନ୍ତୋଷ କୁମାର ମହାପାତ୍ର)

## ଲୁଣିଆ ଗୁଳିକାଣ୍ଡର ୮୧ତମ ଶହୀଦ ଦିବସ ପ୍ରସ୍ତୁତି

ଭାରତଛାଡ଼ ଆନ୍ଦୋଳନରେ ସଂଘଟିତ ଲୁଣିଆ ଗୁଳିକାଣ୍ଡର ୮୧ତମ ଶହୀଦ ଦିବସ ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଧାମନଗର ବ୍ଲକର ଶହୀଦନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଶହୀଦ ସ୍ମୃତି କମିଟି ସଭାପତି ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଆସନ୍ତା ସେପ୍ଟେମ୍ବର ୨୨ରେ ଶହୀଦ ଦିବସ ପାଳନ ଉପଲକ୍ଷେ ପାରମ୍ପରିକ କାର୍ଯ୍ୟକ୍ରମ ସହ ବାଲୁକା ଚିତ୍ରକଳା ପ୍ରଦର୍ଶନୀ, ପ୍ରତିଭା ସମ୍ବର୍ଦ୍ଧନା, ଚାରାରୋପଣ ଓ ରକ୍ତଦାନ ଶିବିର କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି।

କମିଟି ଉପସଭାପତି ଖବରଦାତା ବୈକୁଣ୍ଠ ନାଥ ସାହୁ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦିକା ଶହୀଦନଗର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ପ୍ରହାଣ, ଚତୁର୍ଭୁଜ ନାୟକ, ସତ୍ୟନାରାୟଣ ପଣ୍ଡା, ନିରଞ୍ଜନ ସେନାପତି, ଶ୍ରୀକାନ୍ତ ନାୟକ, ଚିତ୍ରଶିଳ୍ପୀ ଜୟନ୍ତ ନାୟକ, ରାଜେନ୍ଦ୍ର ସାହୁ, ଧରଣୀଧର ପାଢ଼ୀ, ସୁଧାକର ସାହୁ, ରାମଚନ୍ଦ୍ର ମିଶ୍ର, ଦେବାଶିଷ ନାୟକ, ପ୍ରଶାନ୍ତ ନାୟକ, ରବିନାରାୟଣ ପଣ୍ଡା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଅଜୟ କୁମାର ବଳ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସାଧାରଣ ସମ୍ପାଦକ ପୂର୍ବତନ ସରପଞ୍ଚ ଗୟାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫୦ ୟୁନିଟ୍ ରକ୍ତ ସଂଗୃହୀତ

ଯୋଡ଼ା,୨୭।୮ (ମାନସ ମହାନ୍ତି)

## ଜୀବନ ବିନ୍ଦୁ ରକ୍ତଦାନ ଶିବିର

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ୨୮ ନଂ. ଜୋନ ବିଲେଇପଦାଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ସମୁଦାୟ ୧୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଦେଓଝର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ଯୋଡ଼ା ବ୍ଲକ ଛାତ୍ର ବିଜେଡି ସଭାପତି ଯୁଧିଷ୍ଠିର ପଲେଇ, ପୂର୍ବତନ ସରପଞ୍ଚ ମଙ୍ଗଲ ମୁଣ୍ଡା, ଲକ୍ଷ୍ମଣ ବାରିକ, ରଞ୍ଜିତ ବାରିକ, ପିଣ୍ଟୁ ପଣ୍ଡା, ବିରସିଂ ମୁଣ୍ଡା, ଅର୍ଜୁନ ମୁଣ୍ଡା, ରୋହିତ ବେହେରା, କ୍ଷେତ୍ର ମହାନ୍ତ, ବିରାଜ ବେହେରା ଓ ବିଲେଇପଦା ଅଞ୍ଚଳର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଜୁ ଜନତା ଦଳର ଯୁବ, ଛାତ୍ର, ମହିଳା ଓ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୮ ନଂ. ଯୋନ୍‌ରେ ଅବସ୍ଥିତ ଦେଓଝର, ବିରିକଳା, ଅଂସେଇକଳା, କଣ୍ଡ୍ରା, ଚମକପୁର ଇତ୍ୟାଦି ପଞ୍ଚାୟତରୁ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ରକ୍ତଦାତାଙ୍କୁ ବିଜୁ ପରିବାର ପକ୍ଷରୁ ସମ୍ମାନ ସ୍ୱରୂପ ମାନପତ୍ର ସହିତ ପୁରସ୍କାର କରାଯାଇଥିଲା। କାର୍ଯ୍ୟକ୍ରମରେ ଜୀବନ ବିନ୍ଦୁ ଜିଲା ସଂଯୋଜକ ପ୍ରଦୀପ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ରକ୍ତ ଭଣ୍ଡାରର କର୍ମକର୍ତ୍ତା ଓ ବାସୁଦେବପୁର ଡାକ୍ତରଖାନାର ଡାକ୍ତର ସାହାଯ୍ୟ କରିଥିଲେ।



ରକ୍ତଦାତାଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ୨ କିନ୍ନର ମୃତ

**ଲହୁଣୀପଡ଼ା,୨୭।୮(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନଂ. ଜାତୀୟ ରାଜପଥର ରଜାମୁଣ୍ଡା ବାଇପାସ୍ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇୱା ସ୍କୁଟିକୁ ଧକ୍କା ଦେବାରୁ ୨ଜଣ କିନ୍ନରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଥ କିଷାନ(୨୩) ଓ ରାଜା ପାତ୍ର(୨୧)। ପୋଲିସ ମୃତଦେହ ଜବତ କରି ରବିବାର ଲହୁଣୀପଡ଼ା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଅନ୍ୟ ଜଣେ କିନ୍ନର ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଏଥିସହ ହାଇୱା ଓ ସ୍କୁଟିକୁ ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ସବୁଦିନ ପରି ରଥ, ରାଜା ଓ ଉମାଶଙ୍କର ନାୟକ ରାଜାମୁଣ୍ଡା ବାଇପାସ୍‌ର ବିଭିନ୍ନ ଛକରେ ଗାଡ଼ି ଡ୍ରାଇଭରଙ୍କଠାରୁ ଟଙ୍କା ଆଦାୟ କରି ଶନିବାର ବିଳମ୍ବିତ ରାତିରେ ଏକ ସ୍କୁଟି (ନଂ. ଓଡି୧୪ୱାଇ/୭୫୪୮)ରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ହାଇୱା (ନଂ.ଓଡି୧୪ଟି/୩୦୨୫) ପଛପଟୁ ଦ୍ରୁତଗତିରେ ଆସୁଥିଲା। ଏହା ଜାଣିପାରି ସ୍କୁଟି ପଛରେ ବସିଥିବା କିନ୍ନର ଉମାଶଙ୍କର ଡେଇଁ ପଡ଼ିଥିଲେ। ଫଳରେ ଅନ୍ୟ ୨ଜଣ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡ଼ିଯିବାରୁ ତାଙ୍କ ଉପରେ ହାଇୱା ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ କିନ୍ନର ରଥ ଓ ରାଜାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ଲହୁଣୀପଡ଼ା ଥାନା ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଥିଲା।

### ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ବଣାଇଁ, ୨୭।୮(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲା ବଣାଇଁ ସ୍ୱତନ୍ତ୍ର ଉପ କାରାଗାରରେ ଜଣେ ବିଚାରାଧୀନ ବନ୍ଦୀଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଲଙ୍ଗଳକଟା ଗ୍ରାମର ଶୁକରାମ ମୁଣ୍ଡା(୨୮)। ପୋଲିସ ମୃତଦେହ ଜବତ କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଛି। ପରିବାର ଲୋକ ଆସିଲେ ସୋମବାର ବ୍ୟବଚ୍ଛେଦ କରାଯିବ। ପୋଲିସ ଏହି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରବିବାର ମଧ୍ୟାହ୍ନଭୋଜନ ପରେ ଶୁକରାମ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶୁକରାମ ୨୦୨୦ରେ ହତ୍ୟା ଅଭିଯୋଗରେ ସ୍ୱତନ୍ତ୍ର ଉପ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ସେତେବେଳେ ହତ୍ୟାକାଣ୍ଡ ପାଇଁ ତାଙ୍କ ନାମରେ କେ. ବଲାଙ୍ଗ ପୋଲିସ ଏକ ମାମଲା (ନଂ.୪୬/୨୦) ରୁଜୁ କରି କୋର୍ଟ ଚାଲାଣ କରିଥିଲା।

### ମାଡ଼ିଗଲା ହାଇୱା: ୨୩ ଛେଳି ମୃତ



**କାମାକ୍ଷାନଗର, ୨୭।୮(ସୁଧୀର ପରିଡ଼ା):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ସିଆରିମାଳିଆ ଛକରେ ରବିବାର ମଧ୍ୟାହ୍ନରେ ଏକ ହାଇୱା ଧକ୍କାରେ ୨୩ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଦୁର୍ଯ୍ୟୋଧନ ନାଏକ ନିଜର ଏବଂ ପାଖ ପଡ଼ୋଶୀଙ୍କ ଛେଳିପଲ ଜଙ୍ଗଲରୁ ଚରାଇ ଫେରୁଥିଲେ। ଛେଳିପଲ ରାସ୍ତା ପାର୍ ହେଉଥିବାବେଳେ କାମାକ୍ଷାନଗରରୁ ତାଳଚେର ଯାଉଥିବା ଏକ ହାଇୱା (ନଂ. ଓଡ଼ି ୨୨ ଏଲ୍ ୧୮୧୧) ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ୨୩ଟି ଛେଳିଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ କାମାକ୍ଷାନଗର ଥାନା ଏସ୍ଆଇ ସ୍ୱର୍ଣ୍ଣପ୍ରଭା ସାହୁ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱା ମାଲିକ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଟାଙ୍ଗୀରୁ ଟାଙ୍ଗୀକୁ ଯୋଡ଼ିବ ରିଂରୋଡ୍

## ଢେଙ୍କାନାଳକୁ ଶିକ୍ଷାର ହବ୍ କରିବାକୁ ପ୍ରୟାସ ଚାଲିଛି

**ଢେଙ୍କାନାଳ ଅଫିସ, ୨୭।୮(ରତନ ନାୟାର)**

ଗମନାଗମନ ସୁବଧା ପାଇଁ ଖୋର୍ଦ୍ଧା ଜିଲା ଟାଙ୍ଗୀରୁ ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଓ କପିଳାସ ଦେଇ କଟକ ଜିଲା ଟାଙ୍ଗୀ ପର୍ଯ୍ୟନ୍ତ ଏକ ରିଂରୋଡ୍ ତିଆରି କରାଯିବ। ଏହି କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏହି ସଡ଼କ ନିର୍ମାଣ ହେଲେ କଟକ ସମେତ ଭୁବନେଶ୍ୱର ଏୟାରପୋର୍ଟକୁ ଯିବା ପାଇଁ ସୁବିଧା ହେବ। ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଏକ ହେରିଟେଜ୍ ଶିକ୍ଷାନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଢେଙ୍କାନାଳରେ ଏଭଳି ଅନେକ ପୁରାତନ ସ୍କୁଲ ରହିଛି। ଏଗୁଡ଼ିକର ବିକାଶ ହେବା ନିହାତି ଜରୁରୀ। ଜିଲାକୁ ଶିକ୍ଷା ହବ୍‌ରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରହିଛି।

ରବିବାର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଛନ୍ତି। 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜନ୍ମମାଟି ହରେକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଗ୍ରାମବାସୀ ତାଙ୍କୁ ଲିଖିତ ଭାବେ ଜଣାଇଥିଲେ। ବିପଦସଙ୍କୁଳ ଅବସ୍ଥାରେ ଥିବା ଶିକ୍ଷାନୁଷ୍ଠାନ ଛାତ, ପାଚେରି ନ ଥିବା ଆଦି ସମ୍ପର୍କରେ ଅବଗତ କରାଇଥିଲେ। ଏ ସଂକ୍ରାନ୍ତରେ ସେ ଜିଲାପାଳ ସରୋଜ ସେଠୀଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। ସମଗ୍ର ଶିକ୍ଷା କିମ୍ବା ଅନ୍ୟ କୌଣସି ଯୋଜନାରେ ଉକ୍ତ ଶିକ୍ଷାନୁଷ୍ଠାନର ଉନ୍ନତୀକରଣ କରିବା ଲାଗି ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି। ଦେଶ ପାଇଁ ଜୀବନ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ଗ୍ରାମରେ ଥିବା ଶିକ୍ଷାନୁଷ୍ଠାନ ଅବହେଳିତ ହୋଇରହିବା ଦୁଃଖର ବିଷୟ। ଏଥିପ୍ରତି ଯତ୍ନବାନ ହେବାକୁ ସେ ଜିଲାପାଳଙ୍କୁ କହିଛନ୍ତି। ଏହି ଅବସରରେ ସେ ଜିଲାରେ କାର୍ଯ୍ୟରତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପ୍ରସଙ୍ଗ ଉଠାଇଥିଲେ। ପ୍ରକଳ୍ପ ମଞ୍ଜୁର ପୂର୍ବରୁ ପଲ୍ଲିସଭା କରାଯାଉଛି କି ନାହିଁ ସେ ବିଷୟରେ ପଚାରିଥିଲେ। ୨ଜଣ ମହିଳା ପ୍ରାପ୍ୟ ପାଇ ନ ଥିବା ନେଇ ଧର୍ମେନ୍ଦ୍ର ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଅନ୍ୟପଟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ଜିଲାପାଳ କେନ୍ଦ୍ରମନ୍ତ୍ରୀଙ୍କୁ କହିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

# ପୁଅ ମୃତଦେହ ଅଟୋରେ ନେଲେ ଅସହାୟ ବାପା



ଅଟୋରେ ମୃତଦେହ ନେଉଛନ୍ତି।

- ମିଳିଲାନି ମହାପ୍ରୟାଣ ଗାଡ଼ି
- ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା

**କେନ୍ଦୁଝର,୨୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ସାପ କାମୁଡ଼ାରେ ମୃତ ଶିଶୁପୁତ୍ରକୁ ନେବା ପାଇଁ ଶବବୁହା ଗାଡ଼ି(ମହାପ୍ରୟାଣ) ନପାଇ ଗରିବ ଅସହାୟ ବାପା ଏକ ଅଟୋରେ ଘରକୁ ନେବାକୁ ବାଧ୍ୟ ହୋଇଛନ୍ତି। ଏଭଳି ଘଟଣା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଯାଇଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଅନେକ ସମୟରେ ଗରିବ ଲୋକମାନେ ଭଡ଼ା ଗାଡ଼ି କରି ଖର୍ଚ୍ଚାନ୍ତ ହେଉଛନ୍ତି।

ସୂଚନା ଅନୁଯାୟୀ, ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳସୁମଠ ଗ୍ରାମର ଭୀମସେନ ଜୁଆଙ୍ଗଙ୍କ ପୁଅ ଗଣେଶ୍ୱର (୧୨)ଙ୍କୁ ଶନିବାର ବିଳମ୍ବିତ ରାତିରେ ବିଷଧର ସାପ କାମୁଡ଼ିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରବିବାର ସକାଳ ୮ଟା ୩୫ରେ ଚିକିତ୍ସାଧୀନ ଅବସ୍ଥାରେ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଟାଉନ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କେନ୍ଦୁଝରଠାରୁ ତଳସୁମଠ ୩୦ କି.ମି.ଦୂର ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୃତଦେହ ଘରକୁ ପଠାଇବା ବ୍ୟବସ୍ଥା କରାଯାଇ ନ ଥିଲା। ଶେଷରେ ଗରିବ ବାପା ବାଧ୍ୟ ହୋଇ ଏକ ଅଟୋରେ ୧୧୦୦ ଟଙ୍କା ଭଡ଼ାରେ ପୁଅର ମୃତଦେହକୁ ଗାଁକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ସିଡିଏମ୍‌ଓ କେ.ସି. ପୃଷ୍ଟି କହିଛନ୍ତି, ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବୁଝି ପଦକ୍ଷେପ ନିଆଯିବ। ଏଭଳି ଘଟଣା ଯେପରି ଆଗକୁ ନ ଘଟେ ସେଥିପ୍ରତି ଗୁରୁତ୍ୱ ଦିଆଯିବ।



ଜାଗା ମିଶନରେ ଜମି ପଟ୍ଟା ନ ମିଳିବାରୁ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସରକାରୀ ବାସଭବନ ଆଗରେ ରବିବାର ବାଲିଆପଟା ବସ୍ତିବାସିନ୍ଦାଙ୍କ ବିକ୍ଷୋଭ ପ୍ରଦର୍ଶନ।

# 'ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି ସରକାର'

**ପୁରୀ,୨୭।୮(ଅଜିତ ମହାନ୍ତି)**

ଓଡ଼ିଶା ଅମଲା ସଂଘର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପୁରୀ ଜିଲା ଶାଖା ସଭାପତି ମହେନ୍ଦ୍ର କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇଥିଲେ। ସଂଘର ରାଜ୍ୟ ସଭାପତି ଜ୍ଞାନରଞ୍ଜନ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାସ୍ତରୀୟ ଅମଲାଙ୍କ ମୂଳ ଦରମା ଲେଭଲ-୯ (୪୨୦୦) ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାନ୍ତି ବୋଲି ସଂଘ କର୍ମକର୍ତ୍ତା କହିଥିଲେ। ସରକାର ଯଦି ଆସନ୍ତା ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ଅମଲାମାନଙ୍କ ଦାବି ପୂରଣ ନ କରନ୍ତି ତେବେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସାଧାରଣ ସମ୍ପାଦକ ତରାସିଆ କହିଛନ୍ତି। ମାନସ ପାତ୍ର ଓ ରାଜେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚୋରାମଦ ବେପାରୀଙ୍କୁ ଧରିବାକୁ ଆସି ମାଡ଼ ଖାଇଲା ପୋଲିସ

- ହୋଟେଲରେ ଚାଲିଥିଲା ମଦ କାରବାର
- ମହିଳାଙ୍କ ସମେତ ୪ ଗିରଫ

**ଭଦ୍ରକ,୨୭।୮(ସନାତନ ରାଉତ)**

ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ଇଚ୍ଛାପୁର ବଜାରରେ ଥିବା ମାମାଲି ହୋଟେଲରେ ଚୋରା ମଦ କାରବାର ଚାଲିଥିବା ବେଳେ ବେପାରୀଙ୍କୁ ଧରିବାକୁ ଆସି ପୋଲିସକୁ ମାଡ଼ ଖାଇବାକୁ ପଡ଼ିଛି। ଶନିବାର ରାତିରେ ଏହି ଘଟଣା ଘଟିଥିବା ବେଳେ ପୋଲିସ ରବିବାର ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଉକ୍ତ ହୋଟେଲ ଓ ଏହାର ଆଖପାଖରେ ଦୀର୍ଘଦିନ ଧରି ଚୋରା ଦେଶୀ ଓ ବିଦେଶୀ ମଦ କାରବାର ଚାଲୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ। ଶନିବାର ସେଠାରେ ମଦ ବିକ୍ରି ହେଉଥିବା ଖବର ପାଇ ସାବରଙ୍ଗ ପୋଲିସ ପହଞ୍ଚିଥିବା ବେଳେ ହୋଟେଲ ମାଲିକଙ୍କ ପରିବାରର ୩ଜଣ ମିଶି ସବ୍‌ଇନ୍‌ସ୍ପେକ୍ଟର ରାମଚନ୍ଦ୍ର ପାତ୍ରଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେମାନଙ୍କ ଆକ୍ରମଣରେ ରାମଚନ୍ଦ୍ରଙ୍କ ସହ ଏସ୍ଆଇ ଜୟଶ୍ରୀ ଦାସ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାରେ ଦୁଇଟି ମାମଲା (ନଂ.୧୮୦/୨୩ ଓ ୧୮୧/୨୩) ରୁଜୁ କରି ସାବରଙ୍ଗ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମନ୍ମଥ ନାୟକ, ରାଜଲକ୍ଷ୍ମୀ ନାୟକ, ଶମ୍ଭୁନାଥ ଜେନା ଓ ପବିତ୍ର ଜେନା। ଫେରାର ଥିବା ଅନ୍ୟ ଜଣଙ୍କୁ ଧରିବା ପାଇଁ ପୋଲିସ ଖୋଜାଖୋଜି ଜାରି ରଖିଛି।

# ଡମ୍ଫର ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଭୋଗରାଇ,୨୭।୮(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଛକଠାରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଡମ୍ଫର ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଡମ୍ଫର ଚାଳକ ଓ ହେଲ୍‌ପର ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।

ସୂଚନା ଅନୁଯାୟୀ, ରସଲପୁର ଗ୍ରାମର ଶିକ୍ଷକ ଅଚିନ୍ତ ଦାସ ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ଅଙ୍ଗନୱାଡ଼ି କର୍ମୀ ଜୟଶ୍ରୀ ଏକ ସ୍କୁଟିରେ କଳାହି ଗ୍ରାମସ୍ଥିତ ଶ୍ୱଶୁରଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ଯୋଗଦେବାକୁ ଯାଉଥିବା ବେଳେ ଥାନାଛକ ଦେଉଳା ରାସ୍ତା ଫଳ ଦୋକାନଠାରେ ବାଲି ବୋଝେଇ ଏକ ଡମ୍ଫର ଦ୍ରୁତ ଗତିରେ ଆସି ସ୍କୁଟିକୁ ପଛ ପଟୁ ଧକ୍କା ଦେଇଥିଲା। ସ୍କୁଟି ଆରୋହୀ ଅଚିନ୍ତ ଛିଟିକି ପଡ଼ି ଡମ୍ଫର ପଛ ଚକାତଳେ ଚାପି ହୋଇଯାଇଥିଲେ। ତାଙ୍କ ବାମ ହାତ ସମ୍ପୂର୍ଣ୍ଣ କଟି ଯାଇଥିବାବେଳେ ଜୟଶ୍ରୀ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ଉଭୟଙ୍କୁ ଭୁବନେଶ୍ୱର ନିଆଯାଉଥିବା ବେଳେ ବସ୍ତା ବାଇପାସ୍‌ଠାରେ ଜୟଶ୍ରୀଙ୍କର ମୃତ୍ୟୁ ହୋଇଥିଲା। ଜୟଶ୍ରୀ ରସଲପୁର(କ) ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀ ଥିବାବେଳେ ତାଙ୍କ ଅଚିନ୍ତ ପନ୍ତେଇ ଏମ୍ଇ ସ୍କୁଲରେ ଶିକ୍ଷକ ଅଛନ୍ତି। ଜୟଶ୍ରୀଙ୍କ ମୃତ୍ୟୁରେ ବାପଘର ଓ ଶ୍ୱଶୁର ଘର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଭୋଗରାଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଦୁର୍ଘଟଣା ଘଟାଇଥିବା ଡମ୍ଫର।

# ଶ୍ରୀଜୀଉଙ୍କ ପାଇଁ ଶ୍ରୀକ୍ଷେତ୍ରରୁ ଆସିଲା ପାଟରାଖୀ

## ଶ୍ରୀବଳଦେବଜୀଉ ମନ୍ଦିର

**କେନ୍ଦ୍ରାପଡ଼ା, ୨୭।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ଓ ଶ୍ରୀ ଜଗନ୍ନାଥଜୀଉଙ୍କ ଗହ୍ମା ପୂର୍ଣ୍ଣିମୀ ଉତ୍ସବ ନିମନ୍ତେ ପୁରୀ ଶ୍ରୀକ୍ଷେତ୍ରର ସାନ ଭଉଣୀ ମା' ସୁଭଦ୍ରା ଠାକୁରାଣୀଙ୍କ ନିକଟରୁ ୨ଟି ପାଟରାଖୀ ଆସି ରବିବାର ପହଞ୍ଚିଛି। ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଗରାବଡ୍ଡୁ, ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦର ଅନ୍ତର୍ଜାତୀୟ ସଭାପତି ଦୁର୍ଯ୍ୟୋଧନ ସାହୁ, ଆଦିତ୍ୟ ବାହିନୀ ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ, ଡ. ତିରୁପତି ପାଣିଗ୍ରାହୀ ପ୍ରମୁଖ ଏହି ପାଟରାଖୀ ନେଇ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସେବାୟତଙ୍କୁ ଅର୍ପଣ କରିଛନ୍ତି। ଏ ସମ୍ପର୍କରେ ବାଡଗ୍ରାହୀ ଦାସମହାପାତ୍ର କହିଛନ୍ତି, ପ୍ରତିବର୍ଷ ଶ୍ରୀଜୀଉଙ୍କ ପାଇଁ ସାନ ଭଉଣୀ ମା' ସୁଭଦ୍ରା ଦଶମୀ ତିଥିରେ ପାଟରାଖୀ ପଠାଇଥାନ୍ତି। ଏହି ପାଟରାଖୀ ପ୍ରଦାନ ସମୟରେ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ, ବଳଭଦ୍ର ସେନାର ସଭାପତି ପୁପୁନ କୁମାର ସ୍ୱାଇଁ, ନିରଞ୍ଜନ ମେକାପ, ସୁପରଭାଇଜର ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀବଳଦେବ ଜୀଉ ମନ୍ଦିର କର୍ମକର୍ତ୍ତାଙ୍କୁ ରାଖୀ ହସ୍ତାନ୍ତର କରାଯାଉଛି।

# ଦେବୀ ନଦୀରେ ଭାସିଗଲେ କାଉଡ଼ିଆ

**ବାଲିକୁଦା,୨୭।୮(ତାପସ ସ୍ୱାଇଁ)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅପଣ୍ଡରା ପଞ୍ଚାୟତର ସାଲବେଲପୁର ଦେବୀ ନଦୀ ଘାଟରେ ରବିବାର ଅପରାହ୍ନରେ ଜଣେ କାଉଡ଼ିଆ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଉଛନ୍ତି କୂଳସାହି ଗ୍ରାମର ବାନାମ୍ବର ଓଝାଙ୍କ ପୁଅ ଚନ୍ଦନ(୧୮)। ସଙ୍ଗେ ସଙ୍ଗେ ବାଲିକୁଦା ଦମକଳକେନ୍ଦ୍ର ଓଡ୍ରାଫ ଟିମ୍ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନାହିଁ। ଚନ୍ଦନ ଭୁବନେଶ୍ୱରରେ ରହି ଏକ ଦୋକାନରେ କାଠ କାମ କରନ୍ତି। ଶ୍ରାବଣ ମାସର ଶେଷ ସୋମବାରରେ ଜଳାଭିଷେକ କରିବା ପାଇଁ ଶନିବାର ଘରକୁ ଆସିଥିଲେ। ରବିବାର ଅପରାହ୍ନରେ ଗାଁ ପିଲାଙ୍କ ସହ ସ୍ଥାନୀୟ ସାଲବେଲପୁର ନଦୀ ଘାଟକୁ ପାଣି ଉଠାଇବାକୁ ଯାଇଥିଲେ। ମାତ୍ର ନଦୀ ଭିତରକୁ ଯାଇ ଆଉ ଫେରି ନ ଥିଲେ। ଏହି ଘାଟରେ ସାଧାରଣତଃ ବହୁତ କମ୍ ପାଣି ଥାଏ। କିନ୍ତୁ ଚଳିତବର୍ଷ ବନ୍ୟା ପାଣି ପ୍ରବାହିତ ହୋଇ ସେହି ଜାଗାକୁ ଖାଲ କରିଦେଇଛି। ଫଳରେ ଚନ୍ଦନ ପାଣି ଉଠାଇବାକୁ ଯାଇ ନଦୀର ସେହି ଖାଲରେ ଖସି ପାଣିସ୍ରୋତରେ ଭାସିଯାଇଥିଲେ। ଖବରପାଇ ବାଲିକୁଦା ଆଇଆଇସି ସଲିଳ କୁମାର ପ୍ରଧାନ ଅନନ୍ତପୁର ଫାଣ୍ଡି ଅଧିକାରୀ ବୈକୁଣ୍ଠ ଘଡେଇ ପହଞ୍ଚି ତଦନ୍ତ କରିଛନ୍ତି।

# ମୁଭ୍ ଫର୍ ଆର୍ଥ ବିଶ୍ୱ ସାଇକେଲ ଯାତ୍ରା

## ୩୧ ସହରରୁ ଯୋଗଦେଲେ ୨ହଜାର ସାଇକେଲ ଚାଳକ




ରସୁଲଗଡ଼ ବ୍ରହ୍ମେଶ୍ୱର କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରୁ ବାହାରିଥିବା ସାଇକେଲ ଯାତ୍ରା।

**ଭୁବନେଶ୍ୱର,୨୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୁଇଚ ଅନ୍ ଫାଉଣ୍ଡେଶନ ପକ୍ଷରୁ 'ମୁଭ ଫର୍ ଆର୍ଥ ଗ୍ଲୋବାଲ ସାଇକେଲ ଯାତ୍ରା' ରବିବାର ଆୟୋଜିତ ହୋଇଥିଲା। ଏହି ବିଶ୍ୱସ୍ତରୀୟ ସାଇକେଲ ଯାତ୍ରାରେ ଓଡିଶା ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲା। ରସୁଲଗଡ଼ ବ୍ରହ୍ମେଶ୍ୱର କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରୁ ବାହାରିଥିବା ଏହି ଯାତ୍ରାରେ ୩୧ଟି ସହରରୁ ୨ହଜାର ସାଇକେଲ ଚାଳକ ସାମିଲ ହୋଇ ପୃଥିବୀ ପାଇଁ ସାଇକେଲ ଚାଳନା କରିଥିଲେ। ସାମୂହିକ ଜଳବାୟୁ କାର୍ଯ୍ୟ ପାଇଁ ବିଭିନ୍ନ ସଙ୍ଗଠନ, ବିଦ୍ୟାଳୟ, ଏନ୍‌ଜିଓ, କଲେଜ ଏବଂ ସମ୍ପ୍ରଦାୟର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ବିନୟ ଜାଜୁ କହିଛନ୍ତି, ପ୍ରକୃତ ପରିଣାମ ସହିତ ଜଳବାୟୁ ପରିବର୍ତ୍ତନ ହେଉଛି ଏକ ବିଶ୍ୱ ସଙ୍କଟ। ଏହାର ସମାଧାନ ପାଇଁ ଆମେ ବିଶ୍ୱର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ପାଖକୁ ଚିଠି ଲେଖିଛୁ। ମୁଭ ଫର୍ ଆର୍ଥ ସମ୍ପ୍ରଦାୟ ଏହି ପରିବର୍ତ୍ତନକୁ ସମର୍ଥନ କରିବାକୁ ପ୍ରତିବଦ୍ଧ। ସମସ୍ତେ ଏକାଠି ହୋଇ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଉଚିତ। ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଯେପରିକି ଅନୈତିକ ବର୍ଷା, ମରୁଡ଼ି, ଅତ୍ୟଧିକ ଉତ୍ତାପ ଏବଂ ବନ୍ୟା ଯାହା ଦେଶର ଜଳ, ଶକ୍ତି ଏବଂ ଖାଦ୍ୟ ନିରାପତ୍ତାକୁ ଚ୍ୟାଲେଞ୍ଜ ଦେବା ଆରମ୍ଭ କରିଛି। ବଢୁଥିବା ବିଶ୍ୱର ଜନସଂଖ୍ୟା ସହିତ ଏହା ବିଶ୍ୱର ଦାରିଦ୍ର ଏବଂ କ୍ଷୁଧା ବୃଦ୍ଧି କରିବ, ଯେଉଁଥିରେ ମହିଳା ଏବଂ ଶିଶୁ ଅଧିକ ପ୍ରଭାବିତ ହେବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିହାରରେ ନିର୍ବାଚନ ଲଢ଼ିବ ଏଏପି

**ନୂଆଦିଲ୍ଲୀ,୨୭।୮**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆଗାମୀ ବିହାର ବିଧାନସଭା ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛି। ଫଳରେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ନିମନ୍ତେ ବିରୋଧୀ ଏକତା ଇଣ୍ଡିଆ ବ୍ଲକ୍‌କୁ ଆଉ ଏକ ଧକ୍କା ଲାଗିଛି। ୨୦୨୫ରେ ବିହାର ବିଧାନସଭା ନିର୍ବାଚନ ହେବ। ନୂଆଦିଲ୍ଲୀରେ ଏଏପି ସାଧାରଣ ସମ୍ପାଦକ ସନ୍ଦିପ୍ ପାଠକ ବିହାର ଏଏପି ନେତା ଓ କର୍ମୀମାନଙ୍କ ସହ ବୈଠକ କରି ନିର୍ବାଚନରେ ଲଢ଼ିବା ନେଇ ଯୋଜନା ପ୍ରସ୍ତୁତ କରିଥିଲେ। ବିହାରରେ ଦଳକୁ ଅଧିକ

### ଇଣ୍ଡିଆ ମେଣ୍ଟକୁ ଆଉ ଏକ ଝଟକା

ମଜଭୁତ୍ କରିବା ଉପରେ ସନ୍ଦିପ୍ ଗୁରୁତ୍ୱ ଦେଇଥିଲେ। ଦିଲ୍ଲୀ ବିଧାୟକ ତଥା ବିହାର ପ୍ରଭାରୀ ଅଜେଶ ଯାଦବ ବୈଠକରେ ଉପସ୍ଥିତ ଥିଲେ। କଳୁଷିତ ରାଜନୀତି ଯୋଗୁ ବିହାର ଆଗକୁ ବଢ଼ି ନ ପାରିବା ଦୁର୍ଭାଗ୍ୟଜନକ। ରାଜ୍ୟରେ ପରିବର୍ତ୍ତନ ଆଣିବା ଲାଗି ଏଏପି ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ସେଥିପାଇଁ ଦଳକୁ ସୁଦୃଢ଼ କରିବା ଜରୁରୀ ବୋଲି ସନ୍ଦିପ୍ କହିଥିଲେ।


ଝାଡ଼ଖଣ୍ଡର ଗିରିଡ଼ିହ ଜିଲା ଅନ୍ତର୍ଗତ ଡୁମ୍‌ରୀ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜେଏମ୍‌ଏମ୍ ପ୍ରାର୍ଥିନୀ ବେବି ଦେବୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରବିବାର ପ୍ରଚାର କରୁଛନ୍ତି।

# ପ୍ରିୟଙ୍କା ବାରାଣସୀରୁ ପ୍ରାର୍ଥୀ ହେବା ୟୁପି କଂଗ୍ରେସ ଚାହେଁ

**ଲକ୍ଷ୍ନୌ,୨୭।୮**

ବାରାଣସୀରୁ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କୁ ପ୍ରାର୍ଥୀ କରାଇବା ଲାଗି ଉତ୍ତରପ୍ରଦେଶ କଂଗ୍ରେସ କମିଟି ଆଗ୍ରହୀ। ଏନେଇ ଖୁବ୍‌ଶୀଘ୍ର ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଏକ ପ୍ରସ୍ତାବ ପଠାଯିବ ବୋଲି ଦଳର ନବନିଯୁକ୍ତ ରାଜ୍ୟ ସଭାପତି ଅଜୟ ରାୟ ରବିବାର କହିଛନ୍ତି। ରାୟ ୨୦୧୪ ଏବଂ ୨୦୧୯ରେ ବାରାଣସୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୦୯ରେ ସେ ବରିଷ୍ଠ କଂଗ୍ରେସ ନେତା ମୁରଲୀ ମନୋହର ଜୋଷୀଙ୍କଠାରୁ ହାରିଯାଇଥିଲେ। ପ୍ରିୟଙ୍କା ରାଜ୍ୟର ଯେକୌଣସି ଆସନରୁ ଚାହିଁଲେ ଲଢ଼ିପାରିବେ। ତାଙ୍କୁ ଜିତାଇବା ପାଇଁ ଆମେ ସମସ୍ତ ଶକ୍ତି ଲଗାଇ ସାହାଯ୍ୟ କରିବୁ। ତେବେ ସେ ବାରାଣସୀରୁ ନିର୍ବାଚନ ଲଢ଼ିବା ଆମର ଇଚ୍ଛା ବୋଲି ୟୁପି ପିସିସି ସଭାପତି କହିଛନ୍ତି। ବାରାଣସୀ ପ୍ରଧାନମନ୍ତ୍ରୀ ମୋଦିଙ୍କର ନିର୍ବାଚନମଣ୍ଡଳୀ। ଏଠାରୁ ସେ କ୍ରମାଗତ ୨ ଥର ଜିତିଥିବାବେଳେ ୨୦୨୪ରେ ମଧ୍ୟ ଉକ୍ତ ଆସନରୁ ପ୍ରାର୍ଥୀ ହେବେ। ମୋଦିଙ୍କ ବିରୋଧରେ ଏକ ପ୍ରଭାବଶାଳୀ ପ୍ରାର୍ଥୀ ଦେବାକୁ ରାଜ୍ୟ କଂଗ୍ରେସ ଚାହେଁ ବୋଲି ଅଜୟ ରାୟ କହିଛନ୍ତି।

# 'ଇଣ୍ଡିଆ'ର ମୁମ୍ବାଇ ବୈଠକ ଉପରେ ନଜର

**ନୂଆଦିଲ୍ଲୀ,୨୭।୮(ପି.ଟି.)**

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ପରବର୍ତ୍ତୀ ବୈଠକ ଆସନ୍ତା ୩୧ରୁ ମୁମ୍ବାଇରେ ହେବ। ୨ ଦିନିଆ ଏହି ବୈଠକରେ ବିରୋଧୀ ମେଣ୍ଟ ଏକ ଲୋଗୋ ଉନ୍ମୋଚନ କରିବ। ଆସନ ବୁଝାମଣା ସମେତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରଣନୀତି ପ୍ରସ୍ତୁତି ପାଇଁ ନେତାମାନେ ଆଲୋଚନା କରିବେ। ୨୬ ଦଳକୁ ନେଇ ଗଠିତ 'ଇଣ୍ଡିଆ' ଏହି ବ୍ଲକ୍‌ରେ ଆଉ କେତୋଟି ଆଞ୍ଚଳିକ ଦଳକୁ ମୁମ୍ବାଇ ସଭା ବେଳେ ସାମିଲ କରିବା ପାଇଁ ଯୋଜନା ଚାଲିଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୂଚନା ଦେଇଛନ୍ତି। କଂଗ୍ରେସ ମୁଖପାତ୍ର ଆଲୋକ ଶର୍ମା କହିଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବୈଠକରେ ଯୋଗଦେଇଥିବା ୩୮ ଦଳ ମଧ୍ୟରୁ ୪-୫ ଦଳ ଇଣ୍ଡିଆରେ ସାମିଲ ହେବା ପାଇଁ ଯୋଗାଯୋଗରେ ଅଛନ୍ତି। ଏହି ବୈଠକରୁ ରାଜ୍ୟର ଭାଜପା-ଶିବସେନା ସରକାର ପାଇଁ ଏକ ସନ୍ଦେଶ ଯିବ ବୋଲି କୁହାଯାଉଛି।

# ବଦନାମ ନେତାଙ୍କୁ ନିଜ ଦଳରେ ନେବାକୁ ଉତ୍ସାହିତ କରନ୍ତୁ ମନମୋହନ: ବିଜେଡି

**ଭୁବନେଶ୍ୱର, ୨୭।୮(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶାସକ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମକୁ ଟାର୍ଗେଟ କରିଛନ୍ତି। ଏହାପରେ ବିଭିନ୍ନ ଘଟଣାବଳୀର ଉଦାହରଣ ଦେଇ ଶାସକ ଦଳ ପଲଟା ମନମୋହନଙ୍କୁ ସମାଲୋଚନା କରିଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମନମୋହନ ସାମଲ ବୋଧେ ଭୁଲି ଯାଇଛନ୍ତି ଯେ ୪.୫ କୋଟି ଲୋକ ରାଜ୍ୟ ଭାଜପାକୁ ପରାସ୍ତ କରିଛନ୍ତି। ଗତବର୍ଷ ଜିଲା ପରିଷଦ ନିର୍ବାଚନରେ ଓଡ଼ିଶାର ୩୦ ଜିଲାରେ ବିଜେଡିର ବିଜୟ ନିଶ୍ଚିତ କରିଛନ୍ତି। ଗୋଟିଏ ପରେ ଗୋଟିଏ ଜାତୀୟ ସର୍ଭେ କହୁଛି, ନବୀନ ପଟ୍ଟନାୟକ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଭାରତର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଅଟନ୍ତି। ବିଜେଡି ଉପରେ ଓଡ଼ିଶା ଲୋକଙ୍କ ଭରସା ରହିଛି। ରାଜ୍ୟ ଭାଜପା ନେତାଙ୍କ ଏପରି ବିବୃତ୍ତି ପାଇଁ ସେମାନେ ତାଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଆମେ ମଧ୍ୟ ଜାଣୁ ମନମୋହନ ତାଙ୍କ ଦଳରେ ଏଭଳି ଲୋକଙ୍କୁ ସାମିଲ ପାଇଁ ଉଦ୍ୟମ ଚଳାଇଛନ୍ତି ଯେଉଁମାନେ ଲୋକ ବିରୋଧୀ କାର୍ଯ୍ୟକଳାପ ତଥା ଲୋକଙ୍କୁ ଚାକିରି ପ୍ରତିଶ୍ରୁତି ଏବଂ ପ୍ରତାରଣା କରି ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ଆଗାମୀ ନିର୍ବାଚନ ପାଇଁ ବଦନାମ ନେତାଙ୍କୁ ନିଜ ଦଳରେ ନେବାକୁ ଉତ୍ସାହିତ କରନ୍ତୁ ଏବଂ ପରାଜୟର ଧାରାକୁ ପୁନରାବୃତ୍ତି କରନ୍ତୁ ବୋଲି ଲେନିନ କହିଛନ୍ତି।

# ଭୁବନେଶ୍ୱର ଏମ୍‌ପିଙ୍କ କାର୍ଯ୍ୟକ୍ରମକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର, ୨୭।୮ (ସୁନିତ୍ ମିଶ୍ର)**

- ■ ରାସ୍ତାରୋକୋ ଲାଗି ଗୁଣ୍ଡାଙ୍କୁ ବ୍ୟବହାର କରିବାକୁ ବିଜେଡି ଯୋଜନା କରୁଛି: ଅପରାଜିତା
- ■ ଯେଉଁମାନେ ଭୋଟ୍ ଦେଲେ ସେମାନେ କିପରି ଅପରାଧୀ ହେଲେ: ଶ୍ରୀମୟୀ
- ■ ଲୋକ ପ୍ରତିନିଧିମାନଙ୍କୁ ଆଉ ସୁରକ୍ଷା ମିଳୁନି: ସମୀର

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ପ୍ରସଙ୍ଗରେ ବିଜେଡି ଓ ଭାଜପା ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଅପରାଜିତା ରବିବାର ୪ଟି ସ୍ଥାନକୁ ଗସ୍ତ କରିବେ ବୋଲି ଗତ ଶନିବାର ସୂଚନା ଦେବା ସହିତ ତାଙ୍କ ସୁରକ୍ଷା ବ୍ୟବସ୍ଥା ଠିକ୍ ଭାବେ କରିବା ଲାଗି ଖୋର୍ଦ୍ଧା ଜିଲାପାଳଙ୍କୁ ଏକ ଚିଠି ଲେଖିଥିଲେ। ଏହାପରେ ହ୍ୱାଟ୍ସଆପ୍ ମିଡିଆ ଗ୍ରୁପ୍ ଜରିଆରେ ସେ ସୂଚନା ଦେଇଥିଲେ ଯେ, ଜୟଦେବ ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ ତାଙ୍କ କାର୍ଯ୍ୟକ୍ରମରେ ବ୍ୟାହତ କରିବା ପାଇଁ ବିଜେଡି ରାସ୍ତାରୋକୋ କରିବା ଲାଗି ଗୁଣ୍ଡା ବ୍ୟବହାର କରିବାକୁ ଯୋଜନା କରିଛି। ତେଣୁ ତାଙ୍କ କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ ଯଥାଚିତ୍ ପୋଲିସ୍ କର୍ମଚାରୀ ଠିକ୍ ସମୟରେ ପହଞ୍ଚିବେ ବୋଲି ସେ ଆଶା କରୁଥିବା ଉଲ୍ଲେଖ କରିଥିଲେ।

ଅପରାଜିତାଙ୍କ ଏହି କଥାକୁ ବିଜେଡି ଟାର୍ଗେଟ କରିଛି। ଐକ ଖବରଦାତା ସମ୍ମିଳନୀ ଜରିଆରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି ଯେ, ଗତ ସାଢେ ୪ ବର୍ଷ ମଧ୍ୟରେ ଅପରାଜିତା ଷଡଙ୍ଗୀ ଭୁବନେଶ୍ୱରର ଲୋକଙ୍କ ସହ ନାହାନ୍ତି କି ସେମାନଙ୍କ ଚିନ୍ତା ଏବଂ ବିକାଶ ପାଇଁ ଗୋଟିଏ ମିନିଟ୍ ସମୟ ମଧ୍ୟ ଦେଇନାହାନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଅପରାଜିତା ସାଢେ ୪ ବର୍ଷ ପରେ ନିର୍ବାଚନମଣ୍ଡଳୀ ପରିଦର୍ଶନ କରୁଛନ୍ତି। ଏତେଦିନ ହେଲା କେଉଁଠାରେ ଥିଲେ ବୋଲି ମହିଳା ଓ ପୁରୁଷମାନେ ତାଙ୍କୁ ପ୍ରଶ୍ନ ପଚାରୁଛନ୍ତି। ଭୁବନେଶ୍ୱରର ମହିଳା ତଥା ସାଧାରଣ ଲୋକଙ୍କ ପ୍ରକୃତ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ସେ କହୁଛନ୍ତି, ଭୁବନେଶ୍ୱର ଲୋକେ ତଥା ଅପରାଧୀମାନେ ତାଙ୍କ ସଭାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି। ଅପରାଜିତାଙ୍କୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ, ଗତ ନିର୍ବାଚନରେ ଯେଉଁମାନେ ତାଙ୍କୁ ଭୋଟ୍ ଦେଇ ଏମ୍‌ପି କରିଥିଲେ, ସେମାନଙ୍କୁ ଆଜି ସେ ଅପରାଧୀ ବୋଲି କହୁଛନ୍ତି। ନିଜ ଏମ୍‌ପିଙ୍କୁ ସାମାନ୍ୟ ପ୍ରଶ୍ନ ପଚାରିଥିବା ରାଜଧାନୀ ଲୋକଙ୍କୁ ଅପରାଜିତା ଯେଭଳି ଅପରାଧୀ ବୋଲି କହୁଛନ୍ତି, ଆମେ ତାହାକୁ ନିନ୍ଦା କରୁଛୁ ବୋଲି ଶ୍ରୀମୟୀ କହିଛନ୍ତି।

ଅନ୍ୟପକ୍ଷରେ ଅପରାଜିତାଙ୍କ ଜୟଦେବ ନିର୍ବାଚନମଣ୍ଡଳୀ ଗସ୍ତ ପୂର୍ବରୁ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏମ୍‌ପିଙ୍କ କାର୍ଯ୍ୟକ୍ରମରେ ଏଭଳି ବିରୋଧକୁ ପୁଣିଥରେ ଟାର୍ଗେଟ କରିଛି ଭାଜପା। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଓଡ଼ିଶାରେ କିଛିଦିନ ହେଲା ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଲୋକ ପ୍ରତିନିଧିମାନେ କୁଆଡେ ଗଲେ ତାଙ୍କୁ ଆଉ ସୁରକ୍ଷା ମିଳୁନାହିଁ। କିଛିଦିନ ହେବ ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ବିଜେଡି ନେତାମାନେ ପ୍ରାୟୋଜିତ ଭାବେ ଦିବାଲୋକରେ ରାସ୍ତାରେ ଅଟକାଇବା ପାଇଁ ଚେଷ୍ଟା କରିବା ସହିତ ଜନକଲ୍ୟାଣକାରୀ କାର୍ଯ୍ୟକୁ ବାଧା ଦେଉଛନ୍ତି। ତାହା ଠିକ୍ ନୁହେଁ। ଏହା ଗଣତନ୍ତ୍ର ପାଇଁ ବିପଦ। ରାଜଧାନୀର ଏମ୍‌ପିଙ୍କୁ ଯଦି ଏଭଳି ବ୍ୟବହାର କରାଯାଉଛି ତେବେ ସାଧାରଣ ଲୋକମାନେ କେମିତି ଅବସ୍ଥାରେ ଅଛନ୍ତି ତାହା ଜଣାପଡୁଛି ବୋଲି ସମୀର କହିଛନ୍ତି।


CLASSIFIED DISPLAY

TARIFF — MORE SPACE ' SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ଜଗନ୍ନାଥ ଫାଇନାନ୍ସ କମ୍ପାନୀ

ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ, ବ୍ୟବସାୟ ଋଣ, ସମ୍ପତ୍ତି ଋଣ, ଶିକ୍ଷା ଋଣ
କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



ଜିତେନ୍ଦ୍ର ସାହୁ, (୧୮ବର୍ଷ), ପି: ରବିନ୍ଦ୍ର ସାହୁ, ବଙ୍କସାହି (୧୦ ନଂ.ୱାର୍ଡ), ଥାନା/ଜିଲ୍ଲା: ଭଦ୍ରକ, +୨ କଳା ପ୍ରଥମ ବର୍ଷ ଛାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବନ୍ତ। ରଙ୍ଗ: ଶ୍ୟାମଳ, ପତଳା, ଉଚ୍ଚତା: ୫ଫୁଟ ୬ଇଞ୍ଚ। ଗତ ୨୪।୦୮।୨୦୨୩ରିଖ ଗୁରୁବାର ସକାଳେ ସାଇକେଲ ଯୋଗେ ଘରୁ କେଉଁଆଡ଼େ ଚାଲି ଯାଇଛନ୍ତି। ଗଲାବେଳେ ଖଇରିଆ ଟି-ସାର୍ଟ ଓ କଳା ରଙ୍ଗର ଫୁଲ୍ ପ୍ୟାଣ୍ଟ ପିନ୍ଧିଥିଲେ। କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ନିମ୍ନ ମୋବାଇଲ ନଂରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ- ୭୦୬୪୫୮୮୫୬୨, ୮୧୪୪୪୯୭୪୨୦. ଧ-୧୧୬୫

# Classified Everyday

0674-2580101, 2549949


REAL ESTATE

**SALE**

2BHK, 3BHK Flat for immediate sale at Bomikhal, Bhubaneswar, contact 9337892385. D-1163

Duplex sale at- Bhubaneswar, @ 57Lakhs only. Contact- 9777433701. D-75206

**Residential plot near Jatani Gate BBSR Khordha NH, 30ft. Road, Gharabari plot with Electrification. Immediate possession and Registration. 8926250060.** D-1147

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

ଭୁବନେଶ୍ୱର ପାହାଳ **NH** ପାଖରେ **developed yellowzone plot boundary, road,** ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। **6370354458.** D-75207

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

2BHK / 3BHK flat available at Jatani Gate with affordable price, near to handover position, all Banks, BDA, RERA Approved. Booking contact: 9776776644, 9776406644, 9337244895. D-74574

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038



Full body massage in homely atmosphere in all therapy. Mob: 8114881641. D-73441

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75030


**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Spa Kerala body Massage only best Therapist @699/- Bhubaneswar. 9337672475. D-1132

**Newly open Spa positively health benefits with expert therapist. 9938843929.** D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Home service full body massage only for female 7853083303. D-1157



To-Let for Office/ Bank/ Software Company 1600sqft., 1st Floor of Canara Bank, Main road Mancheswar Branch, Mancheswar Industrial Estate, Bhubaneswar Parking Area available. Contact: 9437089135/ (9437089136), 7978704884/ 7978010045. D-1110

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Garg Foundation is pleased to announce Vidyakiran Award for Girls. For eligibility criteria, write to contact.adoreindia@gmail.com or call- 9830017246. D-1160

**AFFIDAVIT**

I, RABINDRA KUMAR PANDA, S/O BIJAY PANDA, At-L2/196, Rourkela, Sundargarh, Odisha,769015 declare vide affidavit dated 17.06.2023 at Bhubaneswar that now onwards I shall be known as RABINDRA PANDA for all future purposes. D-1159

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ସମିତି ସଭ୍ୟା, ସଭ୍ୟଙ୍କ ଦାବି ନ ମାନିଲେ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ: କଂଗ୍ରେସ

**ଭୁବନେଶ୍ୱର, ୨୭।୮(ସୁନିତ୍ ମିଶ୍ର)**

ଓଡ଼ିଶାର ୬୭୦୦ ପଞ୍ଚାୟତରେ ନିର୍ବାଚିତ ସମିତି ସଭ୍ୟା, ସଭ୍ୟମାନେ ସେମାନଙ୍କ ପ୍ରତି ଅନ୍ୟାୟର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ୧୨ ଦଫା ଦାବି ପୂରଣ ନ ହେଲେ ସେମାନେ ସମୂହ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ଏହି ଆନ୍ଦୋଳନକୁ ଓଡ଼ିଶା ପଞ୍ଚାୟତିରାଜ ସଙ୍ଗଠନ ସମର୍ଥନ ଜଣାଇଛି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି, ସମିତି ସଭ୍ୟା,ସଭ୍ୟମାନେ ସ୍ଥାନୀୟ ଜନପ୍ରତିନିଧି। ମାତ୍ର ସେମାନଙ୍କୁ ବିଜେଡି ସରକାର ହତାଦର କରୁଛି। ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସେମାନଙ୍କୁ ସମ୍ପୃକ୍ତ କରାଯାଉ ନାହିଁ। ଏହା ସମ୍ବିଧାନ ବିରୋଧୀ, ପଞ୍ଚାୟତ ବ୍ୟବସ୍ଥା ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରତି ଉପହାସ। ସମିତି ସଭ୍ୟା, ସଭ୍ୟମାନେ ଯେଉଁ ଦାବି ସରକାରଙ୍କ ପାଖରେ ଉପସ୍ଥାପିତ କରିଛନ୍ତି ତାହା ଯୁକ୍ତିଯୁକ୍ତ ଏବଂ ସରକାର ସେସବୁକୁ ତୁରନ୍ତ ମାନିନେବା ଉଚିତ। ତାହା ନ ହେଲେ ରାଜ୍ୟ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସୁଦର୍ଶନ କହିଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରଫେସର ଜେ.କେ. ରାଓ**
(ଅଧ୍ୟକ୍ଷ ୟୁଥ୍ କ୍ରିକେଟ୍ କ୍ଲବ୍)
ଜନ୍ମ: ୧୫।୦୫।୧୯୫୪ ସ୍ଥାନ: ନାରାୟଣପାଟଣା
ତିରୋଧାନ: ୧୮।୦୮।୨୦୨୩
ସ୍ଥାନ: ଏମ୍: ୫୮ (ବାସନ୍ତୀ କଲୋନୀ, ରାଉରକେଲା)

ରାଓ ସାର୍ ଆପଣଙ୍କ ଅକାଳ ବିୟୋଗରେ ଆମ୍ଭର ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ୍ ପରିବାର ଶୂନ୍ୟ ଓ ମ୍ରିୟମାଣ। ଆମ କ୍ଲବ୍‌ର ପରିବାର ବର୍ଗଙ୍କ ପ୍ରତି ଆପଣଙ୍କର ଯେଉଁ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ, ଆଦର୍ଶ ମନୋଭାବ ସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଏକାଦଶାହ ଉପଲକ୍ଷେ କ୍ଲବ୍ ପକ୍ଷରୁ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କ ଆତ୍ମା ଯେଉଁଠି ବି ଥାଉ ଶାନ୍ତି, ସମୃଦ୍ଧି ଓ ନିରାମୟରେ ଥାଉ ଏତିକି ଆମ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ପକ୍ଷରୁ କାମନା। (ଆପଣଙ୍କ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ୍‌ର ସମସ୍ତ ପରିବାରବର୍ଗ ପକ୍ଷରୁ ଅନେକ ଅନେକ ଶ୍ରଦ୍ଧାଞ୍ଜଳି)

ଧ-୧୧୫୮

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ପୂର୍ଣ୍ଣିମା ମିତ୍ର**
୪୮୧/୫୨୫୭ ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ତିରୋଧାନ: ତା୧୮।୦୮।୨୦୨୩

ପ୍ରିୟ ଭଉଣୀ, ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅଫେରା ରାଇଜକୁ ଚାଲିଗଲ। ଦେଖୁ ଦେଖୁ ଏଗାର ଦିନ ବିତିଗଲା। ତୁମେ ଯେଉଁଠି ଅଛ ଶାନ୍ତିରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରି କେନ୍ଦ୍ରାପଡ଼ାର ପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶୋକସନ୍ତପ୍ତ: ଭାଇ, ଭାଉଜ, ଭଉଣୀ, ଭିଣୋଇ, ପୁତୁରା, ପୁତୁରାବୋହୂ ବୃନ୍ଦ

ଧ-୧୧୬୪

# ଓଡ଼ିଶା ରିୟଲ ଇଷ୍ଟେଟ କ୍ଷେତ୍ରରେ ରୂପାନ୍ତରଣ

ଭୁବନେଶ୍ୱର,୨୭।୮ (ଅଭୟ ଦାଶ)



ରିୟଲଟର୍ସ ଆସୋସିଏଶନ ଅଫ ଓଡ଼ିଶା ବା ଓଆରଏ ଏବଂ ଏନ୍‌ଏଆର ଇଣ୍ଡିଆର ମିଳିତ ସହଯୋଗରେ ଏକ ଅଭିନବ କର୍ମଶାଳା 'ଇନୋଭେଟ ଆରଇ ୨୦୨୩' ନିକଟରେ ଆୟୋଜିତ ହୋଇଯାଇଛି। ବିଶେଷ କରି ଏହି ରିୟଲ ଇଷ୍ଟେଟ କର୍ମଶାଳା ଅନେକ ଶିଳ୍ପବିଶେଷଜ୍ଞଙ୍କୁ ନେଇ ଶିଳ୍ପର ଆଗାମୀ ସୁଯୋଗଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ଏକ ଦିନିକିଆ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏପରିକି ଉକ୍ତ କର୍ମଶାଳାରେ ପାରମ୍ପରିକ ରିୟଲ ଇଷ୍ଟେଟ ମାନଦଣ୍ଡକୁ ଚ୍ୟାଲେଞ୍ଜ କରୁଥିବା ଏକ ଅଗ୍ରଣୀ ପ୍ରଦର୍ଶନୀ ଥିଲା ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଫଳରେ ଏହା ଓଡ଼ିଶାର ରିୟଲ ଇଷ୍ଟେଟ ଲ୍ୟାଣ୍ଡ ସ୍କେପର ବିବିଧକରଣ ଏବଂ ନୂତନତ୍ୱର ଏକ ନୂଆ ଯୁଗ ପ୍ରଦର୍ଶନ କରିଥିଲା। ସେହିଭଳି ଓଡ଼ିଶାର ଅଗ୍ରଣୀ ରିୟଲିଟି କ୍ଷେତ୍ର ଉପରେ ଧ୍ୟାନ ଦେଇ ଉକ୍ତ ପ୍ରଦର୍ଶନୀରେ ରିୟଲ ଇଷ୍ଟେଟରେ ନିବେଶ ଓ ବିକାଶ ଲାଗି ଏକ ପ୍ରମୁଖ ବଜାର ଭାବେ ରାଜ୍ୟର ବିକଶିତ ଆଭିମୁଖ୍ୟକୁ ବିସ୍ତୃତ ଭାବେ ଆଲୋକିତ କରାଯାଇଛି। ସେହିପରି ଘରୋଇ ଜମି (ରେସିଡେନସିଆଲ ପ୍ରପର୍ଟି) ପାଇଁ ବଢୁଥିବା ଚାହିଦା ପୃଷ୍ଠଭୂମି ମଧ୍ୟରେ ରିୟଲ ଇଷ୍ଟେଟ ଅଫରଗୁଡ଼ିକର ସଂପ୍ରସାରଣ, ବାଣିଜ୍ୟିକ ସ୍ଥାନ, ଆତିଥ୍ୟ, ଲଜିଷ୍ଟିକ ପାର୍କ, ରିଟେଲ, ଗୋଦାମ ଘର, ଆଇଟି ପାର୍କ, ଡାଟା ସେଣ୍ଟର ଓ ଅନ୍ୟାନ୍ୟ ସ୍ଥାନ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ଉକ୍ତ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା। ଏ ସମ୍ପର୍କରେ ଏନଏଆର-ଇଣ୍ଡିଆର ଉପସଭାପତି ସନ୍ତୋଷ ଅଭଲାକି କହିଥିଲେ, ଭାରତରେ ଦ୍ରୁତ ପରିବର୍ତ୍ତନ ଧାରା ଜାରି ରହିଥିଲାବେଳେ ଭୁବନେଶ୍ୱରରେ ମଧ୍ୟ ଇନୋଭେଟ ଆରଇର ଗୁରୁତ୍ୱ ବୃଦ୍ଧି ପାଇଛି। ବିଗତ ବର୍ଷ ଗୁଡ଼ିକରେ ରିୟଲ ଇଷ୍ଟେଟ ମାର୍କେଟର ଦ୍ରୁତ ଅଭିବୃଦ୍ଧି ଏହାର ପ୍ରମାଣ ବୋଲି ସେ ମତପ୍ରକାଶ କରିଛନ୍ତି। ସେହଭଳି ଓଆରଏର ସଭାପତି ଶେଖ ମିରାଜୁଲ ହକ କହିଛନ୍ତି, ସ୍ମାର୍ଟସିଟି ପଦକ୍ଷେପ ଭଳି ଓଡ଼ିଶା କିପରି ଅତ୍ୟାଧୁନିକ ସମାଧାନର ଉପଯୋଗ କରୁଛି,ଏପରିକି ସେଠାରେ ଦ୍ରୁତ ପରିବର୍ତ୍ତନଶୀଳ ରିୟଲ ଇଷ୍ଟେଟ ଦୃଶ୍ୟପଟ ମଧ୍ୟରେ ଉନ୍ନତ ଜ୍ଞାନକୌଶଳ ଏକତ୍ରିତ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶ ହୋଇପାରିଥିବାରୁ ଆମେ ଗର୍ବିତ ମନେ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉକ୍ତ କର୍ମଶାଳାରେ ରିୟଲ ଇଷ୍ଟେଟ ଶିଳ୍ପ ସହ ଜଡିତ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ବିଭିନ୍ନ ସଂସ୍ଥାରୁ ଯୋଗ ଦେଇଥିଲେ।

## ବନ୍ଧନ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ୍

ଭୁବନେଶ୍ୱର,୨୭।୮

ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍‌ର ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ବନ୍ଧନ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫଣ୍ଡ୍ ସହିତ ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍ ଭାରତୀୟ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) କ୍ଷେତ୍ରର ଅଭିବୃଦ୍ଧି ସମ୍ଭାବନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ବନ୍ଧନ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ୍ ନିବେଶକମାନଙ୍କୁ ଏହି କ୍ଷେତ୍ରରୁ ଦୀର୍ଘାବଧିରେ ବ୍ୟାପକ ସୁଯୋଗ ଗୁଡିକରୁ ଲାଭାନ୍ୱିତ ହେବା ପାଇଁ ଏକ ସୁବିଧାଜନକ ଓ ମୂଲ୍ୟ ସାପେକ୍ଷ ମାର୍ଗ ପ୍ରଦାନ କରିବା ଲାଗି ସୁବ୍ୟବସ୍ଥିତ ରହିଛି। ଏହି ନୂଆ ଫଣ୍ଡ୍ ଅଫର୍ ସୋମବାର ବନ୍ଦ ହେବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଭାରତୀୟ ଆଇଟି କ୍ଷେତ୍ର ବିଶ୍ୱ ଉଦ୍ଭାବନ କ୍ଷେତ୍ରର ଆଗ ଧାଡିରେ ରହିଛି, ଅନ୍ତର୍ଜାତୀୟ ଆଇଟି ପରିଦୃଶ୍ୟରେ ନିଜକୁ ଏକ ଟେକ୍ନୋଲୋଜି ପାୱାରହାଉସ୍ ଓ ଅଗ୍ରଣୀ ଖେଳାଳି ଭାବେ ସ୍ଥାପିତ କରିଛି।

## ଜିଏଏ ସହ ସିୟୁଟିଏମ୍‌ର ରାଜିନାମା



ଭୁବନେଶ୍ୱର,୨୭।୮

ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ଏବଂ ଓଡ଼ିଶା ସରକାରଙ୍କ ଗୋପାବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ (ଜିଏଏ) ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ଏକାଡେମିକ୍, ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ଆଦି କ୍ଷେତ୍ରରେ ମିଳିତ ସହଭାଗିତା ପ୍ରତିଷ୍ଠା ପାଇଁ ଉକ୍ତ ରାଜିନାମା ହୋଇଥିବା ଜଣାପଡିଛି। ଜିଏଏର ମହାନିର୍ଦ୍ଦେଶକ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ସିଜିଜିଓର ନିର୍ଦ୍ଦେଶକ ଡ. ଶଶାଙ୍କ ଗ୍ରହାଚାର୍ଯ୍ୟ ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଡ. ମୁକ୍ତିକାନ୍ତ ମିଶ୍ର ଉକ୍ତ ରାଜିନାମା ସ୍ୱାକ୍ଷର କରିଛନ୍ତି।

ଉକ୍ତ ସମାରୋହରେ ଡ.ହିମାଂଶୁ ଭୂଷଣ ପଣ୍ଡା, ଅତିରିକ୍ତ କମିଶନର, ଜିଏଏ, ଡ. ପି.କେ.ମିଶ୍ର ଡେପୁଟି ଡାଇରେକ୍ଟର ଜେନେରାଲ, ଜିଏଏ, କାନନବାଳା ନାୟକ ଯୁଗ୍ମ ନିର୍ଦ୍ଦେଶକ(ଆକାଉଣ୍ଟସ୍) ଜିଏଏ, ପ୍ରଫେସର କେଭିଡି ପ୍ରକାଶ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଜିଏଏ ଏବଂ ସିଜିଜିଓର ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଟାଟା ପାୱାରର 'ଟ୍ରେନ୍ ଟୁ ହାୟାର'

ଭୁବନେଶ୍ୱର,୨୭।୮

ଟାଟା ପାୱାରର 'ଟ୍ରେନ୍ ଟୁ ହାୟାର' କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ଓଡ଼ିଶାର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଥିବା ବେଳେ ଶିଳ୍ପକ୍ଷେତ୍ରରେ ଭବିଷ୍ୟତ ଗଠନ ପାଇଁ ଯୁବ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଶୁଭାରମ୍ଭ କରିଛି। ୨୦୨୩ ଅଗଷ୍ଟ ୯ରେ ଟାଟା ପାୱାର ୱାର୍ଲ୍ଡ ସ୍କିଲ୍ ସେଣ୍ଟର (ଡବ୍ଲୁଏସ୍‌ସି) ସହିତ ସହଯୋଗିତା ସ୍ଥାପନ କରିଥିଲା। ୨୦୨୩ ଅଗଷ୍ଟ ୮ର ଟାଟା ପାୱାର ପକ୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ୍ ରିସର୍ଚ୍ଚ (ଆଇଟିଇଆର୍) ସହ ସହଯୋଗିତା ସ୍ଥାପନ କରାଯାଇଥିଲାବେଳେ ୨୦୨୩ ଜୁଲାଇ ୨୨ରେ ଭୁବନେଶ୍ୱରର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ଓ ସିଲିକନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏସ୍‌ଆଇଟି) ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ସେହିଭଳି ୨୦୨୩ ଜୁଲାଇ ୧୪ରେ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସରାଙ୍ଗ ସହ ଟାଟା ପାୱାର ହାତ ମିଳାଇଥିଲା।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଯୁବବର୍ଗଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତ କରି ବିଦ୍ୟୁତ୍ କ୍ଷେତ୍ରରେ ପ୍ରତିଭା ଦୃଶ୍ୟପଟକୁ ଆକାର ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଏହି ସହଯୋଗିତାଗୁଡ଼ିକ ଜରିଆରେ ଓଡ଼ିଶାର ଯୁବବର୍ଗଙ୍କ ପାଇଁ ଆମେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଶିଳ୍ପ ଲାଗି ତାଲିମପ୍ରାପ୍ତ ଶ୍ରମ ଶକ୍ତିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଟାଟା ପାୱାରର କ୍ଲଷ୍ଟର ମୁଖ୍ୟ, ବିଜ୍‌ନେସ୍ ଏଚ୍‌ଆର୍ (ଟି ଆଣ୍ଡ୍ ଡି) ସୁବୀର ବର୍ମା କହିଛନ୍ତି, ସ୍ୱତନ୍ତ୍ର ମଡ୍ୟୁଲ୍, ବାସ୍ତବ ସମୟ ଲାଇଭ୍ ପ୍ରୋଜେକ୍ଟ, ଫାକଲ୍ଟି ଭାବେ ବରିଷ୍ଠ ପ୍ରବନ୍ଧକ ଓ ମେଣ୍ଟର ଆଦି ପ୍ରଦାନ କରି ଓଡ଼ିଶାର ସ୍ଥାନୀୟ ଶିକ୍ଷିତ ଯୁବବର୍ଗଙ୍କୁ ୬ ମାସରେ ଶିଳ୍ପ ପାଇଁ ପ୍ରସ୍ତୁତ କରିବାରେ ଆମ ବିଶେଷତାକୁ ଆମେ ବ୍ୟବହାର କରିବାକୁ ଚାହୁଁଛୁ।

## ୨ରେ ୨୭ତମ ରୁଚି ପ୍ରତିଭା ପୂଜନ




କଟକ,୨୭।୮

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରୁଚି ପ୍ରତିଭା ସମ୍ମାନ ସମାରୋହ ଉତ୍ସବ ୨୦୨୩ ସେପ୍ଟେମ୍ବର ୨ରେ ଆୟୋଜନ ହେବ ବୋଲି ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ଲିଙ୍କ୍ ରୋଡ୍‌ସ୍ଥିତ ନିଶାମଣି କନ୍‌ଭେନ୍‌ସନଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ରୁଚି ପ୍ରତିଭା ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ଶରତ କୁମାର ସାହୁ କହିଥିଲେ, ପୂଜ୍ୟପୂଜା ଓ ପ୍ରତିଭାପୂଜା ଜରିଆରେ ରୁଚି ଉଦ୍ୟୋଗ ଦୀର୍ଘ ୪୭ ବର୍ଷ ଧରି ରାଜ୍ୟର କୃତବିଦ୍ୟ ପ୍ରତିଭାମାନଙ୍କୁ ସମ୍ମାନିତ କରି ଗୌରବାନ୍ୱିତ ହୋଇଛି। ସେହିଭଳି ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ଯୁବବର୍ଗଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ସବୁବେଳେ ପ୍ରେରଣାଦାୟୀ ମଣିଷମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାରସ୍ ମୁଖ୍ୟ ପ୍ରେକ୍ଷାଳୟଠାରେ ଆୟୋଜିତ ହେବାକୁ ଥିବା ରୁଚି ପ୍ରତିଭା ସମ୍ମାନ ସମାରୋହରେ ଉପରୋକ୍ତ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରୁଚି ପ୍ରତିଭା ଫାଉଣ୍ଡେଶନର ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ସମ୍ବର୍ଦ୍ଧିତ ହେବାକୁ ଥିବା କୃତୀ ପ୍ରତିଭାମାନଙ୍କର ସଫଳତା ସହିତ ଫାଉଣ୍ଡେଶନର ୨୭ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ରୁଚିରେ ମାନବ ସମ୍ବଳ ଉପମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ବରିଷ୍ଠ ସୂଚନା ଅଧିକାରୀ ନିହାର ରଞ୍ଜନ ସାହୁ, ଜ୍ଞାନରଞ୍ଜନ ରାୟ, ଅମୃତ ରଞ୍ଜନ ଦାଶ ଓ ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରୁଙ୍ଗ୍‌ଟା ଷ୍ଟିଲ୍‌ର ଡିଲର୍ ମିଟ୍

ଭୁବନେଶ୍ୱର,୨୭।୮

ଦେଶର ଅଗ୍ରଣୀ ଟିଏମ୍‌ଟି ବାର୍ ଓ ସମନ୍ୱିତ ଇସ୍ପାତ ଉତ୍ପାଦ ନିର୍ମାତା ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ଦେବରାଜ ପଣ୍ଡା ଆଣ୍ଡ୍ କୋ ସହଯୋଗରେ କନ୍ଧମାଳଠାରେ ଏକ ଡିଲର ମିଟ୍‌ର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଓଡ଼ିଶାର ବିଭିନ୍ନ ଅଞ୍ଚଳର ଡିଲରମାନଙ୍କୁ ଏକତ୍ରିତ କରି ସେମାନଙ୍କ ଭିତରେ ଯୋଗାଯୋଗ ବଢ଼ାଇବା, ଚିନ୍ତାଧାରାର ଆଦାନପ୍ରଦାନ କରିବା ଏବଂ ରୁଙ୍ଗଟା ମାଇନ୍‌ସର ଉତ୍ପାଦ ଓ ଭବିଷ୍ୟତ ଯୋଜନା ବିଷୟରେ ଜଣାଇବା। ସେହିଭଳି ଏହି କାର୍ଯ୍ୟକ୍ରମ ଅବସରରେ ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ଉନ୍ନତ ଉତ୍ପାଦ ଓ ନବସୃଜନ ପ୍ରତି ପ୍ରତିବଦ୍ଧତାକୁ ପ୍ରଦର୍ଶନ କରାଯାଇଛି। ଉକ୍ତ ଡିଲର ମିଟ୍‌ରେ ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ଇସ୍ପାତ ଓ ଟିଏମ୍‌ଟି ଶିଳ୍ପର ଅଭିବୃଦ୍ଧି ସମ୍ଭାବନା ଉପରେ ବିସ୍ତୃତ ଆଲୋକପାତ କରଯାଇଥିଲା। ଏହି ପରିପ୍ରେକ୍ଷୀରେ ରୁଙ୍ଗଟା ଷ୍ଟିଲ୍‌ର ମୁଖ୍ୟ ମହାପ୍ରବନ୍ଧକ ଓ ସେଲ୍‌ସ ଓ ମାର୍କେଟିଂ ମୁଖ୍ୟ (ଟିଏମ୍‌ଟି ଓ ୱାୟାର ରଡ୍) ଅରବିନ୍ଦ କୁମାର କହିଛନ୍ତି, ଡିଲର ମିଟ୍‌ଗୁଡ଼ିକ କମ୍ପାନୀ କାର୍ଯ୍ୟଧାରାକୁ ଆଗକୁ ନେବା ସହିତ ନିରନ୍ତର ଭାବେ ଉଭୟ ଗ୍ରାହକ ଓ ଡିଲରମାନଙ୍କ ସ୍ୱପ୍ନ ପୂରଣ କରୁଥିବା ବେଳେ ରୁଙ୍ଗଟା ଷ୍ଟିଲ୍ ନବସୃଜନ ଓ ସହଯୋଗିତାକୁ ସର୍ବଦା ଗୁରୁତ୍ୱ ଦେଉଛି। ବିଶେଷ କରି ଇସ୍ପାତ କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଓ ଅଂଶୀଦାରଙ୍କ ନେଟ୍‌ୱର୍କକୁ ସମ୍ପ୍ରସାରଣ ଲାଗି ସେମାନଙ୍କ ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରୁଙ୍ଗଟା ଷ୍ଟିଲ୍ ସହଯୋଗୀମାନଙ୍କ କଥାକୁ ବେଶ ଗୁରୁତ୍ୱ ପ୍ରଦାନ କରୁଛି, ଫଳରେ ରୁଙ୍ଗଟା ଷ୍ଟିଲ୍ ଓ ତା'ର ଡିଲର୍‌ମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରି ଖୋଲା ଆଲୋଚନା ଏବଂ ମତାମତ ପାଇଁ ଏକ ମଞ୍ଚ ପ୍ରଦାନ କରିଛି।

## ଫୁର୍‌ସତ



ଶାହରୁଖ ଖାନ୍

# ୧୭ ବର୍ଷ ପରେ ଅମିତାଭଙ୍କ ସହ ଶାହରୁଖ

**ମୁମ୍ବାଇ:** ବଲିଉଡ୍‌ର ବିଗ୍ ବି ଅମିତାଭ ବଚ୍ଚନ ଏବଂ ବାଦଶାହ ଶାହରୁଖ ଖାନ୍ ସିନେମା ଜଗତରେ ୨ ମହାରଥୀ ଭାବେ ଜଣାଶୁଣା। ଅନେକ ଦେଶରେ ଏମାନଙ୍କ ବହୁତ ପ୍ରଶଂସକ ଅଛନ୍ତି। ଦୁହେଁ ତାଙ୍କ ଅଭିନୟ ଜରିଆରେ ସମସ୍ତଙ୍କ ମନ ଜିଣି ପାରିଛନ୍ତି। ଉଭୟଙ୍କୁ ଏକାଠି ଖୁବ୍ କମ୍ ଫିଲ୍ମରେ ଦେଖିବାକୁ ମିଳିଛି। ତେବେ ଦୁହିଁଙ୍କୁ ଶେଷ ଥର ପାଇଁ ୨୦୦୬ରେ ଫିଲ୍ମ 'କଭି ଅଲବିଦା ନା କେହେନା'ରେ ଏକାଠି ନଜରକୁ ଆସିଥିଲେ। ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ସୂଚନା ମୁତାବକ, ୧୭ ବର୍ଷ ପରେ ପୁଣି ଥରେ ଦୁହିଁଙ୍କୁ ପରଦାରେ ଏକାଠି ଦେଖିବାକୁ ମିଳିବ। ଉଭୟଙ୍କୁ ଚଳଚ୍ଚିତ୍ର 'ଡନ୍ ୩'ରେ ଏକାଠି ଦେଖିବାକୁ ମିଳିବ ବୋଲି କୁହାଯାଉଛି। ଏନେଇ ଶାହରୁଖ ଲେଖିଛନ୍ତି, ଅମିତାଭ ବଚ୍ଚନଙ୍କ ସହ କାମ କରିବା ବହୁତ ମଜାଦାର ଥିଲା। ତେବେ ଶାହରୁଖଙ୍କ ସେପ୍ଟେମ୍ବର ୭ରେ ରିଲିଜ୍ ହେବାକୁ ଥିବା ଆଗାମୀ ଫିଲ୍ମ 'ଯବାନ' ପାଇଁ ସେ ପ୍ରସ୍ତୁତ ହେଉଥିବାବେଳେ ସିନେମା ପାଇଁ ପ୍ରଶଂସକଙ୍କ କ୍ରେଜ୍ ଦେଖିବାକୁ ମିଳିଛି। ଏଥିପାଇଁ ଅଗ୍ରିମ୍ ଟିକେଟ୍ ବିକ୍ରି ମଧ୍ୟ ଆରମ୍ଭ ହୋଇଗଲାଣି। ଶାହରୁଖ ୧୯୯୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ନିଜ ଅଭିନୟ ଜରିଆରେ ସମସ୍ତଙ୍କ ହୃଦୟକୁ ଜିଣିପାରିଛନ୍ତି। ଶେଷଥର ପାଇଁ ତାଙ୍କୁ ମୁଭି 'ପଠାନ'ରେ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ ନଜରକୁ ଆସିଥିଲେ।

# ବିନା ଗର୍ଭାଶୟରେ ଜନ୍ମ ହୋଇଥିଲେ, ଏବେ ଗର୍ଭବତୀ

ଲଣ୍ଡନ



ଗର୍ଭାଶୟ ବିନା କେହି ଶିଶୁ ଜନ୍ମ ହୁଅନ୍ତିନି। ହେଲେ କିଛି ମହିଳା ଅଛନ୍ତି, ଯିଏ କି ବିନା ଗର୍ଭାଶୟରେ ଜନ୍ମ ହୋଇଛନ୍ତି। ଯେହେତୁ ତାଙ୍କର ଗର୍ଭାଶୟ ନ ଥାଏ, ସେଥିପାଇଁ ସେମାନେ ଶିଶୁ ଜନ୍ମ କରିପାରନ୍ତି ନାହିଁ। ବ୍ରିଟେନ ବାସିନ୍ଦା ୩୧ ବର୍ଷୀୟା ଲିଜ୍ ଗୋଲ୍ଡମୈନ୍‌ଙ୍କ ଅବସ୍ଥା ଏହି ପ୍ରକାରର। ସେ ମେୟର-ରୋକିଟାନ୍ସକି-କୁଷ୍ଟର-ହୌସେର୍ ନାମକ ସିଣ୍ଡ୍ରୋମ୍ ସହିତ ଜନ୍ମ ହୋଇଛନ୍ତି। ଏହା ଅର୍ଥ ତାଙ୍କର ଗର୍ଭାଶୟ (ୟୁଟେରସ୍) ନ ଥିଲା। କିନ୍ତୁ ଆଜିର ଯୁଗରେ ବିଜ୍ଞାନ ବହୁତ ଆଗକୁ ଗଲାଣି। ଅନେକ ଅସମ୍ଭବ ଏବେ ବିଜ୍ଞାନ ଜରିଆରେ ସମ୍ଭବ ହେଲାଣି। ବିଜ୍ଞାନ ଜରିଆରେ ଲିଜ୍‌ଙ୍କର ମଧ୍ୟ ଚମତ୍କାର ହେଲା। ସେ ଏବେ ଗର୍ଭବତୀ ଅଛନ୍ତି। ରିପୋର୍ଟ ମୁତାବକ, ଲିଜ୍ ଯେଉଁ ପରିସ୍ଥିତି ଦେଇ ଗତି କରୁଥିଲେ, ତାହା ୫ହଜାର ମହିଳାଙ୍କ ମଧ୍ୟରେ ଜଣଙ୍କ ପାଖରେ ଦେଖିବାକୁ ମିଳେ। ଲିଜ୍ କହିଛନ୍ତି, ତାଙ୍କୁ ୧୪ ବର୍ଷ ବୟସ ହୋଇଥିବାବେଳେ ସେ ଏହା ବାବଦରେ ଜାଣିବାକୁ ପାଇଲେ। ପରେ ଡାକ୍ତର ମଧ୍ୟ କହିଲେ, ଗର୍ଭାଶୟ ନ ଥିବାରୁ ସେ କେବେ ମା' ହୋଇପାରିବେନି। ସେ ସବୁ କଥା ବୁଝିବା ପରେ ବି ସବୁକିଛି ବଦଳି ଯିବା କଥା ଭାବୁଥିଲେ। ସେ ସମୟରେ ସେ ଖବର ପାଇଲେ କି ସ୍ୱିଡେନ୍‌ରେ ଜଣେ ମହିଳାଙ୍କ ଗର୍ଭାଶୟ ପ୍ରତିରୋପଣ କରାଯାଇଛି। ଯାହା ସଫଳ ହୋଇଛି। ଏହା ପରେ ଆଉ ଏକ ପ୍ରତିରୋପଣ କରାଯାଇଥିବା ଜାଣିବାକୁ ପାଇଲେ। ସେ ତାଙ୍କ ସ୍ୱାମୀଙ୍କ ସହ କଥା ହୋଇ ଏଥିପାଇଁ ୨୦୨୦ ଡିସେମ୍ବରରେ ଆବେଦନ କଲେ। କିଛି ସ୍ଥାନରେ ମୃତ ବ୍ୟକ୍ତିଙ୍କ ଗର୍ଭାଶୟ ପ୍ରତିରୋପଣ କରାଯାଉଥିବାବେଳେ ଲିଜ୍‌ଙ୍କୁ ତାଙ୍କ ଭଉଣୀଙ୍କ ଗର୍ଭାଶୟ ତାଙ୍କୁ ମିଳିଗଲା। ୮ ମାସରେ ତାଙ୍କର ଗର୍ଭାଶୟ ପ୍ରତିରୋପଣ କରାଗଲା। ଏଥିରେ ୨୫ ହଜାର ପାଉଣ୍ଡ ଅର୍ଥାତ୍ ପାଖାପାଖି ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ସେ ଏବେ ୮ ମାସ ହେବ ଗର୍ଭବତୀ ଅଛନ୍ତି। ଆଉ କିଛି ଦିନ ପରେ ସେ ତାଙ୍କ ପ୍ରଥମ ଛୁଆକୁ ଜନ୍ମ ଦେବେ ବୋଲି କହି ଖୁସି ପ୍ରକାଶ କରିଛନ୍ତି।

# ଅଧିକ ରୋଜଗାର ପାଇଁ ଛାଡ଼ିଲେ ସରକାରୀ ଚାକିରି

## ଫଟୋ ଜରିଆରେ କରୁଛନ୍ତି ରୋଜଗାର



**ୱାଶିଂଟନ:** ଜଣେ ମହିଳା ଅଧିକ ରୋଜଗାର କରିବାକୁ ଯାଇ ସରକାରୀ ଚାକିରି ଛାଡ଼ି ଚର୍ଚ୍ଚାକୁ ଆସିଛନ୍ତି। ସାଧାରଣତଃ ଲୋକେ ସରକାରୀ ଚାକିରି କରିବାକୁ ପସନ୍ଦ କରନ୍ତି। କାରଣ ସରକାରୀ ଚାକିରିରେ ଅନେକ ସୁବିଧା ମିଳିଥାଏ, ଯାହା ବେସରକାରୀ ଚାକିରିରେ ମିଳି ନ ଥାଏ। ହେଲେ ସରକାରୀ ଚାକିରି କରୁଥିବା ଆମେରିକାର ମହିଳା ବ୍ରିୟାନା ଡାଏମଣ୍ଡ ଯେତେବେଳେ ତାଙ୍କ ଚାକିରି ଛାଡିଲେ, ସେତେବେଳେ ସେ ଚର୍ଚ୍ଚାକୁ ଆସିଲେ। ରିପୋର୍ଟ ମୁତାବକ, ବ୍ରିୟାନା ଆମେରିକାରେ ସରକାରୀ ଚାକିରି କରିଥିଲେ। ହେଲେ ସେ ଅଧିକ ଟଙ୍କା ରୋଜଗାର କରିବାକୁ ସେହି ଚାକିରି ଛାଡିଦେଲେ। ତେବେ ସେ ଅନ୍‌ଲାଇନରେ ତାଙ୍କ ଫଟୋ ବିକି ଟଙ୍କା ରୋଜଗାର କରୁଥିବା କହିଛନ୍ତି। ବ୍ରିୟାନା କହିଛନ୍ତି, ସରକାରୀ ଚାକିରି ଛାଡ଼ି ଏପରି ପଦକ୍ଷେପ ନେବା କଷ୍ଟକର ଥିଲା। ହେଲେ ସେ ତାଙ୍କ ପୁଅର ଭବିଷ୍ୟତ ପାଇଁ ଟଙ୍କା ଜମା କରିବାକୁ ଚାହୁଁଥିଲେ। ଏବେ ସେ ତାଙ୍କ କ୍ୟାରିୟରକୁ ବଦଳାଇ ସଞ୍ଚୟକୁ ୪ ଗୁଣା କରିସାରିଲେଣି। ସେ ସୋସିଆଲ ମିଡିଆର ୩୩ଟି ବିଭିନ୍ନ ପ୍ଲାଟଫର୍ମରେ ତାଙ୍କ ଫଟୋ ଛାଡୁଛନ୍ତି। ସେଥିରୁ ହେଉଥିବା ରୋଜଗାରରୁ ସେ ନିବେଶ ମଧ୍ୟ କରୁଛନ୍ତି।

# ବାହୁବଳୀ ଶିଶୁ

**ନୂଆଦିଲ୍ଲୀ:** ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଶିଶୁର ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଶିଶୁଟି ଏପରି କିଛି କାମ କରିଛି, ତାହା ସମସ୍ତଙ୍କୁ ଚକିତ କରିଛି। ସାଧାରଣତଃ ଶିଶୁ ଜନ୍ମ ହେବା ପରେ କାନ୍ଦନ୍ତି। କିନ୍ତୁ ଭିଡିଓରେ ଦେଖିବାକୁ ମିଳିଥିବା ଶିଶୁଟି ସଙ୍ଗେ ସଙ୍ଗେ ଜନ୍ମ ହୋଇଥିଲା। ତାକୁ ନର୍ସ ସଫା ମଧ୍ୟ କରି ନ ଥିଲେ। ନର୍ସ ତାକୁ ଓଲଟା ଧରିଥିଲେ। ତାକୁ ଉପରୁ ଟିକେ ତଳକୁ ଆଣିବାବେଳେ ଶିଶୁଟି ଦୁଇ ହାତରେ ଏକ ଟ୍ରେ ଉଠାଇଥିଲା। ସେ ସେହି ଟ୍ରେକୁ କିଛି ସମୟ ଯାଏ ଧରି ରଖିଥିଲା, ଯାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ସେଠାରେ ଉପସ୍ଥିତ କିଛି ଲୋକ ଏହାର ଭିଡିଓ କରିଥିଲେ। ପରେ ସୋସିଆଲ ମିଡିଆରେ ଛାଡ଼ିଥିଲେ। ତେବେ କମେଣ୍ଟରେ ଅନେକେ ଶିଶୁକୁ ବାହୁବଳୀ ଶିଶୁ ବୋଲି କହୁଛନ୍ତି। ଆଉ କିଛି ଶିଶୁକୁ '୫-ଜି ଲଞ୍ଚ ବୟ' ବୋଲି କମେଣ୍ଟ କରିଛନ୍ତି। ହେଲେ ଭିଡିଓଟି କେଉଁଠାର ତାହା ଜଣାପଡିନି।



# ଅଶ୍ୱାରୋହଣ ଓ ଯୁଦ୍ଧକଳାର ଖେଳ 'ଟେଣ୍ଟ ପେଜିଂ'

ଅଶ୍ୱାରୋହଣ ବା ଇକ୍ୱିଷ୍ଟ୍ରିଆନ୍ ସ୍ପୋର୍ଟ୍ସ ସମଗ୍ର ବିଶ୍ୱର ଏକ ଲୋକପ୍ରିୟ ଖେଳ। ୧୦ଟି ବର୍ଗରେ ଏହି ଖେଳ ଅନୁଷ୍ଠିତ ହୋଇଥାଏ। ଏହା ମଧ୍ୟରୁ କିଛି ବର୍ଗ ଅଲିମ୍ପିକ୍ସରେ ସାମିଲ ମଧ୍ୟ ରହିଛି। ତେବେ ପ୍ରାଚୀନ ଭାରତୀୟ ସାମରିକ କଳା ବା ଯୁଦ୍ଧକଳା ଦ୍ୱାରା ପ୍ରେରିତ ଏକ କ୍ରୀଡ଼ା ହେଉଛି ଟେଣ୍ଟ ପେଜିଂ। ୪୦୦ ଶତାବ୍ଦୀରୁ ଭାରତୀୟ ଅଶ୍ୱାରୋହୀମାନଙ୍କ ଦ୍ୱାରା ଏହି କ୍ରୀଡ଼ା ଆରମ୍ଭ ହୋଇଥିଲା। ୨୦୧୪ରେ ପ୍ରଥମ ଟେଣ୍ଟ ପେଜିଂ ବିଶ୍ୱକପ ଆୟୋଜନ ହୋଇଥିବା ବେଳେ ଚଳିତବର୍ଷର ବିଶ୍ୱକପରେ ଭାରତ ପ୍ରଥମ ଥର ପାଇଁ ଟେଣ୍ଟ ପେଜିଂରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଅବସରରେ ଏହି କ୍ରୀଡ଼ାର ଉତ୍ପତ୍ତି ଓ ନିୟମ ସମ୍ପର୍କରେ ଏକ ପ୍ରସ୍ତୁତି......

ଉତ୍ପତ୍ତି: ଏହାର ଉତ୍ପତ୍ତି ସମ୍ପର୍କରେ କୌଣସି ଆଧିକାରିକ ତଥ୍ୟ ନ ଥିଲେ ମଧ୍ୟ ଏହି ଖେଳଟି ୪୦୦ ଶତାବ୍ଦୀରୁ ଭାରତୀୟ ଉପ ମହାଦେଶରେ ଖେଳା ଯାଉଥିଲା। ଅଶ୍ୱାରୋହୀ ସୈନିକ ମାନେ କିଭଳି କଳା କୌଶଳର ଉପଯୋଗ କରି ହାତୀରେ ଥିବା ସୈନ୍ୟଙ୍କୁ ପରାସ୍ତ କରୁଥିଲେ ତାହା ଏହି ଖେଳର ପ୍ରମୁଖ ନିୟମ। ହାତୀକୁ ପରାସ୍ତ କରିବାକୁ ହେଲେ ଏହାର ପାଦ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆକ୍ରମଣ କରିବାକୁ ପଡ଼ିଥାଏ। ସମାନ ଭାବରେ ଏହି ଖେଳରେ ମଧ୍ୟ ମାଟିରେ ଥିବା ଏକ କାଠର ବ୍ଲକକୁ ଖଣ୍ଡା ବା ବର୍ଛା ଜରିଆରେ ହଟାଇବାକୁ ପଡ଼ିଥାଏ।

ନିୟମ: ଏହି ଖେଳଟି ଉଭୟ ସିଙ୍ଗଲ୍ସ ଓ ଟିମ୍ ଇଭେଣ୍ଟରେ ଅନୁଷ୍ଠିତ ହୋଇଥାଏ। ଏହି ଖେଳରେ ମାଟିରେ ଏକ କାଠ ବ୍ଲକ ପଡ଼ିଥାଏ ; ଯାହାକୁ ପ୍ରତିଯୋଗୀ ଏକ ଖଣ୍ଡା ବା ବର୍ଛା ସାହାଯ୍ୟରେ ଉଠାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଥାନ୍ତି। ଏହାସହିତ ବେଳେ ବେଳେ ଏକାଧିକ କାଠର ବ୍ଲକ ରହୁଥିବା ବେଳେ ଅଧିକ ବ୍ଲକ ସଂଗ୍ରହ କରୁଥିବା ଦଳ ବିଜୟୀ ହୋଇଥାଏ। ଏଥିରେ ଆଉ ଏକ ଇଭେଣ୍ଟ ମଧ୍ୟ ରହିଥାଏ। ଏକ ଲେମ୍ବୁ ଆକୃତିର ପଦାର୍ଥକୁ ଝୁଲାଇ ଦିଆଯାଇଥାଏ। ବର୍ଛା ଦ୍ୱାରା ଅଶ୍ୱାରୋହୀଙ୍କୁ ଏହାକୁ ଲକ୍ଷ୍ୟଭେଦ କରିବାକୁ ପଡିଥାଏ। ପ୍ରତିଯୋଗିତା ଶେଷରେ ଅଧିକ ଟାର୍ଗେଟ ହିଟ୍ କରିଥିବା ପ୍ରତିଯୋଗୀ ତଥା ଦଳକୁ ବିଜେତା ଘୋଷିତ କରାଯାଏ।

ଅନ୍ତର୍ଜାତୀୟ ସ୍ୱୀକୃତି: ୧୯୮୨ ମସିହାରେ ପ୍ରଥମ ଥର ପାଇଁ



ଟେଣ୍ଟ ପେଜିଂ ଇଭେଣ୍ଟର ଜଣେ ପ୍ରତିଯୋଗୀ।



ବ୍ରୋଞ୍ଜ ପଦକ ସହ ଭାରତୀୟ ଦଳ।

ଏହି ଖେଳକୁ ଅନ୍ତର୍ଜାତୀୟ ସ୍ୱୀକୃତି ପ୍ରଦାନ କରାଯାଏ। ଅଲିମ୍ପିକ୍ସ କାଉନ୍ସିଲ୍ ଅଫ୍ ଏସିଆ ପକ୍ଷରୁ ଏହି ଖେଳକୁ ଅଫିସିଆଲ କ୍ରୀଡ଼ା ଭାବରେ ଗ୍ରହଣ କରାଯାଏ। ୨୦୦୪ରେ ଅନ୍ତର୍ଜାତୀୟ ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ୍ ପକ୍ଷରୁ ଏହାକୁ ସ୍ୱୀକୃତି ମିଳିଥିବା ବେଳେ ବର୍ତ୍ତମାନ ୨୯ ଦେଶରେ ଏହା ଖେଳାଯାଉଛି। ୨୦୦୪ ମସିହାରୁ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଏହି ଖେଳକୁ ମାନ୍ୟତା ପ୍ରଦାନ କରିଛି। ପଡ଼ୋଶୀ ଦେଶ ପାକିସ୍ତାନରେ ଏହି କ୍ରୀଡ଼ାକୁ ସ୍ଥାନୀୟ ଭାଷାରେ ନେବା ବାଜି ବୋଲି କୁହାଯାଏ। ପଞ୍ଜାବ, ଖାଇବର ପଖ୍ତୁନ୍‌ଖ୍ୱା, ସିନ୍ଧ ଓ ବଲୋଚିସ୍ତାନରେ ଏହାକୁ ଜାତୀୟ କ୍ରୀଡ଼ା ଭାବରେ ଗ୍ରହଣ କରାଯାଇଛି। ୨୦୧୪ରେ ଅନ୍ତର୍ଜାତୀୟ ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ୍ ପକ୍ଷରୁ ପ୍ରଥମ ଥର ବିଶ୍ୱକପ ଆୟୋଜନ କରାଯାଇଥିଲା। ଓମାନରେ ଆୟୋଜିତ ଏହି ବିଶ୍ୱକପର ପ୍ରଥମ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ବର୍ତ୍ତମାନ ବିଶ୍ୱର ୨୯ ରାଷ୍ଟ୍ର ଏହି ଫେଡେରେଶନ ସହିତ ଜଡ଼ିତ ଅଛନ୍ତି।

ଭାରତକୁ ବ୍ରୋଞ୍ଜ: ଚଳିତବର୍ଷ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟେଣ୍ଟ ପେଜିଂ ବିଶ୍ୱକପରେ ଭାରତ ତୃତୀୟ ସ୍ଥାନ ହାସଲ କରିଛି। ୩ ଦିନିଆ ଏହି ଟୁର୍ନାମେଣ୍ଟରେ ଭାରତ ପ୍ରଥମ ଥର ପାଇଁ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି। ୨୮ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ୯ଟି ରାଷ୍ଟ୍ରକୁ ବିଶ୍ୱକପ ଖେଳିବାର ସୁଯୋଗ ମିଳିଥାଏ। ଓମାନରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଭାରତ ମୁଖ୍ୟ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଭାରତୀୟ ଦଳରେ ଦୀନେଶ ଗଙ୍ଗାରାମ କାର୍ଲେକର, ମୋହିତ କୁମାର, ଅମିତ ଛେତ୍ରୀ, ମହମ୍ମଦ ଅବ୍ରାର ଓ ଗୌତମ କୁମାର ସ୍ଥାନ ପାଇଥିବା ବେଳେ କଲୋନେଲ ଏସ୍ ଏସ୍ ସୋଲାଙ୍କି ମୁଖ୍ୟ କୋଚ୍ ରହିଥିଲେ।

**–ପ୍ରସ୍ତୁତି: ସରୋଜ ଜେନା**

# ଓଡ଼ିଶା ଦଳଗତ ଚାମ୍ପିୟନ

**ଜାତୀୟ ଥାଇ ବକ୍ସିଂ ଚାମ୍ପିୟନଶିପ୍**

ଭୁବନେଶ୍ୱର,୨୭।୮
(ସରୋଜ ଜେନା)

ଜାତୀୟ ଥାଇ ବକ୍ସିଂ ଚାମ୍ପିୟନଶିପ ୨୦୨୩ ରବିବାର ଉଦଯାପିତ ହୋଇଯାଇଛି। ଦଳଗତ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଥିବା ବେଳେ ମହାରାଷ୍ଟ୍ର ପ୍ରଥମ ଓ ବିହାର ଦ୍ୱିତୀୟ ରନର୍ସ ଅପ ହୋଇଛନ୍ତି। ତିନି ଦିନ ଧରି ଚାଲିଥିବା ଏହି ଜାତୀୟ ଚାମ୍ପିୟାନଶିପରେ ବିଭିନ୍ନ ବର୍ଗର ପ୍ରାୟ ୧୭ ରାଜ୍ୟର ୫୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୫ ତାରିଖର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପଠାଣି ସାମନ୍ତ ପ୍ଲାନେଟୋରିୟମ ନିର୍ଦ୍ଦେଶକ ଶୁଭେନ୍ଦୁ ପଟନାୟକ, ଜାତୀୟ ଥାଇ ବକ୍ସିଙ୍ଗ ଫେଡେରେସନ ସଭାପତି କୁଲଦୀପ ସୁମନସ୍କର, ସମ୍ପାଦକ ରବୀନ୍ଦ୍ର ସିଂ ଯୋଗ ଦେଇଥିଲେ। ୬୦ରୁ ୬୫ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେବଶ୍ରୀ ଦେବସ୍ମିତା ଛତିଶଗଡର ପ୍ରତିଯୋଗୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୋଖରୀପୁଟ ଡିଏଭି ସ୍ଥିତ ବାଲଭବନରେ ୩ ଦିନିଆ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ୧୮ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଡିଏମ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଦେବଶ୍ରୀ ଏହା ପୂର୍ବରୁ ମଧ୍ୟ ଅନେକ ରାଜ୍ୟ ତଥା ଜାତୀୟ ଟୁର୍ନାମେଣ୍ଟରେ ସଫଳତା ହାସଲ କରିଛନ୍ତି। ଉଦଯାପନି ତଥା ଟ୍ରଫି ପ୍ରଦାନ ଉତ୍ସବରେ ଜାତୀୟ ଥାଇ ବକ୍ସିଂ ଫେଡେରେଶନ ସଭାପତି ଡ଼ଃ କୁଲଦୀପ ସୁମନସ୍କାର, ସମ୍ପାଦକ ରବୀନ୍ଦ୍ର ସିଂ, ଓଡିଶା ଥାଇ ବକ୍ସିଂ



ଦେବଶ୍ରୀ ଦେବସ୍ମିତା

ଆସୋସିଏସନ ସମ୍ପାଦକ ଶୁଭେନ୍ଦୁ ସାମନ୍ତରାୟ, ଜବାହର ବାଲ ଭବନ ସମ୍ପାଦକ ସ୍ୱପ୍ନେନ୍ଦୁ ସାମନ୍ତରାୟ, ଉପସଭାପତି ଭୁମୋହନ ପଟ୍ଟନାୟକ, ଓଡିଶା ଅଭିଭାବକ ମହାସଂଘ ସହ ଅଧକ୍ଷ ପ୍ରସନ୍ନ ବିଷୋୟୀ ପ୍ରମୁଖ ଯୋଗଦେଇ କୃତ ଦଳ ଓ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜାତୀୟ ଥାଇ ବକ୍ସିଂ ଆସୋସିଏଶନ ସଭାପତି ଡ. କୁଲଦୀପ ସଂସ୍କାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଥାଇ ବକ୍ସିଂ ଆସୋସିଏଶନ ସମ୍ପାଦକ ଶୁଭେନ୍ଦୁ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

# ୭ ବର୍ଷରୁ କମ୍ ଚେସ୍: ଅଦିତି, ସାତ୍ତ୍ୱିକ ଚାମ୍ପିୟନ

ଭୁବନେଶ୍ୱର, ୨୭।୮
(ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ୭ ବର୍ଷରୁ କମ୍ ଚେସ୍ (ବାଳିକା-ବାଳକ) ଚାମ୍ପିୟନଶିପ୍ ରବିବାର ଏଠାରେ ଶେଷ ହୋଇଛି। ଏହାର ବାଳିକା ବିଭାଗରେ ଅଦିତି ମହାରଣା ଚାମ୍ପିୟନ ଓ ଅନନ୍ୟା ଅନ୍ୱେଷା ମିଶ୍ର ରନରଅପ୍ ହୋଇଛନ୍ତି। ସେହିପରି ବାଳକ ବିଭାଗରେ ସାତ୍ତ୍ୱିକ ସ୍ୱାଇଁ ଚାମ୍ପିୟନ ଓ ଅଦଭିକ୍ ଆଦିତ୍ୟ ସ୍ୱାଇଁ ରନରଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ଏହି ଖେଳାଳିମାନେ ୩୬ତମ ଜାତୀୟ ୭ ବର୍ଷରୁ କମ ଚାମ୍ପିୟନଶିପ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ଜାତୀୟ ପ୍ରତିଯୋଗିତା କୋଲକାତାର ଅଲୀପୁରସ୍ଥିତ ଇଷ୍ଟର୍ନ ରେଲୱେ ସ୍ପୋର୍ଟ୍ସ ଏକାଡେମୀରେ ସେପ୍ଟେମ୍ବର ୨୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟପ୍-୧୦ରେ ସ୍ଥାନ ପାଇଥିବା ଖେଳାଳିଙ୍କ ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଲ୍‌ଇଣ୍ଡିଆ ଚେସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ଏସ.ଆର. ଚେସ୍ ସେଣ୍ଟର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁ, ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ।

# ଜାତୀୟ ଶିବିରରେ ୨୮ରୁ ୧୨ ଉପସ୍ଥିତ

ନୂଆଦିଲ୍ଲୀ, ୨୭।୮ (ପି.ଟି.)

୨୩ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ପାଇଁ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଶିବିର ପାଇଁ ଡକା ଯାଇଥିବା ୨୮ଜଣ ଖେଳାଳିଙ୍କ ମଧ୍ୟରୁ ମାତ୍ର ୧୨ଜଣ ଉପସ୍ଥିତ ଅଛନ୍ତି। ଫଳରେ ଶିବରରେ ଟ୍ରେନିଂ କାର୍ଯ୍ୟ ଆଗେଇ ପାରୁନାହିଁ। ତେଣୁ ମୁଖ୍ୟ କୋଚ୍ କ୍ଲିଫୋର୍ଡ ମିରାଣ୍ଡା ତାଙ୍କ ଖେଳାଳିମାନଙ୍କୁ ତୁରନ୍ତ ରିଲିଜ କରିବା ଲାଗି କ୍ଲବଗୁଡ଼ିକୁ ଅନୁରୋଧ କରିଛନ୍ତି। ଟୁର୍ନାମେଣ୍ଟ ସେପ୍ଟେମ୍ବର ୬ରେ ଚାଇନାର ଦାଲିଆନଠାରେ ସେପ୍ଟେମ୍ବର ୬ରୁ ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଭାରତୀୟ ଦଳ ସେପ୍ଟେମ୍ବର ୪ରେ ପ୍ରସ୍ଥାନ କରିବ। ୟୁଏଇ, ମାଳଦ୍ୱୀପ ଓ ଚାଇନା ସହ ଭାରତ ଗ୍ରୁପ୍ 'ଜି'ରେ ସ୍ଥାନ ପାଇଛି। ଭାରତ ଏହା ପ୍ରଥମ ମ୍ୟାଚ ସେପ୍ଟେମ୍ବର ୬ରେ ମାଳଦ୍ୱୀପ ବିପକ୍ଷରେ ଖେଳିବ। ପରେ ଆୟୋଜକ ଚାଇନାକୁ ସେପ୍ଟେମ୍ବର ୯ରେ ଏବଂ ସେପ୍ଟେମ୍ବର ୧୨ରେ ୟୁଏଇକୁ ଭେଟିବ।

# ଝଗଡ଼ା ପାଇଁ ବାଦ୍ ପଡ଼ିଥିଲେ ଅଙ୍କେତ

ନୂଆଦିଲ୍ଲୀ,୨୭।୮(ପି.ଟି.)

ଦେଶର ଅନ୍ୟତମ ଯୁବ ପିସ୍ତଲ ଶୁଟର ଅଙ୍କେତ ତୋମରଙ୍କୁ ବାକୁରେ ଅନୁଷ୍ଠିତ ଶୁଟିଂ ବିଶ୍ୱକପ ଦଳରୁ ବାଦ ଦିଆଯାଇଥିଲା। ସାଥୀ ଖେଳାଳିଙ୍କ ସହ ଝଗଡ଼ା କାରଣରୁ ଜାତୀୟ ରାଇଫଲ୍ ମହାସଂଘ(ଏନ୍‌ଆର୍‌ଏଆଇ) ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିଲା। ଦକ୍ଷିଣ କୋରିଆର ଚାଙ୍ଗଓନ୍‌ରେ ଜୁନିୟର ଶୁଟିଂ ବିଶ୍ୱକପ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଅଙ୍କିତ ଅନ୍ୟ ଜଣେ ଭାରତୀୟ ଖେଳାଳିଙ୍କ ସହିତ ଝଗଡ଼ା କରିଥିବା କାରଣ ଦର୍ଶାଇ ଏନ୍‌ଆର୍‌ଏଆଇ ତାଙ୍କୁ ଶୁଟିଂ ବିଶ୍ୱକପରୁ ବାଦ ଦେଇଥିଲା। ଜୁଲାଇ ମାସରେ ଜୁନିୟର ବିଶ୍ୱକପ ସମୟରେ ଏହି ଘଟଣା ଘଟିଥିବା ନେଇ ଅଙ୍କେତଙ୍କ ପିତା ରବିବାର ପ୍ରକାଶ କରିଛନ୍ତି। ୫୦ ମିଟର ପିସ୍ତଲ ଶୁଟିଂରେ ଟିମ୍ ଇଭେଣ୍ଟରେ ଅଙ୍କେତ,କମଲଜିତ୍ ଓ ସନ୍ଦୀପ ବିଷ୍ଣୋଇ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ବିଶ୍ୱକପରୁ ବାଦ୍ ପଡ଼ିବା ନେଇ ଅଙ୍କେତ କାରଣ ପଚାରିଥିବା ବେଳେ ଶୃଙ୍ଖଳାଗତ କାରଣରୁ ତାଙ୍କୁ ବାଦ୍ ଦିଆଯାଇଥିବା ଏନ୍‌ଆର୍‌ଏଆଇ ସ୍ପଷ୍ଟ କରିଛି।

# ଅଂଶଗ୍ରହଣ କରିବେ ୨୧ ଦଳ




ଖବରଦାତା ସମ୍ମିଳନୀରେ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ୨୯ରୁ**

ଭୁବନେଶ୍ୱର, ୨୭।୮
(ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ-ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୯ ତାରିଖରେ ଆରମ୍ଭ ହେବ। ୟୁନିଟ-୬ସ୍ଥିତ ସରକାରୀ ହାଇସ୍କୁଲ ପଡ଼ିଆରେ ଏହା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୨୧ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲା ସେଣ୍ଟ ଜାଭିଅର ସ୍କୁଲ କେଦାରଗୌରୀ, ୟୁନିଟ-୬ ସରକାରୀ ବାଳକ ହାଇସ୍କୁଲ, ଓଡିଏମ୍ ଗ୍ଲୋବାଲ ସ୍କୁଲ, ଆଇଆରସି ଭିଲେଜ ସରକାରୀ ହାଇସ୍କୁଲ, ଦିଲ୍ଲୀ ପବ୍ଲିକ୍ ସ୍କୁଲ, ୟୁନିଟ-୧ ସରକାରୀ ହାଇସ୍କୁଲ, ଚନ୍ଦ୍ରଶେଖରପୁର ଡିଏଭି, କଳିଙ୍ଗ ନଗର ଡିଏଭି, କଣ୍ଟାବାଡ଼ ହାଇସ୍କୁଲ, ବିଜେଇଏମ୍ ସ୍କୁଲ, କିସ୍ ସ୍କୁଲ, ଓଡିଏମ୍ ପବ୍ଲିକ୍ ସ୍କୁଲ, ଲୟୋଲା ଓଡ଼ିଆ ସ୍କୁଲ, ସେଣ୍ଟ ଜାଭିଅର ସ୍କୁଲ ଖଣ୍ଡଗିରି, ପୋଖରୀପୁଟ ଡିଏଭି, ୟୁନିଟ-୩ ସରକାରୀ ହାଇସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଟିଏସ୍‌ଜି ଗୁରୁକୂଳ, ସାଇ ରେସିଡେନ୍ସି, ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଓ ବିକାଶ ସ୍କୁଲ। ଭାଗ ନେଉଥିବା ଦଳ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏବର୍ଷ ଟୁର୍ନାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ଚଳିତ ବର୍ଷ ରାଜ୍ୟ ବାହାରୁ କେତେକ ଦଳକୁ ମିଶାଇ ଏକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନର ଯୋଜନା ରହିଛି ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର, ଯୁଗ୍ମ ସମ୍ପାଦକ ଗିରଜା ଶଙ୍କର ଦାସ, ଏମ୍.ଏସ. ରେଡ୍ଡୀ ଓ ଜିତେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏସିଆ କପ୍ ପାଇଁ ଆଫଗାନିସ୍ତାନ ଦଳ

କାବୁଲ, ୨୭।୮ (ପି.ଟି.)

ଆଗାମୀ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଏସିଆ କପ୍ ପାଇଁ ରବିବାର ୧୭ ଜଣିଆ ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ଅଲରାଉଣ୍ଡର କରିମ ଜନତ ୬ ବର୍ଷ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚୟନକର୍ତ୍ତାମାନେ ପୁରୁଖା ବାମହାତୀ

**୬ବର୍ଷ ପରେ ଫେରିଲେ କରିମ ଜନତ**




ବ୍ୟାଟର ନାଜିବୁଲ୍ଲା ଜାଦ୍ରାନଙ୍କୁ ଦଳରେ ସ୍ଥାନ ଦେଇଛନ୍ତି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ପାକିସ୍ତାନ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ଲାଗି ବାମହାତୀ ଦକ୍ଷ ବ୍ୟାଟର ହସ୍‌ମାତୁଲ୍ଲା ଶାହିଦୀଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଖେଳିଥିବା ଦୁଇ ଫାଷ୍ଟ ବୋଲର ମହମ୍ମଦ ସଲିମ ସାଫି ଓ ଅବ୍‌ଦୁଲ ରହମାନ ସେମାନଙ୍କ ସ୍ଥାନ ବଜାୟ ରଖିଥିବା ବେଳେ ଫରିଦ ଅହମ୍ମଦ ଓ ୱାଫାଦାର ମୋମାନ୍ଦ ଦଳରୁ ବାଦ୍‌ପଡ଼ିଛନ୍ତି। ଇଞ୍ଜୁରି ଯୋଗୁ ସିମ୍ ବୋଲିଂ ଅଲରାଉଣ୍ଡର ଅଜମ୍‌ତୁଲ୍ଲା ଓମାରଜାଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ସୂଚନାଯୋଗ୍ୟ ୬ ବର୍ଷ ପରେ ଦିନିକିଆ ଦଳକୁ ଫେରିଥିବା ୨୫ ବର୍ଷୀୟ ଜନତ ଜାତୀୟ ଟି୨୦ ଦଳର ସଦସ୍ୟ ରହି ଆସିଛନ୍ତି।

**ଆଫଗାନିସ୍ତାନ ଦଳ:** ହସ୍‌ମାତୁଲ୍ଲା ଶାହିଦୀ (ଅଧିନାୟକ), ରହମାନୁଲ୍ଲା ଗୁର୍‌ବାଜ (ଉଇକେଟକିପର), ଇବ୍ରାହିମ ଜାଦ୍ରାନ, ରିଆଜ ହସନ, ରହମତ ଶାହା, ନାଜିବୁଲ୍ଲା ଜାଦ୍ରାନ, ମହମ୍ମଦ ନାବି, କରିମ୍ ଜନତ, ଗୁଲ୍‌ବାଦିନ ନାଇବ୍, ରଶିଦ ଖାଁ, ଅବଦୁଲ୍ ରହମନ, ଶାରାଫୁଦ୍ଦିନ ଅଶ୍ରଫ, ମୁଜିବୁର ରେହମାନ, ନୁର ଅହମଦ, ମହମ୍ମଦ ସଲିମ ସାଫି ଓ ଫଜଲ ହକ୍ ଫାରୁକି।

# ଶୁଭମ ପ୍ରତୀକ ମିଶ୍ର ଚାମ୍ପିୟନ

ଭୁବନେଶ୍ୱର,୨୭।୮
(ସରୋଜ ଜେନା)

କଳିଙ୍ଗ ନଗର ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ୧୯ତମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଶୁଭମ ପ୍ରତୀକ ମିଶ୍ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୬ ରାଉଣ୍ଡର ମ୍ୟାଚ୍ ପରେ ଲୟୋଲା ସ୍କୁଲର ଶୁଭମ ପ୍ରତୀକ ୬ ପଏଣ୍ଟ ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆଦର୍ଶ କୁମାର ବରିହା ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପୋଖରୀପୁଟ ଡିଏଭି ସ୍କୁଲର ଶ୍ରେୟସ୍ କୁମାର ବେହୁରିଆ ସମାନ ୫ ପଏଣ୍ଟ ସ୍କୋର କରିଥିଲେ ମଧ୍ୟ ତୃତୀୟ ସ୍ଥାନରେ ରହିଛନ୍ତି। ୭ ବର୍ଷରୁ କମ୍ ବୟସ ବର୍ଗରେ ଦିବ୍ୟାଂଶ ମହାନ୍ତି, ୯ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଜଲ ସେନାପତି, ୧୧ ବର୍ଷରୁ କମ୍ ବୟସ ବର୍ଗରେ ନୈନିକା ସାହୁ, ୧୩ ବର୍ଷରୁ କମ୍ ବୟସ ବର୍ଗରେ ମିତ୍ରଭାନୁ ଖଟୁଆ ଓ ବାଳିକା ବର୍ଗରେ ନିୟତି ନିହାରିକା ମହାପାତ୍ର ପ୍ରଥମ ସ୍ଥାନ ହାସଲ କରିଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଏଭି କଳିଙ୍ଗ ନଗରର ଏକାଡେମିକ୍ ସୁପର ଭାଇଜର ଶର୍ମିଳା ଦାଶ, ପିଇଟି ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ କ୍ରୀଡା ବିଭାଗ ଶିକ୍ଷକ ଏ. ରବିଶଙ୍କର ଓ ମୁଖ୍ୟ ଲାଇବ୍ରେରିଆନ ସୁଜାତା ଦାସ ପ୍ରମୁଖ ଯୋଗ ଦେଇଥିଲେ।



ରାଜ୍ୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିଜେତା ଅତିଥିଙ୍କ ସହ।

# ମୋହନ ବାଗାନ ସେମିରେ

କୋଲକାତା, ୨୭।୮

ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମରେ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ତଥା ଅନ୍ତିମ କ୍ୱାର୍ଟରଫାଇନାଲରେ ମୋହନବାଗାନ ସୁପର ଜାଏଣ୍ଟ ୩-୧ ଗୋଲ୍‌ରେ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି। ଖେଳର ୯ମ ମିନିଟ୍‌ରେ ଜାସନ କୁମିଙ୍ଗ୍ସ ପେନାଲଟିକୁ ଗୋଲରେ ପରିଣତ କରି ମୋହନବାଗାନ ଦଳକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ତେବେ ମୁମ୍ବାଇ ସିଟି ଏଫ୍‌ସିର ଜର୍ଜ ପେରେରା ଡିଆଜ ୨୮ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ତେବେ ଦଳର ଖୁସି ସାମୟିକ ଥିଲା। ୩୦ତମ ମିନିଟ୍‌ରେ ହୁଗୋ ବୋମୋସଙ୍କ ଏକ କ୍ରସ୍‌ପାସ୍ ଗୋଲ୍‌ରେ ପରିଣତ କରି ମନବୀର ସିଂ ମୋହନବାଗାନକୁ ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ରେ ଅଗ୍ରଣୀ କରାଇଥିଲେ। ୬୩ତମ ମିନିଟ୍‌ରେ ଆଶିକ୍ କୁରୁନିୟାନଙ୍କ ସହାୟତାରେ ଅନୱର ଅଲି ବିଜୟୀ ଦଳ ପକ୍ଷରୁ ତୃତୀୟ ଗୋଲେ ସ୍କୋର କରିଥିଲେ। ମୋହନବାଗାନ ଅଗଷ୍ଟ ୩୧ରେ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲରେ ଏଫ୍‌ସି ଗୋଆ ସହ ମୁକାବିଲା କରିବ।



ଗୋଲ୍ ଦେବା ପରେ ଅନୱର ଅଲି।

# ଭୟ: ଏକ ବୈଜ୍ଞାନିକ ବିଶ୍ଳେଷଣ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ଭୟ ସମୟରେ ଉତ୍ପନ୍ନ ମୁକାବିଲା କିମ୍ବା ପଳାୟନ ପ୍ରତିକ୍ରିୟାକୁ ମସ୍ତିଷ୍କର ଲିମ୍ବିକ ବ୍ୟବସ୍ଥା ନିୟନ୍ତ୍ରିତ କରିଥାଏ। ଏହି ଅଂଶଟି ଆମିଗ୍ ଡାଲା, ହାଇଫୋଥାଲାମସ୍, ହିପୋକାମ୍ପସ୍ ଏବଂ ସେରିବ୍ରମ୍‌ର ତଳପଟେ ଥିବା ଥାଲାମସ୍‌ର ଉଭୟ ପାର୍ଶ୍ୱରେ ଅବସ୍ଥିତ ସିଙ୍ଗୁଲେଟ୍ ଗାଇରସ୍‌କୁ ନେଇ ଗଠିତ। ଏହି ବ୍ୟବସ୍ଥା ଦ୍ୱାରା ଆମ ଅନ୍ତଃସ୍ରାବୀ ଗ୍ରନ୍ଥୀ ଓ ସ୍ୱୟଂକ୍ରିୟ ସ୍ନାୟବିକ ସଂସ୍ଥା ପ୍ରଭାବିତ ହୋଇଥାଏ। ଆମ ମନସ୍ତାତ୍ତ୍ୱିକ ବିକୃତିକୁ ନିୟନ୍ତ୍ରଣରେ ରଖୁଥିବା ପ୍ରି ଫ୍ରଣ୍ଟାଲ କୋରଟେକସକୁ ମଧ ଏହା ସଂଯୋଜିତ କରି ରଖେ।''



ଭୟ ମଣିଷର ଏକ ସହଜାତ ପ୍ରବୃତ୍ତି। ଏପରି କୌଣସି ବ୍ୟକ୍ତି ନାହିଁ ଯାହା ମନରେ ଏହା କେବେ ନା କେବେ ସଞ୍ଚରିତ ନ ହୋଇଛି। ସାଧାରଣତଃ ଏହାକୁ 'ନିରାନନ୍ଦ ଭାବପ୍ରବଣତା' ବୋଲି ମନେକରାଯାଏ। ତେବେ ବେଳେବେଳେ ଏଥିରୁ ଆମେ ଆନନ୍ଦ ମଧ ପାଇଥାଉ, ଯେପରିକି ଭୟ ଉଦ୍ରେକକାରୀ ସିନେମା ଦେଖିବାରୁ। ଆମେ ଜାଣିଥାଉ ଯେ ଏହା ଆମ ପାଇଁ ବିପଦର କାରଣ ନୁହେଁ, ତଥାପି ଆମଠାରେ ଭୟର ଲକ୍ଷଣମାନ ପ୍ରକଟିତ ହୁଏ। ଏହି ଭୟ ଆମ ପାଇଁ ଉପଭୋଗ୍ୟ ହୁଏ।

ବିବର୍ତ୍ତନ କଥା ବିଚାରକୁ ନେଲେ ଏହା ହେଉଛି ଆମ ପ୍ରଜାତିର ସୃଷ୍ଟିକାଳୀନ ସାଥୀ ଏବଂ କେତେକ ଦୃଷ୍ଟିରୁ ଆମକୁ ତିଷ୍ଠି ରହିବାରେ ସାହାଯ୍ୟ କରିଆସିଛି। କାରଣ ହିଂସ୍ର ଜୀବଜନ୍ତୁ ତଥା ବିପଜ୍ଜନକ ପରିସ୍ଥିତିର ମୁକାବିଲା କିମ୍ବା ତାଙ୍କଠାରୁ ପଳାୟନ କରିପାରୁ ନ ଥିବା ପ୍ରଜାତିର ଶୀଘ୍ର ବିଲୁପ୍ତି ଘଟିଥାଏ। କିନ୍ତୁ ଭୟ ଆମକୁ ଏ ଦିଗରେ ପ୍ରରୋଚିତ କରି ସୁରକ୍ଷା ପ୍ରଦାନ କରିଥାଏ।

ଏହି ସମୟରେ ଆମ ଶ୍ୱାସକ୍ରିୟା ଏବଂ ହୃତ୍‌ସ୍ପନ୍ଦନ ପ୍ରଖର ହୁଏ। ଚର୍ମ ଆଦି ଶରୀରର ବାହ୍ୟଅଂଶର ରକ୍ତପେଟିକାମାନ ସଙ୍କୁଚିତ ହେଲାବେଳେ ବହୁ ଅତ୍ୟାବଶ୍ୟକ ଅଙ୍ଗଗୁଡ଼ିକର ଚତୁଃପାର୍ଶ୍ୱସ୍ଥ କେନ୍ଦ୍ରୀୟ ରକ୍ତପେଟିକାଗୁଡ଼ିକ ସମ୍ପ୍ରସାରିତ ହୋଇ ତାହାଙ୍କୁ ଅମ୍ଳଜାନ ଓ ପୁଷ୍ଟିଧାରଣ କରୁଥିବା ରକ୍ତରେ ପ୍ଳାବିତ କରନ୍ତି। ମାଂସପେଶୀ ଅଧିକ ରକ୍ତ ପ୍ରାପ୍ତ ହୁଅନ୍ତି ଏବଂ ଭୟ ପ୍ରତି ପ୍ରତିକ୍ରିୟା ପ୍ରକାଶ ଲାଗି ପ୍ରସ୍ତୁତ ହୋଇଯାଆନ୍ତି। ଏସମୟରେ ଚୟପୟନ ଦ୍ରୁତ ହେବାରୁ ରକ୍ତରେ ଗ୍ଲୁକୋଜର ସ୍ତର ହଠାତ୍ ବଢ଼ିଯାଏ ଏବଂ ତାହା ସମ୍ଭାବ୍ୟ ଆବଶ୍ୟକତା ପୂରଣ ଲାଗି ଶକ୍ତି ସଞ୍ଚୟ କରି ରଖନ୍ତି। ଅନ୍ୟପକ୍ଷରେ ରକ୍ତରେ କ୍ୟାଲସିୟମ ଏବଂ ଶ୍ୱେତ ରକ୍ତକଣିକା ଅଧିକ ହୋଇଯାଏ।

ଭୟ ସମୟରେ ଉତ୍ପନ୍ନ ମୁକାବିଲା କିମ୍ବା ପଳାୟନ ପ୍ରତିକ୍ରିୟାକୁ ମସ୍ତିଷ୍କର ଲିମ୍ବିକ ବ୍ୟବସ୍ଥା ନିୟନ୍ତ୍ରିତ କରିଥାଏ। ଏହି ଅଂଶଟି ଆମିଗ୍ ଡାଲା, ହାଇଫୋଥାଲାମସ୍, ହିପୋକାମ୍ପସ୍ ଏବଂ ସେରିବ୍ରମ୍‌ର ତଳପଟେ ଥିବା ଥାଲାମସ୍‌ର ଉଭୟ ପାର୍ଶ୍ୱରେ ଅବସ୍ଥିତ ସିଙ୍ଗୁଲେଟ୍ ଗାଇରସ୍‌କୁ ନେଇ ଗଠିତ। ଏହି ବ୍ୟବସ୍ଥା ଦ୍ୱାରା ଆମ ଅନ୍ତଃସ୍ରାବୀ ଗ୍ରନ୍ଥୀ ଓ ସ୍ୱୟଂକ୍ରିୟ ସ୍ନାୟବିକ ସଂସ୍ଥା ପ୍ରଭାବିତ ହୋଇଥାଏ। ଆମ ମନସ୍ତାତ୍ତ୍ୱିକ ବିକୃତିକୁ ନିୟନ୍ତ୍ରଣରେ ରଖୁଥିବା ପ୍ରି ଫ୍ରଣ୍ଟାଲ କୋରଟେକସକୁ ମଧ ଏହା ସଂଯୋଜିତ କରି ରଖେ। ଆମର କ୍ଷୁଧା, ଖୁସି, କ୍ରୋଧ ଓ ଉଦ୍‌ବେଗକୁ ହାଇପୋଥାଲାମସ୍ ନିୟନ୍ତ୍ରିତ କରିଥାଏ। ଏହାର ଅନ୍ୟ କାର୍ଯ୍ୟ ହେଲା ରକ୍ତ ଚାପ, ହୃତ୍‌ସ୍ପନ୍ଦନ ଓ ଆବେଗକୁ ସନ୍ତୁଳିତ ରଖିବା। ହଠାତ୍ କୌଣସି ବିପଦର ସମ୍ମୁଖୀନ ହେଲେ, ମାନସିକ ଚାପଗ୍ରସ୍ତ ହେଲେ କିମ୍ବା ଉତ୍ତେଜିତ ହେଲେ ତାକୁ ପ୍ରତିହତ କରିବା କିମ୍ବା ସେଠାରୁ ପଳାୟନ କରିବା ଲାଗି ଉତ୍ପ୍ରେରିତ କରିବା କାମ ହେଲା ଆମିଗଡାଲାର। ଏହା ହାଇପୋଥାଲାମସ୍‌କୁ ଏ ସମ୍ପର୍କରେ ସୂଚନା ଦିଏ। ଅନ୍ୟପକ୍ଷରେ ହାଇପୋଥାଲାମସ୍ ସକ୍ରିୟ କରେ ପିଟ୍ୟୁଟାରୀ ଗ୍ରନ୍ଥୀକୁ। ଫଳରେ ତହିଁରୁ ଆଡ୍ରେନୋକୋରଟିକୋଟ୍ରାପକ୍ ହର୍‌ମୋନର କ୍ଷରଣ ଘଟେ।

ଏହି ସମୟରେ ଆମ ସ୍ନାୟୁ ବ୍ୟବସ୍ଥାର ଏକ ଅଂଶବିଶେଷ ହୋଇଥିବା ଏବଂ ମୁକାବିଲା କିମ୍ବା ପଳାୟନ ପ୍ରତିକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସମ୍ବେଦନଶୀଳ ସ୍ନାୟୁବ୍ୟବସ୍ଥା ଆଡେନାଲ୍ ଗ୍ରନ୍ଥୀକୁ ସକ୍ରିୟ କରେ। ଏହାଦ୍ୱାରା ଏପିନେଫ୍ରିନ୍ ବା ଆଡ୍ରେନାଲିନ୍ ଏବଂ କାଟେକୋଲାମିନ୍ ଜାତୀୟ ହର୍‌ମୋନଗୁଡ଼ିକୁ ରକ୍ତସ୍ରୋତରେ ବୃଦ୍ଧି ପାଇବାକୁ ପ୍ରୋତ୍ସାହନ ଦିଏ। ପୁନଶ୍ଚ ଆଡ୍ରେନୋ କୋରଟିକୋଟ୍ରୋପିକ୍ ହର୍‌ମୋନ ଦ୍ୱାରା ପ୍ରରୋଚିତ ହୋଇ ଶରୀର ମଧ୍ୟରେ କୋର୍ଟିସଲର ମଧ କ୍ଷରଣ ଘଟେ। ଫଳରେ ରକ୍ତଚାପ, ରକ୍ତ ଶର୍କରା (ସୁଗାର) ଏବଂ ରକ୍ତରେ ଶ୍ୱେତକଣିକା ଅଧିକ ହୁଏ। ରକ୍ତରେ ସଞ୍ଚାଳିତ ହେଉଥିବା କୋର୍ଟିସଲ୍ ଆବଶ୍ୟକସ୍ଥଳେ ମାଂସପେଶୀର ବ୍ୟବହାର ପାଇଁ ମେଦାମ୍ଳଗୁଡ଼ିକୁ ଶକ୍ତିରେ ମଧ୍ୟ ରୂପାନ୍ତର କରେ।


ଏପିନେଫ୍ରିନ୍ ଏବଂ ନରଏପିନେଫ୍ରିନ୍ ଭଳି କାଟେକୋଲାମିନ୍ ଶ୍ରେଣୀର ହର୍‌ମୋନ ମାଂସପେଶୀକୁ ପ୍ରଚଣ୍ଡ ଭାବେ କାର୍ଯ୍ୟ କରିବା ଲାଗି ପ୍ରସ୍ତୁତ କରିଥା'ନ୍ତି। ସେଗୁଡ଼ିକ ଆମ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ପାକସ୍ଥଳୀ ଓ ଅନ୍ତନଳୀମାନଙ୍କ ସକ୍ରିୟତାକୁ ପ୍ରଭାବିତ କରନ୍ତି। ଫଳରେ ଆମଠାରେ ପ୍ରକଟିତ ହୁଏ ଛାତି ଧଡ଼ପଡ଼ ହେବା, ଘନ ଘନ ନିଃଶ୍ୱାସ ନେବା, ଶରୀରରୁ ଝାଳ ବୋହିବା, ତଣ୍ଟି ଶୁଖିଯିବା ଆଦି ଭୟର ନାନାଦି ଲକ୍ଷଣ। ଏ ସମସ୍ତ ଆମ ଧମନୀକୁ ପ୍ରସାରିତ କରେ ଏବଂ ଶ୍ରବଣ ଶକ୍ତି ହ୍ରାସ ମଧ ହୁଏ।

ସ୍ମରଣ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ମସ୍ତିଷ୍କର ହିପୋକାମ୍ପସ୍ ଏବଂ ଉଚ୍ଚସ୍ତରୀୟ ନିଷ୍ପତ୍ତି ନେବାରେ ସହାୟତା କରୁଥିବା ପ୍ରି ଫ୍ରଣ୍ଟାଲ୍ କୋର୍‌ଟେକସ୍ ମଧ ଭୟ ପ୍ରତି ଆମର ପ୍ରତିକ୍ରିୟାରେ ଅନ୍ୟ ପ୍ରକାର ଅଂଶଗ୍ରହଣ କରନ୍ତି। ଏହା ବାସ୍ତବ ଓ ଯୁକ୍ତିଯୁକ୍ତ କି ଘଟଣାଟି ପ୍ରତି ଆମେ ଅନାବଶ୍ୟକ ଭାବେ ଅଧିକ ପ୍ରତିକ୍ରିୟା ପ୍ରଦର୍ଶନ କରୁଛୁ ତାହା ବୁଝିବାରେ ସେଗୁଡ଼ିକ ସାହାଯ୍ୟ କରନ୍ତି। ଯଦି ହିପୋକାମ୍ପସ୍ ଏବଂ ପ୍ରି ଫ୍ରଣ୍ଟାଲ୍ କୋରଟେକାସ୍ ନିର୍ଣ୍ଣୟ କରନ୍ତି ଯେ ଏହା ଅତିରଞ୍ଜିତ, ତା'ହେଲେ ସେଗୁଡ଼ିକ ତାହାକୁ ଫେରାଇ ଆଣିପାରିବେ ଏବଂ ଆମିଗଡାଲ ସକ୍ରିୟତାକୁ ହ୍ରାସ କରିପାରିବେ। ଅତଏବ ଆମ ଡର କମିଯିବ। ଆମେ ଭୀତପ୍ରଦ ସିନେମା ଦେଖି ଡରିବା ପରିବର୍ତ୍ତେ ଏହାକୁ ଉପଭୋଗ କରିବାର ଏହା ହେଉଛି କାରଣ।

ଉଭୟ ସ୍ନାୟବିକ ଦିଗଗୁଡ଼ିକ ଉଦ୍‌ଘାଟନ ପାଇଁ ଏବେ ପରୀକ୍ଷା ନିରୀକ୍ଷା ତଥାପି ଚାଲିଛି। ସମ୍ଭବତଃ ଆଗାମୀ ଦିନମାନଙ୍କରେ ବୈଜ୍ଞାନିକମାନେ ଏଥିରେ ସଫଳତା ହାସଲ କରିପାରିବେ। ସେତେବେଳେ ଆମର ଅଯଥା ଭୟର ନିୟନ୍ତ୍ରଣ ଏବଂ ଆବଶ୍ୟକସ୍ଥଳେ ନିବାରଣ ଲାଗି ଚିକିତ୍ସା ସମ୍ଭବ ହେବ।


-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଭିଟାମିନ୍ 'ସି'




ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା। ଏହାକୁ ଦୃଢ଼ ରଖିବାରେ ଭିଟାମିନ୍ 'ସି'ର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରିବା ନିହାତି ଦରକାର। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚୁ, ଷ୍ଟ୍ରବେରୀ, କମଳା ଆଦିରେ ଏହି ଭିଟାମିନ ଭରି ରହିଛି। ଏହାର ଆହୁରି ଉପକାରୀ ଗୁଣ ରହିଛି। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡ୍‌ର ସ୍ତରକୁ ମଧ ଏହା ସନ୍ତୁଳିତ ରଖେ। ଆମ ଶରୀର ଆବଶ୍ୟକ କରୁଥିବା ୟୁରିକ୍ ଏସିଡ୍‌ର ପରିମାଣକୁ ମଧ ଏହା ପୂରଣ କରିଥାଏ।

## ପାଟିରେ ଘା' ହୋଇଥିଲେ...



ପାଟିରେ ଘା' ହେବାର ଅନେକ କାରଣ ରହିଛି। ଯଦି ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଲା ଏବଂ ତାହାର ଠିକ୍ ଉପଚାର ନ ହେଲା ତେବେ ତାହା କ୍ୟାନ୍‌ସରରେ ରୂପାନ୍ତରିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ପ୍ରାରମ୍ଭରୁ ଏଥିପ୍ରତି ସତର୍କ ହେବା ଆବଶ୍ୟକ। ତା' ସହ ଠିକ୍ ସମୟରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ। ଯେତେବେଳେ ଶରୀରରେ ଭିଟାମିନ୍ 'ବି' ପରିମାଣ କମିଯାଏ, ସେତେବେଳେ ପାଟିରେ ଘା' ହେବାର ଆଶଙ୍କା ରହିଛି। ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଆମେ ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଇବା ଦରକାର। ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ ପାଟିରେ ଘା' ହେବାର ଆଶଙ୍କା ରହିଛି। ତେଣୁ ପାଟି ଯେମିତି ଅଧିକାଂଶ ସମୟ ଶୁଖିଲା ନ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇଲେ ତାହା ମଧ ପାଟିରେ ଘା' ସୃଷ୍ଟି କରିଥାଏ। ବିଶେଷଭାବରେ ନିୟମିତ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପାଟିକୁ ଭଲ ଭାବେ ସଫା କରନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ ଦୂରେଇ ରୁହନ୍ତୁ। ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଫ୍ୟାଟ୍‌ଜାତୀୟ ଖାଦ୍ୟ ଓ ଷ୍ଟ୍ରୋକ୍ ଆଶଙ୍କା



ଆଜିକାଲି ଅନେକ ଲୋକ ନିଜର ଅନିୟନ୍ତ୍ରିତ ଖାଦ୍ୟଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ କିମ୍ବା ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଇଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। ତନ୍ମଧ୍ୟରୁ ଷ୍ଟ୍ରୋକ୍ ଅନ୍ୟତମ। ଆମେରିକାନ୍ ହାର୍ଟ ଆସୋସିଏଶନ୍ ସାଇଣ୍ଟିଫିକ୍ ସେସନ୍ ତରଫରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଆବଶ୍ୟକ ଫ୍ୟାଟ୍ ଥିବା ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ସ୍ୱାସ୍ଥ୍ୟ ସମସାକୁ ଆମେ ନିୟନ୍ତ୍ରଣ କରିପାରିବା। ହେଲେ ଅଧିକ ମାଂସ କିମ୍ବା ନନ୍ ଡାଏଟେରି ଖାଦ୍ୟ ଶରୀରରେ ଚର୍ବି ବଢ଼ାଇବା ସହ ହାର୍ଟ ଉପରେ କୁପ୍ରଭାବ ପକାଇଥାଏ। ଫଳରେ ଉଚ୍ଚ ରକ୍ତଚାପ ହେବାର ମଧ ଆଶଙ୍କା ରହିଛି। ସବୁଜ ତଥା ତଟକା ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ଖାଦ୍ୟ ଖାଇବା ଦ୍ୱାରା ଆମର ଷ୍ଟ୍ରୋକ୍ ସମସ୍ୟା ଠାରୁ କେତେକାଂଶରେ ନିଜକୁ ଦୂରେଇ ରଖି ପାରିବା। ଏ ନେଇ ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ଦୃଷ୍ଟି ଦେବା ନିହାତି ଦରକାର।

## ସେଲ୍ ବିଷୟରେ ସୂଚନା ଦେବ ଡିଭାଇସ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ଅନେକ ପ୍ରକାର ନୂଆ ନୂଆ ପ୍ରଣାଳୀ ଉଦ୍ଭାବନ ହେଉଛି। ସେଗୁଡିକୁ ଉପଯୋଗ କରି କେତେକ ଜଟିଳ ରୋଗର ସହଜ ଉପଚାର କରାଯାଇପାରୁଛି। ନିକଟରେ ଆମେରିକୀୟ ବିଶେଷଜ୍ଞମାନେ ଏକ ପ୍ରକାର ହାଇଟେକ୍ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ମଣିଷ ଶରୀର ଭିତରେ ଥିବା କୋଷ (ସେଲ୍) ବିଷୟରେ ଅନେକ କଥା ଜାଣି ହେବ ବୋଲି ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି। ଉକ୍ତ ଡିଭାଇସ୍‌ଟି ତାରବିହୀନ। ଏହାକୁ ହାତରେ ବାନ୍ଧିବା ପରେ କମ୍ପ୍ୟୁଟର ସାହାଯ୍ୟରେ ତାହାର ଗତିବିଧିକୁ ତର୍ଜମା କରାଯାଇଥାଏ। କେବଳ ଜୀବନ୍ତ ନୁହେଁ, ମୃତ କୋଷ ବିଷୟରେ ମଧ ଉକ୍ତ ଡିଭାଇସ୍ ସୂଚନା ଦେଇପାରିବ।



## ସ୍ୱାସ୍ଥ୍ୟ ସୂଚନା

➤ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ସକ୍ରିୟ ରହିଥାଏ।

➤ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ।


➤ଖାଉଥିବା ଖାଦ୍ୟରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ଫଳ ସାମିଲ୍ କରନ୍ତୁ, ଯାହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।

➤ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଆପଣ ଚାହିଁଲେ, ସୋସିଆଲ୍ ମିଡ଼ିଆକୁ ମଧ ବ୍ୟବହାର କରିପାରିବେ। ଏହା ମାନସିକ ଶାନ୍ତି ପ୍ରଦାନ କରିବ।

➤ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ଯୋଗ, ପ୍ରାଣାୟମ, ବ୍ୟାୟାମ ଦ୍ୱାରା କମାଇପାରିବେ। ଡାକ୍ତରଙ୍କ ସହ ବି ନିୟମିତ ସମୟ ବ୍ୟବଧାନରେ ପରାମର୍ଶ କରନ୍ତୁ।

➤ଯେ କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। ମଝିରେ ମଝିରେ ବିରତି ନିଅନ୍ତୁ। ଏହାଦ୍ୱାରା ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।

➤ବାହାର ଜିନିଷ କେବେ ବି ଖାଆନ୍ତୁ ନାହିଁ। ଏହା ଶରୀରରେ ଏସିଡିଟି ସୃଷ୍ଟି କରିପାରେ। ତେଣୁ ଯଥାସମ୍ଭବ ଏହାଠାରୁ ଦୂରେଇ ରୁହନ୍ତୁ।




## ସୌରଜଗତକୁ ବୁଝିବାରେ 'ଭୋୟେଜର-୨'ର ଭୂମିକା

ସୌରଜଗତର ଆଠଟି ଗ୍ରହ ମଧ୍ୟରୁ ୪ଟି ଗ୍ରହ-ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ସାଧାରଣତଃ ପଥୁରିଆ ଉପାଦାନକୁ ନେଇ ଗଠିତ ହୋଇଥିଲା ବେଳେ ଗ୍ରହାଣୁପୁଞ୍ଜ ପରେ ରହିଥିବା ବୃହସ୍ପତି, ଶନି, ୟୁରାନସ୍ ଓ ନେପ୍‌ଚୁନ୍ ଗ୍ରହଗୁଡ଼ିକର ଗଠନ ଧାରା ଭିନ୍ନ ଧରଣର। ସେଗୁଡ଼ିକ ଆମ ପୃଥିବୀଠାରୁ ବହୁ ଦୂରରେ ରହିଥିବାରୁ ପୃଥିବୀ ପୃଷ୍ଠରୁ ସେମାନଙ୍କ ବିଷୟରେ ଅଧିକ ଜାଣିବା ୪୬ ବର୍ଷ ପୂର୍ବରୁ ସମ୍ଭବ ହୋଇପାରି ନ ଥିଲା। ସେମାନଙ୍କୁ ଅତି ନିକଟରୁ ଚିହ୍ନିବା, ବୁଝିବା ଓ ସେଗୁଡ଼ିକର କ୍ରମବିକାଶ ସମ୍ବନ୍ଧରେ ଠିକ୍ ଧାରଣା ପାଇବା ଉଦ୍ଦେଶ୍ୟରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଦ୍ୱାରା ଏକକାଳୀନ ଦୁଇ ଦୁଇଟା 'ଭୋୟେଜର' ମହାକାଶଯାନ ସେହି ବହିଃଗ୍ରହଗୁଡ଼ିକ ଅଭିମୁଖେ ପଠାଯାଇଥିଲା। ମହାକାଶଯାନ ଦୁଇଟିର ନାମ ଥିଲା – 'ଭୋୟେଜର-୧' ଓ 'ଭୋୟେଜର-୨'। ପ୍ରତ୍ୟେକ 'ଭୋୟେଜର' ମହାକାଶଯାନର ବସ୍ତୁତ୍ୱ ଥିଲା ୮୧୫ କିଲୋଗ୍ରାମ୍। ୧୯୭୭ ମସିହା ଅଗଷ୍ଟ ୨୦ ତାରିଖରେ 'ଭୋୟେଜର-୨' ଓ ସେପ୍ଟେମ୍ବର ୫ ତାରିଖରେ 'ଭୋୟେଜର-୧' ଯାନକୁ ଗ୍ରହାଣୁପୁଞ୍ଜ ବାହାରେ ରହିଥିବା ଗ୍ରହଗୁଡ଼ିକ ଅଭିମୁଖେ ଉତ୍‌କ୍ଷେପଣ କରାଯାଇଥିଲା। ଏକାଧାରରେ ଦଶଟି ବୈଜ୍ଞାନିକ ପରୀକ୍ଷଣ କରାଯିବାର ଲକ୍ଷ୍ୟ ରଖି ତଦନୁସାରେ ସେଥିରେ ଆଧୁନିକ ଯନ୍ତ୍ରପାତିମାନ ଖଞ୍ଜାଯାଇଥିଲା। ମହାକାଶଯାନ ଦୁଇଟି ମଧ ସୁଚାରୁରୂପେ ସେମାନଙ୍କର ଗୁରୁଦାୟିତ୍ୱ ସମ୍ପାଦନ କରିଥିଲେ।

'ଭୋୟେଜର-୨' ମହାକାଶଯାନ ସବୁଠାରୁ ଅଧିକ ସମୟ ଆମ ନିୟନ୍ତ୍ରଣ ମଧ୍ୟରେ ରହି କାମ କରୁଛି ଏବଂ ଆମଠାରୁ ଅନେକ ଦୂରକୁ ଯାଇପାରିଛି। ୧୯୭୯ ମସିହାରେ 'ଭୋୟେଜର-୨' ମହାକାଶଯାନ ବୃହସ୍ପତିର ଚର୍ଚ୍ଚିତ 'ଆଇ-ଓ' ଉପଗ୍ରହର ଉଭୟ ମେରୁର ଫଟୋ ଉଠାଇଥିଲା। ଫଟୋଚିତ୍ରଗୁଡ଼ିକର ବିଶ୍ଳେଷଣ ଓ ତୁଳନା ପୂର୍ବକ ଏହି ଉପଗ୍ରହରେ କେତେକ ଜୀବନ୍ତ ଓ କେତେକ ସୁପ୍ତ ଆଗ୍ନେୟଗିରି ରହିଥିବା ଜଣାପଡ଼ିଲା। ପ୍ରଥମଥର ପାଇଁ ପୃଥିବୀ ବାହାରେ ଆଇ-ଓ ଉପରେ ନଅଟି ଜୀବନ୍ତ ଆଗ୍ନେୟଗିରିର ସନ୍ଧାନ ମିଳିଥିଲା। ତା' ସହିତ ସେଥିରୁ ନିର୍ଗତ ଉତ୍ତପ୍ତ ଲାଭା ଓ ସଲ୍‌ଫର ଡାଇଅକ୍ସାଇଡ୍ ଗ୍ୟାସ୍ ଦ୍ୱାରା ପ୍ରଦୂଷିତ ପରିବେଶ ବିଷୟରେ ମଧ ଅନେକ ସୂଚନା ମିଳିଥିଲା। ଭୋୟେଜର ମିଶନ ଦ୍ୱାରା ହିଁ ଜଣାଗଲା ଯେ ବୃହସ୍ପତିର ପୃଷ୍ଠଦେଶରେ ଦେଖାଯାଉଥିବା 'ଗ୍ରେଟ୍ ରେଡ୍ ସ୍ପଟ୍' ହେଉଛି ପ୍ରକୃତରେ ଏକ ବିଶାଳ ଝଡ଼। ଭୋୟେଜର ଯାନଦୁଇଟି ଦେଖିବାକୁ ପାଇଥିଲେ ଯେ ବୃହସ୍ପତିର ବାୟୁମଣ୍ଡଳୀୟ ମେଘମାଳାରେ ଅନବରତ ଘୂର୍ଣ୍ଣିବାତ୍ୟା ସୃଷ୍ଟିହେଉଛି। ଏହି ବିଶାଳ ଗ୍ରହର ପୃଷ୍ଠଦେଶରୁ ପ୍ରାୟ ୯୯,୦୦୦ କି.ମି. ଉଚ୍ଚତାରେ ମୁଖ୍ୟତଃ ଧୂଳିକଣାରେ ଗଠିତ ୩୦,୦୦୦ କି.ମି. ଓସାରର ବଳୟ କ୍ଷେତ୍ରକୁ ମଧ ଠାବ କରାଯାଇ ପାରିଥିଲା।

''ଭୋୟେଜର-୨ ମହାକାଶଯାନ ସବୁଠାରୁ ଅଧିକ ସମୟ ଆମ ନିୟନ୍ତ୍ରଣ ମଧ୍ୟରେ ରହି କାମ କରୁଛି ଏବଂ ଆମଠାରୁ ଅନେକ ଦୂରକୁ ଯାଇପାରିଛି। ୧୯୭୯ ମସିହାରେ 'ଭୋୟେଜର-୨' ମହାକାଶଯାନ ବୃହସ୍ପତିର ଚର୍ଚ୍ଚିତ 'ଆଇ-ଓ' ଉପଗ୍ରହର ଉଭୟ ମେରୁର ଫଟୋ ଉଠାଇଥିଲା।''



ଶନିଗ୍ରହ ସମ୍ପର୍କରେ ଅଧିକ କିଛି ଜଣାପଡ଼ିଥିଲା ଭୋୟେଜର ମିଶନ ପରେ। ଏହି ଗୁରୁତ୍ୱପୂର୍ଣ୍ଣ ମିଶନ ଦ୍ୱାରା ଜଣାଗଲା ଯେ, ଶନିର ବଳୟଗୁଡ଼ିକ ଖୁବ୍ ପ୍ରଶସ୍ତ ଏବଂ ସେଗୁଡ଼ିକ ପଥର, ଗ୍ୟାସ୍ ତଥା ବରଫ ଭଳି ପଦାର୍ଥକୁ ନେଇ ତିଆରି। ଏଥିରେ ପ୍ରାୟ ଏକ ଲକ୍ଷ ପୃଥକ୍ ପୃଥକ୍ କ୍ଷୁଦ୍ର ବଳୟ ରହିଥିଲେ ବି ସମୁଦାୟ ବଳୟଗୁଚ୍ଛକୁ ଡି, ସି, ବି, ଏ, ଏଫ୍, ଜି ଓ ଇ ବଳୟରେ ବିଭକ୍ତ କରାଯାଇଛି। ବି ଓ ଏ ବଳୟ ମଧ୍ୟରେ ୪,୮୦୦ କିଲୋମିଟର ସ୍ପଷ୍ଟ ବ୍ୟବଧାନକୁ 'କାସିନି-ବ୍ୟବଧାନ' କୁହାଯାଏ। ୧୯୮୧ ମସିହାରେ 'ଭୋୟେଜର-୨' ମହାକାଶଯାନଟି ଶନିଗ୍ରହକୁ ଅତିକ୍ରମ କରିବା ଅବସରରେ ୮୯ ଲକ୍ଷ କି.ମି. ଦୂରତାରୁ ଏହି ଅପୂର୍ବ ଦୃଶ୍ୟର ଚିତ୍ରୋତ୍ତୋଳନ କରିବାକୁ ସମର୍ଥ ହୋଇଥିଲା। ଶନିର ବାୟୁମଣ୍ଡଳ ଓ ବୃହସ୍ପତିର ବାୟୁମଣ୍ଡଳ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଥିବା ଲକ୍ଷ୍ୟ କରାଗଲା। ଏଥିସହିତ ଶନିର ଉପଗ୍ରହ ଏନ୍ସିଲାଡସ୍ ପୃଷ୍ଠରେ ବିରାଟ ବିରାଟ ବିଚ୍ୟୁତି(ଫଲ୍ଟ୍) ଓ ଉପତ୍ୟକାମାନ ଥିବା ଜଣାପଡ଼ିଲା।

'ଭୋୟେଜର-୨' ମହାକାଶଯାନଟି ୧୯୮୬ ମସିହା ଜାନୁୟାରୀ ୨୪ ତାରିଖରେ ୟୁରାନସ୍ ଗ୍ରହର ନିକଟତର ହୋଇଥିଲା। ଏହି ଅବସରରେ ଏହି ଗ୍ରହର ଅନେକ ବଳୟର ଆବିଷ୍କାର କରିବା ସଙ୍ଗେ ସଙ୍ଗେ ଦଶଗୋଟି ନୂତନ ଉପଗ୍ରହର ସନ୍ଧାନ ଦେଇଥିଲା। 'ଭୋୟେଜର-୨' ମଧ ୟୁରାନସ୍ ଗ୍ରହର ଚୁମ୍ବକୀୟକ୍ଷେତ୍ର ବିଷୟରେ ସର୍ବପ୍ରଥମେ ସୂଚନା ପ୍ରଦାନ କରିଥିଲା, ଯାହାକି ଆଗରୁ ଜଣାଯାଇ ନ ଥିଲା। ଏହାଛଡ଼ା ଏହାର ଏକ ଉପଗ୍ରହ 'ମିରାଣ୍ଡା'ର ପୃଷ୍ଠଦେଶରେ ପ୍ରାୟ ୨୦ କିଲୋମିଟର ଗଭୀର ଉପତ୍ୟକା ଥିବାର ସୂଚନା ମିଳିଥିଲା। ୟୁରାନସ୍ ଗ୍ରହର ସମସ୍ତ ନଅଟି ବଳୟ ବିଷୟରେ ମଧ ଜଣାପଡ଼ିଲା। ଫଟୋଚିତ୍ରରୁ ଯାହା ଜଣାଗଲା, ବୃହସ୍ପତି ଓ ଶନିର ବଳୟରେ ଥିବା ଉପାଦାନଗୁଡ଼ିକଠାରୁ ୟୁରାନସ୍‌ର ବଳୟ ବଡ଼ ବଡ଼ ଖଣ୍ଡ ଉପାଦାନରେ ଗଠିତ।

ନେପ୍‌ଚୁନ ଗ୍ରହର ଫଟୋଚିତ୍ରରୁ ଏହାର ବାୟୁମଣ୍ଡଳରେ ମିଥେନ୍ ଓ ଉପର ଅଞ୍ଚଳରେ ଘନ ମେଘମାଳା ରହିଥିବା ଦେଖାଗଲା। ୟୁରାନସ୍ ଭଳି ନେପ୍‌ଚୁନ ଗ୍ରହର ମଧ ବଳୟ ରହିଥିବାର ପ୍ରମାଣ ମିଳିଲା। ଗ୍ରହପୃଷ୍ଠରେ କେତେକ 'ସ୍ପଟ୍' ସହିତ ଏହାର ବାୟୁମଣ୍ଡଳରେ ୨୦୦୦ କି.ମି. ବେଗରେ ଗତିଶୀଳ ପବନ ସମ୍ପର୍କରେ ସୂଚନା ମିଳିଲା। ଅନ୍ୟ ଯେକୌଣସି ଗ୍ରହର ବାୟୁମଣ୍ଡଳୀୟ ପବନସ୍ରୋତ ତୁଳନାରେ ଏହା ଅଧିକ ଶକ୍ତିଶାଳୀ ଅଟେ। ୧୯୮୯ ମସିହାରେ 'ଭୋୟେଜର-୨' ନେଇଥିବା ଫଟୋଚିତ୍ରରୁ ନେପ୍‌ଚୁନ ଗ୍ରହର ବୃହତମ ଉପଗ୍ରହ ଟ୍ରିଟନ୍ ସମ୍ବନ୍ଧରେ କେତେକ ନୂତନ ତଥ୍ୟ ମଧ୍ୟ ହସ୍ତଗତ ହୋଇପାରିଲା। ପ୍ରାୟତଃ ଯବକ୍ଷାରଜାନ ଓ ମିଥେନ୍‌ର ବରଫରେ ଗଠିତ ଟ୍ରିଟନ୍ ଉପଗ୍ରହର ପୃଷ୍ଠତଳ ସେତେ ମାତ୍ରାରେ ଗର୍ତ୍ତମୟ ନ ଥିଲା। ଆମ ସୌରଜଗତର ସୁଦୂର ଅଞ୍ଚଳ ଉପରେ ସର୍ବପ୍ରଥମେ ସମ୍ୟକ୍ ଧାରଣା ପ୍ରଦାନ କରିବା କ୍ଷେତ୍ରରେ 'ଭୋୟେଜର-୨' ମହାକାଶଯାନର ଭୂମିକା ଅତୁଳନୀୟ।

# ଦେବାଶିଷଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୨୭।୮
(ବିଜୟ ରଣା)

ରାଜ୍ୟର ବିଶିଷ୍ଟ ଟେନିସ ଖେଳାଳି ଦେବାଶିଷ ସାହୁ ୩୧ତମ ଏକଲବ୍ୟ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଥିବା ରବିବାର ଘୋଷଣା କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ତାଙ୍କୁ ୫ ଲକ୍ଷ ଟଙ୍କା ଏବଂ ମାନପତ୍ର ସହ ସମ୍ମାନିତ କରାଯିବ। ଦେବାଷିଷ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟକୁ ଗୌରବନ୍ୱିତ କରିଛନ୍ତି। ପୁରସ୍କାର ଜୁରି କମିଟି ରବିବାର ଆହୁରି ମଧ୍ୟ ଆଥଲେଟ ବାପି ହାଁସ୍‌ଦା ଏବଂ ଭାରୋତ୍ତୋଳକ ଜ୍ୟୋତ୍ସ୍ନା ସବରଙ୍କୁ ଉପ ବିଜେତା ଭାବେ ମନୋନୀତ କରିଛି। ଉଭୟେ ମାନପତ୍ର ସହ ୧ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାରରେ ସମ୍ମାନିତ ହେବେ। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ୧୯୯୩ ମସିହାରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଓଡ଼ିଶାର ଏହା ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଭାବେ ପରିଚିତ। କ୍ରୀଡ଼ା କ୍ଷେତ୍ରରେ ବିଗତ ଦୁଇ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକୁ ଆଧାର କରି ଯୁବ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷର ଏକଲବ୍ୟ ପୁରସ୍କାର ବିଜେତାଙ୍କ ନାମ ଘୋଷଣା ଅବସରରେ 'ଇମ୍ପାକ୍ଟ'ର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଥିଲେ, ଏହି ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିବା ହେଉଛି ଆମର ମୂଳ ଲକ୍ଷ୍ୟ। ପୁରସ୍କାର କମିଟି ଅଧ୍ୟକ୍ଷ କିଶୋର ମୋହନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଦେବାଶିଷ ସାହୁ

# ଥାଇଲାଣ୍ଡକୁ ହରାଇଲା ଭାରତ


ଭାରତ-ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**୫ଏ-ସାଇଡ୍ ମହିଳା ଏସିଆନ୍ ହକି**

ସାଲେ(ଓମାନ), ୨୭।୮(ପି.ଟି.)

ମହିଳା ୫ଏ-ସାଇଡ୍ ଏସିଆନ ହକି ବିଶ୍ୱକପ୍ କ୍ୱାଲିଫାୟର୍ସରେ ଭାରତର ଅପରାଜେୟ ଧାରା ବଜାୟ ରହିଛି। ଦଳ ରବିବାର ଟୁର୍ନାମେଣ୍ଟରେ ଏହାର ତୃତୀୟ ମ୍ୟାଚରେ ଥାଇଲାଣ୍ଡକୁ ୫-୪ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ନବଜୋତ କୌର (୧ମ ମିନିଟ), ମୋନିକା ଦିପି ଟୋପୋ (୭ମ), ମହିମା ଚୌଧାରୀ (୨୦ତମ) ଏବଂ ଅଜମିନା କୁଜୁର (୩୦ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ଥାଇଲାଣ୍ଡ ତରଫରୁ ଗୋଲ୍ ଦେଇଥିଲେ ପିରେସରାମ୍ ଆନଙ୍ଗନାତ୍ (୩ୟ), ଅନ୍‌ଜାଇ ସାଥାକରନ (୧୦ମ, ୧୪ତମ) ଏବଂ ସୁୱାପାତ୍ କୋନ୍‌ଥଙ୍ଗ୍ (୧୯ତମ)। ପୂର୍ବରୁ ଭାରତ ଶୁକ୍ରବାର ଏହାର ପ୍ରଥମ ଗେମ୍‌ରେ ମାଲେସିଆକୁ ୭-୨ ଗୋଲ୍‌ରେ ଏବଂ ଶନିବାର ରାତିରେ ଦ୍ୱିତୀୟ ମ୍ୟାଚରେ ଜାପାନକୁ ୭-୧ ଗୋଲ୍‌ରେ ହରାଇ ଦେଇଥିଲା।

## ଆଜିଠୁ ଖେଲୋ ଇଣ୍ଡିଆ ରାଜ୍ୟସ୍ତରୀୟ ଉଷୁ ମହିଳା ଲିଗ

**ଭୁବନେଶ୍ୱର, ୨୭।୮ (ସରୋଜ ଜେନା):** ଓଡ଼ିଶାରେ ପ୍ରଥମ ଥର ହେବାକୁ ଯାଉଛି ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ମହିଳା ଲିଗ୍। ଝାରସୁଗୁଡାର ବେଲପାହାଡସ୍ଥିତ ଜୁବୁଲି ହଲରେ ଏହି ଟୁର୍ନାମେଣ୍ଟ ସୋମବାରଠାରୁ ହେବ। ଓଡ଼ିଶା ଉଷୁ ଆସୋସିଏଶନ୍ ଓ ଝାରସୁଗୁଡା ଜିଲା ଉଷୁ ଆସୋସିଏଶନ୍ ପକ୍ଷରୁ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ୨୦ ଜିଲାର ୨୦୦ରୁ ଅଧିକ ପ୍ରତିଯୋଗୀ ଓ ୩୦ ଜଣ ଅଧିକାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଟାଟା ରିଫ୍ୟାକ୍ଟୋରୀ ଲିମିଟେଡ (ଟିଆର୍‌ଏଲ୍) ଡିଜିଏମ୍ ପ୍ରଫୁଲ୍ଲ ରଥ ମୁଖ୍ୟ ଅତିଥି ଭାବରେ ଓ ଓଡ଼ିଶା ଉଷୁ ଆସୋସିଏଶନ ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ।

# ଝାରସୁଗୁଡ଼ା ଚାମ୍ପିୟନ, ଖୋର୍ଦ୍ଧା ରନରଅପ୍

ବାଲୁଗାଁ, ୨୭।୮
(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଶୋକନଗର ସ୍ଥିତ ବଣିକ ସଂଘ ଗୃହ ପରିସରରେ ଖୋର୍ଦ୍ଧା ଜିଲା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଦୁଇ ଦିନିଆ ଷଷ୍ଠ ଇଣ୍ଡୋନେସିଆନ୍ ମାର୍ଶଲ ଆର୍ଟ ଚାମ୍ପିୟନଶିପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିୟନ ହୋଇଥିବା ବେଳେ ଖୋର୍ଦ୍ଧା ରନରଅପ୍ ଏବଂ ଯାଜପୁର ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିଥିଭାବେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ପୂର୍ବତନ ପିସିସି ସମ୍ପାଦକ ଅଲେଖ ଚନ୍ଦ୍ର ସାମଲ, ରାଷ୍ଟ୍ରୀୟ କିଷାନ ମଜଦୁର ସଂଘ ସଭାପତି ସଚିନ ମହାପାତ୍ର, ରାଜ୍ୟ କ୍ରୀଡ଼ା ବିଭାଗ ଅଧିକାରୀ ସନାତନ ସାହୁ, ନରେନ ପାତ୍ର, ଚିଲିକା ପ୍ରେସ୍ କ୍ଲବ ସଭାପତି ପ୍ରକାଶ କୁମାର ପ୍ରଧାନ, ଓଡ଼ିଶା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନର ସଭାପତି ତାପସ କୁମାର ରାୟଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମସିଂ ଥାପା, ଖୋର୍ଦ୍ଧା ଜିଲା ଅନୁଷ୍ଠାନର ସଭାପତି ସାରଦା ପ୍ରସନ୍ନ ଦାସ, ବନମାଳୀ ସାହୁ, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ବିଜୟୀ ଟିମ୍ ସହ ପ୍ରତ୍ୟେକ ଜିଲାର ଉତ୍କୃଷ୍ଟ କୌଶଳ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଟ୍ରଫି ସହ ଝାରସୁଗୁଡ଼ା ଦଳ।







ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply | WORLD'S NO.1 22 YEARS IN A ROW$ MOTORCYCLE & SCOOTER COMPANY | i3S Technology Idle-Stop-Start System

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or Call Toll-Free 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22)

Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

**AUTHORISED DEALERS: Bhubaneswar: Rohan Hero**, Ph: 9289922474, **Bharat Hero**, Ph: 7799766378, **DD Hero**, Ph: 0674-2747448 / 9439650824, **Arundhati Hero**, Ph: 9289923183, **Cuttack: JMG Hero**, Ph: 9289922178, **Sunny Hero**, Ph: 9289922697, **Essen Hero**, Ph: 9289923078, **Angul: Parbati Hero**, Ph: 9289922902, **Balasore: Neelam Hero**, Ph: 9289922519, **Baripada: Aditya Hero**, Ph: 7799766370, **Bhadrak: Sanjib Hero**, Ph: 9289922608, **Chandikhol: S. K. Hero**, Ph: 9289922900, , **Jajpur Road: Soumik Hero**, Ph: 9289922611, **Jaleswar: Sai Hero**, Ph: 9289922844, **Jatni: Vishal Hero**, Ph: 9289922984, **Keonjhar: Supreme Hero**, Ph: 9289922182, **Nayagarh: Bhagabati Hero**, Ph: 9289922687, **Puri: Sanjib Hero**, Ph: 9289923107, **Behrampur: Lakshmi Motors, Dharma Nagar**, Ph: 9289923187, **Lakshmi Automotives, Gajapati Nagar**, Ph: 9289922184, **Jeypore: Supreme Hero**, Ph: 9289922183, **Phulbani: Narayani Hero**, Ph: 9289922991, **Raygada: Ajit Hero**, Ph: 9289922819, **Bargarh: Aakash Hero**, Ph: 9289922181, **Bhawanipatna: Arundhati Hero**, Ph: 9289922837, **Bolangir: Arundhati Hero**, Ph: 9289923033, **Jharsuguda: Vijaylaxmi Hero**, Ph: 9289922595, **Rourkela: Dua Hero**, Ph: 9289922179, **Sambalpur: Sri Shyam Hero**, Ph: 9289922484, **Sonepur: Jai Jawan Hero**, Ph: 9289922800, **Sundergarh: Robotech Hero**, Ph: 9289923063, **Dhenkanal: Som Hero**, Ph: 9289922614, **Talcher: Tarini Hero**, Ph: 9289922736, **Authorized HeroSure Dealers: Bhubaneswar: Arundhati Motobikes**, Ph- 7682841658, **Rourkela: Dua Motors**, Ph-6372753989.

WT.5628.2023ORI

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ